- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ♦VOLUME- 43 ♦ISSUE-164 ♦WEDNESDAY ♦10 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୪ ♦ବୁଧବାର ♦୧୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





# ବିଜୟ ଦେଲା ବାରବାଟୀ

## ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ପରାସ୍ତ; ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

■ କଟକ,୯।୧୨(ତୁଷାର ସେନାପତି): ହାର୍ଦ୍ଦିକ ପାଣ୍ଡ୍ୟା (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଅପରାଜିତ ଅର୍ଦ୍ଧଶତକ ଓ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍ ନାଲିମାଟି ପିଚ୍‌ରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ନେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ବାରବାଟୀରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ଧାରାରୁ ମୁକୁଳିଛି। ଏଠାରେ ପୂର୍ବରୁ ଉଭୟ ଦଳ ପରସ୍ପର ସହ ୨ଟି ମ୍ୟାଚ୍ ଖେଳିଥିଲାବେଳେ ଉଭୟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ତୃତୀୟ

### ଦକ୍ଷିଣ ଆଫ୍ରିକା ବିରୋଧରେ ପରାଜୟ ଧାରା ଭାଙ୍ଗିଲା

ମୁକାବିଲାରେ ଭାରତ ବିଜୟୀ ହୋଇ ଏହି ଧାରାରେ ବ୍ରେକ୍ ଲଗାଇଛି। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ମୋହାଲିର ମୁଲାନପୁରଠାରେ ଡିସେମ୍ବର ୧୧ ତାରିଖ ବା ଗୁରୁବାର ଖେଳାଯିବ।

ବାରବାଟୀରେ ଏହା ଚତୁର୍ଥ ଟି-୨୦ ହୋଇଥିଲାବେଳେ ଭାରତ ୨ଟି ଲେଖାଏଁ ଜୟ ପରାଜୟ ରେକର୍ଡର ଅଧିକାରୀ ହୋଇଛି। ୧୯୮୨ରୁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହୋଇଆସୁଥିଲାବେଳେ ପ୍ରଥମଥର ପିଚ୍ ନାଲିମାଟିରେ ନିର୍ମିତ ହୋଇଥିଲା। ଆଶା ଅନୁଯାୟୀ ପିଚ୍ ଫାଷ୍ଟ ହୋଇଥିଲା ଓ ବୋଲରଙ୍କୁ ସୁହାଇଥିଲା। ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ପ୍ରସ୍ତୁତ ଥିବାବେଳେ ଭାରତର ବିଜୟ ଅନ୍ୟ ସମସ୍ତ ଦୁର୍ବଳତା ଓ ଆଶଙ୍କାକୁ ଦୂର କରିବାରେ ସମର୍ଥ ହୋଇଛି। ୧୦ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସଂକଟ ମୋଚକ ସାବ୍ୟସ୍ତ ହୋଇଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ଦରମା ବଢ଼ିଲା ୩ ଗୁଣ

## ୨୦୨୪ ଜୁନ୍‌ରୁ ପିଛିଲା ଲାଗୁ; ସଦସ୍ୟଙ୍କୁ ମିଳିବ ୧୮ ମାସର ବକେୟା

■ ଭୁବନେଶ୍ୱର, ୯।୧୨ (ସମିସ): ମଙ୍ଗଳବାର ବିଧାନସଭାର ଶେଷ ଦିନରେ ମନ୍ତ୍ରୀ, ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ମିଳିଛି ଅନୁମୋଦନ। ୮ ବର୍ଷ ପରେ ଏହି ଦରମା, ଭତ୍ତା ଓ ପେନସନ ବୃଦ୍ଧି ହୋଇଥିବା ବେଳେ ପିଛିଲା ଭାବରେ ଗତ ୨୦୨୪ ଜୁନ ୫ରୁ ଲାଗୁ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ଦ୍ଧିତ ଦରମା ଓ ଭତ୍ତାକୁ ହିସାବକୁ ନେଲେ ବିଧାୟକମାନେ ମାସିକ ପ୍ରାୟ ୩.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଇବେ। ସେହିପରି ମୁଖ୍ୟମନ୍ତ୍ରୀ ୩.୭୪ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ୩.୬୮ ଲକ୍ଷ ଟଙ୍କା, କ୍ୟାବିନେଟ ମନ୍ତ୍ରୀ ଓ ବିରୋଧୀଦଳ ନେତା ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ୩.୬୨ ଲକ୍ଷ, ରାଷ୍ଟ୍ରମନ୍ତ୍ରୀ ଓ ଉପବାଚସ୍ପତି ୩.୫୬ ଲକ୍ଷ, ସରକାରୀ ଦଳ ଉପମୁଖ୍ୟ ସଚେତକୁ ୩.୫ ଲକ୍ଷ ଟଙ୍କା ଦରମା ପାଇବେ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସରକାର ଏବେ ସ୍ୱୟଂଚାଳିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ▶ପୃଷ୍ଠା-୭



### ପେନସନ୍ ୩୫ ହଜାରରୁ ୮୦ ହଜାରକୁ ବୃଦ୍ଧି

- ▶ ଦିନଟିଏ ବିଧାୟକ ହେଲେ ବି ମିଳିବ ପେନସନ
- ▶ ୫ବର୍ଷ ପରେ ବର୍ଷକୁ ବଢ଼ିବ ୩ ହଜାର ଅତିରିକ୍ତ ରାଶି
- ▶ ମୃତ ବିଧାୟକଙ୍କ ପରିବାର ପାଇବେ ୨୫ ଲକ୍ଷ
- ▶ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମାସିକ ସର୍ବନିମ୍ନ ୧.୧୭ ଲକ୍ଷ

■ ଭୁବନେଶ୍ୱର,୯।୧୨(ସମିସ): କେବଳ ବିଧାୟକ, ମନ୍ତ୍ରୀ, ବାଚସ୍ପତି ନୁହେଁ, ପୂର୍ବ ବିଧାୟକଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ପୂର୍ବତନ ବିଧାୟକଙ୍କୁ ୩୫ ହଜାର ଟଙ୍କା ପେନସନ ମିଳୁଥିବାବେଳେ ଏବେ ଏହାକୁ ୮୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପେନସନ ଓ ଅନ୍ୟାନ୍ୟ ସହାୟତାକୁ ମିଶାଇଲେ ଜଣେ ପୂର୍ବତନ ବିଧାୟକ ସର୍ବନିମ୍ନ ୧ ଲକ୍ଷ ୧୭ ହଜାର ଟଙ୍କା ପେନସନ ପାଇବେ। ବିଲ ପାରିତ ହେବା ସହ ପେନସନ ପାଇଁ ରହିଥିବା ଗୋଟିଏ ବର୍ଷର କାର୍ଯ୍ୟକାଳ ନିୟମକୁ ଉଠାଇ ଦିଆଯାଇଛି। ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖଠାରୁ ବିଧାୟକଙ୍କ କାର୍ଯ୍ୟକାଳକୁ ପେନସନ ପାଇଁ ହିସାବକୁ ନିଆଯିବ। ନୂଆ ନିୟମ ଅନୁଯାୟୀ ୫ ବର୍ଷ ବିଧାୟକ ହେବା ପରେ ପରବର୍ତ୍ତୀ ଯେତେ ଅଧିକ ବର୍ଷ ସେ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ପ୍ରତି ଅତିରିକ୍ତ ପୂର୍ଣ୍ଣ ବର୍ଷ ଲାଗି ମାସିକ ୩ ହଜାର ଟଙ୍କା ଲେଖାଏଁ ▶ପୃଷ୍ଠା-୭

### ୧୮ କାର୍ଯ୍ୟଦିବସ ପୂର୍ବରୁ ସରିଲା ବିଧାନସଭା

■ ଭୁବନେଶ୍ୱର, ୯।୧୨ (ସମିସ): ନିର୍ଦ୍ଧାରିତ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ମଙ୍ଗଳବାର ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଶେଷ ହୋଇଛି। ମାତ୍ର ୧୧ ଦିନ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଗୃହରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। କୌଣସି ସରକାରୀ କାର୍ଯ୍ୟ ନଥିବା ହେତୁ ଗୃହକୁ ମୁଲତବି କରିବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସନାତନ ବିଜୁଳି, ଗୌରୀ ଶଙ୍କର ମାଝୀ ପ୍ରମୁଖ ସମର୍ଥନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ▶ପୃଷ୍ଠା-୭

## ଏସ୍‌ଆଇଆର୍ ମାମଲାରେ ସରକାରଙ୍କୁ ନିର୍ଦ୍ଦେଶ

# ବିଏଲଓଙ୍କୁ ସୁରକ୍ଷା ଦିଅ: ସୁପ୍ରିମ୍‌କୋର୍ଟ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ପଶ୍ଚିମ ବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ କାମରେ ବାଧା ଦିଆଯିବା ସହିତ ସେମାନଙ୍କୁ ଧମକ ମଧ୍ୟ ମିଳୁଛି। ଅଭିଯୋଗ କରିବା ସତ୍ତ୍ୱେ ସେମାନଙ୍କୁ ସୁରକ୍ଷା ଯୋଗାଉ ନାହାନ୍ତି ରାଜ୍ୟ ସରକାର। ଆଜି ନିର୍ବାଚନ କମିସନ ଏଭଳି ଅଭିଯୋଗ ଆଣିବା ପରେ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଏଲଓଙ୍କୁ ସୁରକ୍ଷା ଯୋଗାଇବା ସହିତ ଏସଆଇଆର କାର୍ଯ୍ୟରେ ସହଯୋଗ କରିବା ଲାଗି ସଂପୃକ୍ତ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏଥିରେ ବିଫଳ ହେବେ ସେମାନଙ୍କ ସଂପର୍କରେ ଜଣାଇବା ଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି। ଏହାପରେ କୋର୍ଟ ଆବଶ୍ୟକ ପଦକ୍ଷେପ ନେବେ।



### ନିର୍ବାଚନ କମିସନ ପଦକ୍ଷେପ ନ ନେଲେ ଅରାଜକତା ସୃଷ୍ଟିହେବ

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରୁଥିବା ବେଳେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଆଡେଭୋକେଟ ରାକେଶ ଦ୍ୱିବେଦୀ ଉପରୋକ୍ତ ଅଭିଯୋଗ ଆଣିଥିଲେ।

ସେ କହିଲେ ଯେ ଅନେକ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ପରିସ୍ଥିତିର ମୁକାବିଲା ଲାଗି ସ୍ଥାନୀୟ ପୁଲିସକୁ ଆମେ ଡେପୁଟେସନରେ ନେବାକୁ ବାଧ୍ୟ ହେବୁ। ତଥାପି ପରିସ୍ଥିତିରେ ଉନ୍ନତି ନଘଟିଲେ କେନ୍ଦ୍ରୀୟ ନିରାପତ୍ତା ବାହିନୀ ମୁତୟନ କରିବା ଲାଗି ବାଧ୍ୟ ହେବୁ। ଏହି ସମୟରେ ଜଷ୍ଟିସ ବାଗଚି କହିଲେ ଯେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନହେବା ପର୍ଯ୍ୟନ୍ତ ପୁଲିସକୁ କମିସନ ନିଜ ଅକ୍ତିୟାରକୁ ନେଇପାରିବ ନାହିଁ। କିନ୍ତୁ ଦ୍ୱିବେଦୀ କହିଲେ ଯେ ଏସଆଇଆର କାମରେ ନିୟୋଜିତ ବିଏଲଓ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଲାଗି ପଦାକ୍ଷେପ ନେବାପାଇଁ କମିସନ ପାଖରେ ସବୁ ପ୍ରକାର ସାମ୍ବିଧାନିକ କ୍ଷମତା ରହିଛି। ପ୍ରଧାନ ବିଚାରପତି କହିଲେ ଯେ ଏହା ଏକ ଗୁରୁତର ପରିସ୍ଥିତି। ତେଣୁ ନିୟମ ଅନୁଯାୟୀ ପଦକ୍ଷେପ ନିଅ, ନହେଲେ ଅରାଜତକା ସୃଷ୍ଟି ହେବ। ବିନା ▶ପୃଷ୍ଠା-୭

## ଇଣ୍ଡିଗୋର ପକ୍ଷଚ୍ଛେଦନ କଲେ କେନ୍ଦ୍ର ସରକାର

# କାଟିଦେଲେ ୧୦% ବିମାନ ଉଡ଼ାଣ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଭାରତର ସବୁଠାରୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋରେ ଚାଲିଥିବା ସଙ୍କଟ ଅଷ୍ଟମ ଦିନରେ ମଧ୍ୟ ଜାରି ରହିଛି। ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ନ ଥିବାବେଳେ ସରକାର ଏହି ଏୟାରଲାଇନ୍ସ ବିରୋଧରେ ମଙ୍ଗଳବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ପକ୍ଷଚ୍ଛେଦନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଇଣ୍ଡିଗୋର ୧୦ ପ୍ରତିଶତ ବିମାନ ଉଡ଼ାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଚାହିଦା ଏବଂ ହାଇ-ଫ୍ରିକ୍ୱେନ୍ସି ମାର୍ଗରେ ଏହି ହ୍ରାସ କରାଯାଇଛି। ୫ ପ୍ରତିଶତ ହ୍ରାସ କରିବା ଲାଗି ଦିନରେ ସରକାର ଘୋଷଣା କରିଥିବା ବେଳେ ସନ୍ଧ୍ୟାରେ ଏହାକୁ ୧୦ ପ୍ରତିଶତ କରିଛନ୍ତି। ଏହାଦ୍ୱାରା ଇଣ୍ଡିଗୋର ଦୈନିକ ଉଡ଼ାଣ ୨୩୦୦ରୁ ୨ ହଜାରକୁ ଖସି ଆସିବ। ଏବେ ଇଣ୍ଡିଗୋର ଦୈନିକ ଉଡ଼ାଣର ୧୦ ପ୍ରତିଶତ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟନ କରାଯାଇପାରିବ। ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିପାରେ। ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଦିନକୁ ୨୩୦୦ ବିମାନ ପରିଚାଳନା କରିଥାଏ। ତେଣୁ ହ୍ରାସର ପ୍ରଭାବ ▶ପୃଷ୍ଠା-୭

## ପୋଟେରୁ ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାର ଘଟଣା

# ମାଟି ମୁଣ୍ଡ ଲଗାଇ ଅନ୍ତିମ ସଂସ୍କାର



■ ମାଲକାନଗିରି/କୋରୁକୋଣ୍ଡା, ୯।୧୨(ସମିସ): ପୁଲିସ, ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ନୟାନ୍ତ ହୋଇଗଲେ; କିନ୍ତୁ ମୁଣ୍ଡ ମିଳିଲାନି। ତେଣୁ, ମାଟିମୁଣ୍ଡ ତିଆରି କରି ମହିଳାଙ୍କ ଅନ୍ତିମ ସତ୍କାର କଲେ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା ପୋଟେରୁ ନଦୀରୁ ଉଦ୍ଧାର ହୋଇଥିବା ମୁଣ୍ଡବିହୀନ ମହିଳା ରାଖେଲଗୁଡ଼ାର ଲୋକେ ପଡ଼ିଆମି (୫୧)ଙ୍କ ଆଜି ଏପରି ଅନ୍ତିମ ସଂସ୍କାର ହୋଇଛି। ପୁଲିସ ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ରହି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ଶବ ସଂସ୍କାର କରାଇଛନ୍ତି।

### ଦୁଇ ଗ୍ରାମର ଅଧିବାସୀଙ୍କ ଶାନ୍ତି କମିଟି ବୈଠକ

### ରାଖେଲଗୁଡ଼ା, ଏମ୍‌ଭି-୨୬ରେ ପୁଲିସ ଛାଉଣୀ

ଅପରପକ୍ଷେ, ଏହି ଘଟଣାକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ବାଟ ଫିଟିଛି। ସଂଧ୍ୟାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପୁଲିସ ଓ ପ୍ରଶାସନ ଉପସ୍ଥିତିରେ ଦୁଇ ଗ୍ରାମର ଅଧିବାସୀଙ୍କୁ ନେଇ ବସିଥିବା ଶାନ୍ତି କମିଟି ବୈଠକ ସଫଳ ହୋଇଛି। ଉଭୟ ପକ୍ଷ ହିଂସାକାଣ୍ଡ ଛାଡ଼ି ଶାନ୍ତିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ସଦସ୍ୟ ରହିବେ। ଉତ୍ତେଜନା ପ୍ରଶମିତ ନ ▶ପୃଷ୍ଠା-୭

# ବଦଳିଲା +୨ ପରୀକ୍ଷା ସୂଚୀ

■ ଭୁବନେଶ୍ୱର, ୯।୧୨ (ସମିସ): ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୧୧ ଓ ୨୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ ତାରିଖରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବର୍ଗର ପରୀକ୍ଷା ୨୩ ତାରଖରେ ଅନୁଷ୍ଠିତ ହେବ। ସେହିପରି, ମାର୍ଚ୍ଚ ୨୧ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ପରିବର୍ତ୍ତନ ହେବା ପରେ ସମସ୍ତ ପରୀକ୍ଷା ମାର୍ଚ୍ଚ ୨୫ତାରିଖରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରୁ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ।

**ମାର୍ଚ୍ଚ ୧୧ ଓ ୨୧ରେ ପରୀକ୍ଷା ୨୩ ଓ ୨୫ରେ ହେବ**

# ୧୦ ଡିଗ୍ରୀ ତଳେ ୧୧ ସହର

■ ଭୁବନେଶ୍ୱର, ୯।୧୨ (ସମିସ): ରାଜ୍ୟରେ ଜାରି ରହିଛି ପ୍ରବଳ ଶୀତ। ପୂର୍ବରୁ-ପଶ୍ଚିମ, ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ଲହରୀ ଜାରି ରହିଥିବା ବେଳେ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ୧୧ ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିବା ବେଳେ ଜି. ଉଦୟଗିରିରେ ୪.୮, ସେମିଳିଗୁଡାରେ ୬.୨, ଫୁଲବାଣୀରେ ୬.୮, ଚିପିଲିମାରେ ୭.୩, ରାଉରକେଲାରେ ୭.୬, ଦାରିଙ୍ଗବାଡିରେ ୮, ଅନୁଗୁଳ ୯, ଭବାନୀପାଟଣା ୯, କିରେଇ ୯.୩, କୋରାପୁଟ ୧୦ ଓ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ଦୁଇ ଦିନ ଶୀତର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୨ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ▶ପୃଷ୍ଠା-୭

**ଜି.ଉଦୟଗିରିରେ ୪.୮ ଡ଼ିଗ୍ରୀ**

**୭ ଜିଲ୍ଲା ପାଇଁ ଶୀତ ଲହରୀ ଆଲର୍ଟ**

# ଭାଙ୍ଗିଲା ଦାଦନମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନ

■ ଭୁବନେଶ୍ୱର, ୯।୧୨ (ସମିସ): ଗତ ବର୍ଷ ତୁଳନାରେ ଏ ବର୍ଷ ରାଜ୍ୟରୁ ଅଧିକ ସଂଖ୍ୟକ ଦାଦନ ଶ୍ରମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୨୫ ନଭେମ୍ବର ସୁଦ୍ଧା ରାଜ୍ୟରୁ ୭୦ ହଜାର ୩୬୦ ଜଣ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି। ଗତ ବର୍ଷ ଅର୍ଥାତ ୨୦୨୪ରେ ଏହି ସମୟରେ ରାଜ୍ୟ ବାହାରକୁ ଯାଇଥିବା ଦାଦନଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଧିକ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ସୂଚନା ମିଳିଛି। ବିଡ଼ମ୍ବନା ହେଉଛି ରାଜ୍ୟ ବାହାରକୁ କାମ ଖୋଜିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ସବୁଠୁ ଆଗରେ ରହିଛି। ଦାଦନ ସମସ୍ୟାର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଟାସ୍କ ଫୋର୍ସ ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଜିଲ୍ଲାରୁ ସର୍ବାଧିକ ୫୧ ହଜାର ୫୮୧ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ଏହାପରେ ରହିଛି ନୂଆପଡ଼ା ଜିଲ୍ଲା। ଏହି ଜିଲ୍ଲାରୁ ୮୬୫୫ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି। ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ



ଏହି ତଥ୍ୟ ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଦାଦନ ଚାଲାଣ ପାଇଁ ଠିକାଦାରଙ୍କ ଲାଇସେନ୍ସ ମଧ୍ୟ ଗତବର୍ଷଠାରୁ ଚଳିତ ବର୍ଷ ବୃଦ୍ଧି ପାଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଗତବର୍ଷ ୧୦୩୭ ଦାଦନ ଠିକାଦାରଙ୍କୁ ଲାଇସେନ୍ସ ଦିଆଯାଇଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୧୦୭ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଅଧିକ ଅର୍ଥ ଉପାର୍ଜନ

### ରାଜ୍ୟକୁ କମୁଛି ‘ଏମ୍‌ଜିଏନ୍‌ଆରଇଜିଏସ୍’ ଅନୁଦାନ

### ଶ୍ରମିକଙ୍କୁ ୩୦୦ କାର୍ଯ୍ୟ ଦିବସ ପ୍ରତିଶ୍ରୁତି ଧୂଆଁବାଣ

ପାଇଁ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଶ୍ରମିକମାନେ ଯିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ନିମନ୍ତେ ଅକ୍ଟୋବର ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରବାସୀ ଶ୍ରମିକମାନଙ୍କୁ ବିଭିନ୍ନ କର୍ମ ଯୋଗାଣକ୍ଷମ ଯୋଜନା ଓ ସ୍ୱ-ରୋଜଗାର ଯୋଜନା ଗୁଡ଼ିକରେରେ ଅର୍ନ୍ତଭୁକ୍ତ କରାଉଛି। ଏଥିରେ ନିଆଯାଇଥିବା ପଦକ୍ଷେପ ମଧ୍ୟରେ ‘ଏମ୍‌ଜିଏନ୍‌ଆରଇଜିଏସ୍’ରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକର ୭୦୪ ଗ୍ରାମପଞ୍ଚାୟତରେ କାର୍ଯ୍ୟଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି। ଏହାସହ ରାଜ୍ୟରେ ୧୪ ଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ପଞ୍ଚାୟତ ▶ପୃଷ୍ଠା-୭



# ଭଗବାନ କୃଷ୍ଣଙ୍କୁ ବିବାହ କଲେ ଯୁବତୀ

ଲକ୍ଷ୍ନୌ, ୯।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ବଦାୟୁଁର ଏକ ନିଆରା ପ୍ରେମ କାହାଣୀ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ପ୍ରେମିକା ନିଜ ପ୍ରେମିକର ହାତ ଧରିଛନ୍ତି। ହେଲେ ପ୍ରେମିକ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି। ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ। ଏହି ଯୁବତୀ ସମ୍ପୂର୍ଣ୍ଣ ରୀତିନୀତିରେ ଭଗବାନଙ୍କ ବିଗ୍ରହକୁ ବିବାହ କରିଛନ୍ତି। ସାଧାରଣ ବିବାହ ଭଳି ବରଯାତ୍ରୀ ଆସିଛନ୍ତି। ବାଣ ଫୁଟିଛି, ବାରଯାତ୍ରୀ ନାଚିଛନ୍ତି। ଭୋଜିଭାତ ହୋଇ ଗାଁ ହୁଲୁକିଛି। ମାତାପିତା ସମ୍ପୂର୍ଣ୍ଣ ବିଧିରେ କନ୍ୟାଦାନ କରିଛନ୍ତି। ଇସଲାମନଗର ଥାନା ଅନ୍ତର୍ଗତ କାସିମାବାଦ ଗାଁରେ ଗତ ୬ ତାରିଖରେ ଏଭଳି ବିବାହ ହୋଇଥିଲା। ୨୮ ବର୍ଷୀୟ ପିଙ୍କି ଶର୍ମା ଶ୍ରୀକୃଷ୍ଣଙ୍କ ହାତ ଧରିଛନ୍ତି। ଏହି ବିବାହରେ ପିଙ୍କିଙ୍କ ଭିଣୋଇଙ୍କ ପରିବାର ବରଯାତ୍ରୀ ସାଜି ଆସିଥିଲେ। ସମଗ୍ର ଗ୍ରାମବାସୀ ଅତିଥି ସାଜିଥିଲେ। ପରିବାର ସଦସ୍ୟ ସବୁ ଧର୍ମ ପାଳନ କରିଥିଲେ। ବରଯାତ୍ରୀ ଘରେ ପହଞ୍ଚିବା ପରେ ଦ୍ୱାର ସଜା ଯାଇଥିଲା। କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଭଗବାନ ପ୍ରତିମାକୁ କୋଳରେ ଧରି ପିଙ୍କି ସାତ ଭେରା ବୁଲିଥିଲେ।

ପିଙ୍କିଙ୍କ ବାପା ସୁରେଶ ଚନ୍ଦ୍ର ଶର୍ମା କହିଛନ୍ତି ଯେ ଝିଅ ପିଲାଦିନରୁ ଧାର୍ମିକ ଥିଲେ। ସେ ପ୍ରାୟତଃ ତାଙ୍କ ପରିବାର ସହିତ ବୃନ୍ଦାବନ ଯାଉଥିଲେ। ଧୀରେ ଧୀରେ ସେ କୃଷ୍ଣଙ୍କୁ ନିଜର ସବୁକିଛି ଭାବିବାକୁ ଲାଗିଲେ। ତେବେ ଗତ ଚାରି ମାସ ତଳେ ପିଙ୍କିଙ୍କ ସହ ଏକ ଅଲୌକିକ ଘଟଣା ଘଟିଥିଲା। ସେ ବାଙ୍କେ ବିହାରୀ ମନ୍ଦିରରେ ପ୍ରସାଦ ସେବନ କରୁଥିବା ବେଳେ କୋଳରେ ଏକ ସୁନା ମୁଦି ପଡିଥିବାର ଦେଖାଯାଇଥିଲା। ପିଙ୍କି ଏହାକୁ ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ଭାବି ନେଇଥିଲେ ଏବଂ କେବଳ କୃଷ୍ଣଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ପରିବାର ସଦସ୍ୟ ଏଥିପାଇଁ ରାଜି ନ ଥିଲେ। ଝିଅ ବୁଝାଇବାରୁ ସେ ଏହି ବିବାହ ପାଇଁ ମଙ୍ଗି ଥିଲେ।

# ଛାତ୍ରୀଙ୍କ ମୁଣ୍ଡରେ ସିଲିଣ୍ଡର, ପିଠିରେ ସ୍କୁଲ୍ ବ୍ୟାଗ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବିଚଳିତ କରିବା ଭଳି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ୨୮ ସେକେଣ୍ଡର ଭିଡିଓରେ ଜଣେ ଛାତ୍ରୀଙ୍କୁ ଦେଖାଯାଉଛି। ଜଣେ ସ୍କୁଲ ଛାତ୍ରୀ ତାଙ୍କ ମୁଣ୍ଡରେ ଏକ ଗ୍ୟାସ ସିଲିଣ୍ଡର ଏବଂ ପିଠିରେ ସ୍କୁଲ୍ ବ୍ୟାଗ ପକାଇ ଯାଉଥିବା ଦେଖାଯାଉଛି। ତେବେ ଏହି ଭିଡିଓ କେବେ ଏବଂ କେଉଁଠାର ତାହା ଜଣାପଡ଼ି ନାହିଁ। ଲୋକେ ଏହି ଭିଡିଓ ଦେଖି ଭାବପ୍ରବଣ ହୋଇଯାଇଛନ୍ତି। ଏହି ଛାତ୍ରୀ ସ୍କୁଲରୁ ଫେରୁଥିବା ପରି ଲାଗୁଛି। ଦାୟିତ୍ୱର ବୋଝ ତାଙ୍କୁ ଏପରି କରିବାକୁ ବାଧ କରୁଥିବା ଭଳି ମନେ ହେଉଛି। ଏକା ସଙ୍ଗେ ଦୁଇ ଦୁଇଟି କର୍ତ୍ତବ୍ୟ ନିର୍ବାହ କରୁଥିବା ଛାତ୍ରୀଙ୍କ ଏହି ଭିଡିଓ ତାଙ୍କ ସଂଘର୍ଷମୟ ଜୀବନର କରୁଣ କାହାଣୀକୁ ଦର୍ଶାଉଛି। ଛାତ୍ରୀ ବିନା ଦ୍ୱିଧାରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଉଥିବା ଦେଖାଯାଉଛି। ଏହି ଭିଡିଓକୁ ନେଇ ଲୋକେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଉଛନ୍ତି। ଜଣେ ଲେଖିଛନ୍ତି ଯେ ଦାରିଦ୍ର୍ୟ ପିଲାମାନଙ୍କ ଶୈଶବକୁ ଛଡ଼ାଇ ନେଉଛି ବୋଲି ଏହା ଦର୍ଶାଉଛି। ଅନ୍ୟ ଜଣେ ଲେଖିଛନ୍ତି, ଦାୟିତ୍ୱ ବୟସ ଦେଖି ନଥାଏ, କିନ୍ତୁ ସମାଜ ଏହା ନିଶ୍ଚିତ ଦେଖିବା ଉଚିତ୍। ସେହିପରି କୌଣସି ପିଲା ଏପରି ସ୍ଥିତିର ସମ୍ମୁଖୀନ ନ ହୁଅନ୍ତୁ ବୋଲି ଆଉ ଜଣେ ବ୍ୟକ୍ତି କହିଛନ୍ତି।



# ଜନ୍ମଦିନରେ ସୋନିଆ ଗାନ୍ଧୀଙ୍କୁ କୋର୍ଟ ନୋଟିସ୍



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ମଙ୍ଗଳବାର ୭୯ତମ ଜନ୍ମ ଦିବସ ପାଳନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପଟେ ଜନ୍ମଦିନରେ ସୋନିଆଙ୍କୁ ଅଜବ ଉପହାର ମିଳିଛି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋନିଆଙ୍କୁ ନୋଟିସ ଜାରି କରିଛନ୍ତି। ୧୯୮୦-୮୧ ଭୋଟର ତାଲିକାରେ ବେଆଇନ ଭାବେ ନାମ ସାମିଲ କରିବା ମାମଲାର ବିଚାର କରି କୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ଜାନୁଆରୀ ୬ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କୋର୍ଟ ଏହି ମାମଲାରେ ଦିଲ୍ଲୀ ପୁଲିସକୁ ମଧ୍ୟ ଜବାବ ମାଗିଛନ୍ତି। ସୋନିଆ ଗାନ୍ଧୀ ଭାରତୀୟ ନାଗରିକ ହେବା ପୂର୍ବରୁ ତାଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ମାଜିଷ୍ଟ୍ରେଟଙ୍କ କୋର୍ଟ ଏହି ମାମଲାରେ ଦାଏର ଅଭିଯୋଗକୁ ଖାରଜ କରିଦେଇଥିଲେ। କୋର୍ଟ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ସମ୍ପୂର୍ଣ୍ଣ ମାମଲାର ରେକର୍ଡ (ଟିସିଆର) ଦେବାକୁ କହିଛନ୍ତି। ମା ଓକିଲ ବିକାଶ ତ୍ରିପାଠୀ ଏହି ଆବେଦନ ଦାଏର କରିଥିଲେ। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗାନେ ଏହାର ଶୁଣାଣି କରିଥିଲେ। ଆବେଦନକାରୀ ଦାବି କରିଥିଲେ ଯେ, ୧୯୮୦ରେ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ସୋନିଆଙ୍କ ନାମ ଥିଲା। ସେତେବେଳେ ସେ ଭାରତୀୟ ନାଗରିକ ହୋଇ ନ ଥିଲେ। ୧୯୮୩ ଏପ୍ରିଲରେ ତାଙ୍କୁ ଭାରତୀୟ ନାଗରିକତା ମିଳିଥିଲା। ଏଭଳି କରିବା ଅପରାଧ ବୋଲି ଓକିଲ କହିଥିଲେ। କୋର୍ଟ ଏହାକୁ ନେଇ ସୋନିଆଙ୍କ ପକ୍ଷ ଶୁଣିବା ନିମନ୍ତେ ନୋଟିସ ଜାରି କରିଥିଲେ।

# ହୃଦ୍‌ଘାତରେ ମହିଳା ବିଏଲଓଙ୍କ ମୃତ୍ୟୁ

ଭୋପାଳ, ୯।୧୨ (ଏଜେନ୍ସି):ମଧ୍ୟପ୍ରଦେଶ ସାଗର ଜିଲ୍ଲା ନିୱାରୀର ବିଏଲଓ ଲକ୍ଷ୍ମୀ ଜୋରାଲିଆ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଏକ ସରକାରୀ ପ୍ରାଥମିକ ଶିକ୍ଷକ ଥିଲେ। ମୃତକଙ୍କ ପୁଅ କହିଛନ୍ତି ଯେ, ଏସଆଇଆରକୁ ନେଇ ମାଆ ମାନସିକ ଚାପରେ ଥିଲେ। ଏଥିଯୋଗୁଁ ୧୦ ଦିନ ତଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସେହି ଦିନଠାରୁ ସାଗର ଡାକ୍ତରଖାନାରେ ଏବଂ ଭୋପାଳର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ସେ ଚାରି ପାଞ୍ଚ ବର୍ଷ ହେଲା ବିଏଲଓ ଭାବେ କାମ କରୁଥିବା ପରିବାର ସଦସ୍ୟ କହିଛନ୍ତି। ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ରାଜ୍ୟର ୮ ବିଏଲଓ ପ୍ରାଣ ହରାଇଲେଣି।

# ଭାରତ ଆସିପାରନ୍ତି ଜେଲେଁସ୍କି

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ଆସନ୍ତା ମାସରେ ଭାରତ ଗସ୍ତରେ ଆସିପାରନ୍ତି। ତେବେ ଏ ପର୍ଯ୍ୟନ୍ତ ଏହାର ତାରିଖ ଧାର୍ଯ୍ୟ ହୋଇନାହିଁ। ଏହା ଜେଲେଁସ୍କିଙ୍କ ପ୍ରଥମ ଭାରତ ଗସ୍ତ ହେବ। ୟୁକ୍ରେନୀୟ ରାଷ୍ଟ୍ରପତିମାନେ କେବଳ ତିନିଥର ୧୯୯୨, ୨୦୦୨ ଏବଂ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ। ଶେଷ ଥର ପାଇଁ ରାଷ୍ଟ୍ରପତି ଭିକ୍ଟର ୟାନୁକୋଭିଚ୍ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ। ରିପୋର୍ଟ ଅନୁଯାୟୀ, ରୁଷ ଏବଂ ୟୁକ୍ରେନ ମଧ୍ୟରେ ଭାରତ ସନ୍ତୁଳନ ବଜାୟ ରଖିବାକୁ ଚାହୁଁଛି। ୨୦୨୪ରେ ମଧ୍ୟ ଭାରତ ଏପରି କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ମସ୍କୋ ଗସ୍ତ କରି ପୁତିନଙ୍କ ସହ ସାକ୍ଷାତ କରିଥିଲେ। ଏହାର କିଛି ସପ୍ତାହ ପରେ ସେ ଜେଲେଁସ୍କିଙ୍କ ସହ ସାକ୍ଷାତ ପାଇଁ କିଭ ଗସ୍ତରେ ଯାଇଥିଲେ। ଗତ କିଛି ମାସ ହେଲା ଭାରତ ଏବଂ ୟୁକ୍ରେନୀୟ ଅଧିକାରୀଙ୍କ ମଧ୍ୟରେ ଆନୁଷ୍ଠାନିକ ଆଲୋଚନା ଜାରି ରହିଛି। ପୁତିନଙ୍କ ଗସ୍ତ ପୂର୍ବରୁ ଏହା ଆରମ୍ଭ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଜେଲେଁସ୍କିଙ୍କ ଗସ୍ତ କେବେ ଏବଂ କିପରି ହେବ ତାହା ଅନେକ ପ୍ରସଙ୍ଗ ଉପରେ ନିର୍ଭର କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶାନ୍ତି ଯୋଜନା, ଯୁଦ୍ଧର ସ୍ଥିତି, ୟୁକ୍ରେନ ରାଜନୀତିକୁ ଦେଖି ଏହା ସ୍ଥିର କରାଯିବ। କାରଣ ଏବେ ଜେଲେଁସ୍କି ସରକାର ଉପରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏଥିପାଇଁ ରାଷ୍ଟ୍ରପତି ଚାପରେ ଅଛନ୍ତି।



# ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରିଥିଲା ‘ବନ୍ଦେ ମାତରମ’

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଲୋକସଭା ପରେ ମଙ୍ଗଳବାର ରାଜ୍ୟସଭାରେ ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ’ ଉପରେ ଚର୍ଚ୍ଚା ହୋଇଛି। ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗାନ୍ଧୀ ପରିବାରକୁ ସମାଲୋଚନା କରିଛନ୍ତି। ଏହି ସଙ୍ଗୀତ ଭାଗ ଭାଗ ହେବାରୁ ଦେଶ ବିଭାଜନ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଦାୟୀ କରିଛନ୍ତି। ତାଙ୍କ ଯୋଗୁଁ ‘ବନ୍ଦେ ମାତରମ’ ସଂପୂର୍ଣ୍ଣ ହୋଇପାରିନଥିଲା। ୧୯୩୭ରେ ନେହରୁ ବନ୍ଦେ ମାତରମର ୨ଟି ପାରାକୁ ମାନ୍ୟତା ଦେଇଥିଲେ। ଏହିଠାରୁ ଦେଶରେ ତୁଷ୍ଟୀକରଣ ରାଜନୀତି ଆରମ୍ଭ ହୋଇଥିଲା। ଏହି ନିଷ୍ପତ୍ତି ପାଇଁ ଦେଶ ବିଭାଜନର ରାସ୍ତା ପ୍ରସ୍ତୁତ କରାଯାଇଥିଲା। ଯଦି ସେ ସମୟରେ ସମ୍ପୂର୍ଣ୍ଣ ବନ୍ଦେ ମାତରମକୁ ସ୍ୱୀକାର କରାଯାଇଥାଆନ୍ତା ତେବେ ଭାରତ ବିଭାଜନ ହୋଇ ନ ଥାଆନ୍ତା। ବନ୍ଦେ ମାତରମକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶକୁ ବନ୍ଦୀ ବନାଇ ଦିଆଯାଇଥିଲା। ଶାହା କହିଥିଲେ ଯେ ବନ୍ଦେ ମାତରମ ଭାରତର ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରାଇଥିଲା। ଏହା ସ୍ୱାଧୀନତା ସଂଗ୍ରାମ ସମୟରେ ଯେତିକି ପ୍ରାସଙ୍ଗିକ ଥିଲା ଏବେ ମଧ୍ୟ ସେତିକି ରହିଛି। ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ତାହାକୁ ନିର୍ବାଚନ ସହ ଯୋଡୁଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସାରେ ବିରୋଧୀ ଦଳର ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ଯେ କୌଣସି କାର୍ଯ୍ୟକ୍ରମରେ ବନ୍ଦେ ମାତରମର ଆଗ ଦୁଇ ପାରା ବୋଲିବାକୁ ନେହେରୁ, ମହାତ୍ମା ଗାନ୍ଧୀ, ମୌଲାନା ଆଜାଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସର୍ଦ୍ଦାର ପଟେଲଙ୍କ ଭଳି କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ। ଏହି କମିଟିରେ କ’ଣ ନେହରୁ ଏକାକୀ ଥିଲେ କି? ଏଭଳି ମନ୍ତବ୍ୟ ଦେଇ ସବୁ ବଡ଼ ନେତାଙ୍କୁ ଅପମାନିତ କରାଯାଉଛି। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ କାହିଁକି ନେହରୁଙ୍କୁ ନିଶାଣ କରୁଛନ୍ତି ବୋଲି ଖଡଗେ ପଚାରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ସଙ୍ଗୀତ ପ୍ରତ୍ୟେକ ଭାରତୀୟ ଆତ୍ମାରେ ରହିଛି। ତେବେ ଏହାକୁ ନେଇ ରାଜନୀତି କରାଯିବ ଉଚିତ ନୁହେଁ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ, ବେକାରୀ ସମସ୍ୟା ଓ ଦରଦାମ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହେଉ। ଏଭଳି ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ଲାଗି ସରକାର ବନ୍ଦେ ମାତରମ ଉପରେ ଆଲୋଚନା କରୁଛନ୍ତି।

ସେହିପରି ଏହି ସଙ୍ଗୀତ ଦେଶକୁ ଏକାଠି କରି ରଖୁଛି ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ କହିଥିଲେ। ସମସ୍ତେ ଏକାଠି ହୋଇ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ।



- ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ନିର୍ବାଚନ ସହ ଯୋଡୁଛନ୍ତି: ଶାହା
- ଅସଲ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଉଦ୍ୟମ କରୁଛନ୍ତି ସରକାର: ଖଡ଼ଗେ

# ଏସ୍‌ଆଇଆର ଆଲୋଚନା ବେଳେ ରାହୁଲଙ୍କ ପ୍ରଶ୍ନ

## ନିର୍ବାଚନ କମିସନ ମନୋନୟନ କମିଟିରୁ ସିଜେଆଇଙ୍କୁ ବାଦ୍ ଦିଆଗଲା କାହିଁକି?

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନର ମନୋନୟନ ଲାଗି ଉଦ୍ଦିଷ୍ଟ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଗଲା? ଏହା ପଛରେ ଉଦ୍ଦେଶ୍ୟ କଣ? ଲୋକସଭାରେ ଆଜି ଏସଆଇଆର ଉପରେ ସ୍ୱତନ୍ତ୍ର ଆଲୋଚନା ବେଳେ ଏଭଳି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ତିନି ଜଣିଆ ମନୋନୟନ କମିଟିରେ ବିରୋଧୀ ଦଳର ନେତା ହିସାବରେ ସେ ଜଣେ ସଭ୍ୟ ଥିଲେ ମଧ୍ୟ ତାଙ୍କର ମତାମତ କୌଣସି ଗୁରୁତ୍ୱ ରଖେନାହିଁ। କାରଣ ଅନ୍ୟ ଦୁଇ ଜଣ ସଭ୍ୟ ହେଉଛନ୍ତି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ। ସେ କହିଲେ ଯେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତିନି ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଏବଂ ବିରୋଧୀ ଦଳର ନେତା ସଭ୍ୟ ଥିଲେ। କିନ୍ତୁ ୨୦୨୩ରେ ସରକାର ନୂଆ ଆଇନ ପ୍ରଣୟନ କରି ମନୋନୟନ କମିଟିରୁ ପ୍ରଧାନ ବିଚାରପତିଙ୍କ ନାମ ହଟାଇଦେଇଥିଲେ। ତାଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ରଖାଗଲା। ଏହା ପଛରେ କି ଉଦ୍ଦେଶ୍ୟ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ ନିର୍ବାଚନ କମିସନରଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ର ସରକାର ଆଉ ଏକ ଆଇନ ଆଣିଥିଲେ। ଏହି ଆଇନ ଅନୁଯାୟୀ ଦାୟିତ୍ୱରେ ଥିବା ବେଳେ କୌଣସି ତ୍ରୁଟି ପାଇଁ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ। ତାଙ୍କ ଇଙ୍ଗିତରେ କାମ କରିବା ଲାଗି ନିର୍ବାଚନ କମିସନଙ୍କୁ ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। ଏହାର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁହାଇଲା ଭଳି ନିର୍ବାଚନ ତାରିଖ ଘୋଷଣା କରାଯାଉଛି। ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ନିର୍ବାଚନର ୪୫ ଦିନ ପରେ ଭୋଟଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ନଷ୍ଟ କରିବା ଲାଗି କାହିଁକି ଆଉ ଏକ ଆଇନ ପ୍ରଣୟନ କରାଗଲା?

ନିର୍ବାଚନ କମିସନ ସରକାରଙ୍କ କଥାରେ ପରିଚାଳିତ ହେଉଛନ୍ତି ବୋଲି ଅଭିଯୋଗ କରି ରାହୁଲ କହିଲେ ଯେ ଭୋଟ ଜାଲିଆତିକୁ ନେଇ ସେ ଯେଉଁ ସବୁ ପ୍ରଶ୍ନ ଉଠାଇଛନ୍ତି, ତାହାର ଉତ୍ତର ଏପର୍ଯ୍ୟନ୍ତ ଦେଇ ନାହାନ୍ତି କମିସନ। ସେ କହିଲେ ଯେ କମିସନ ସହାୟତାରେ କ୍ଷମତାସୀନ ବିଜେପି ଗୋଟିଏ ପରେ ଗୋଟିଏ ନିର୍ବାଚନ ଜିତି ଚାଲିଛି। ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ବିହାର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। କେବଳ ବିହାରରେ ଏସଆଇଆର ସତ୍ତ୍ୱେ ଏକ ଲକ୍ଷ ୨୦ ହଜାରରୁ ଅଧିକ ନକଲି ଫଟୋ ଦେଖିବାକୁ ମିଳିଛି। ନିର୍ବାଚନ କମିସନ ଓ ବିଜେପି ମିଳିମିଶି ଭୋଟ ଚୋରି କରୁଛନ୍ତି। ଏହାଠାରୁ ବଡ଼ ଦେଶବିରୋଧୀ କାର୍ଯ୍ୟକଳାପ ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

ଆଲୋଚନାରେ ଅଂଶ ଗ୍ରହଣ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ଇଭିଏମକୁ ଦୋଷ ଦେଉଛନ୍ତି, ସେହି ଇଭିଏମର ପ୍ରଚଳନ କରିଥିଲେ ତାଙ୍କର ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ। ୧୯୮୭ରେ ସେ ଏହାର ପ୍ରୟୋଗ କରିବାକୁ ଆରମ୍ଭ କରିଥିଲେ। ନରସିଂହ ରାଓଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଏହାର ଆନୁଷ୍ଠାନିକ ପ୍ରଚଳନ କରିଥିଲା। ରାହୁଲଙ୍କ ଭୋଟ ଚୋରି ଅଭିଯୋଗର ଉତ୍ତର ଦେଇ ସେ କହିଲେ ଯେ କଂଗ୍ରେସ ସମୟରେ ହିଁ ଗଣତନ୍ତ୍ରକୁ ଦମନ କରାଯାଇଥିଲା।



# ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦେଶ ଛାଡ଼ି ପଳାଇଲେ ମାଲିକ

ପାନାଜୀ, ୯।୧୨ (ଏଜେନ୍ସି):ଯାହା ଆଶା କରାଯାଉଥିଲା ତାହା ହିଁ ହୋଇଛି। ଗୋଆ କ୍ଲବ୍ ‘ବର୍ଚ ବାଏ ରୋମିଓ ଲେନ’ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ଜୀବନ ଯିବାର ଦିନକ ପରେ ଏହାର ମାଲିକ ଗୌରବ ଲୁଥରା ଏବଂ ସୌରଭ ଲୁଥରା ଦେଶ ଛାଡ଼ି ଫେରାର ହୋଇଯାଇଛନ୍ତି। ଉଭୟେ ଥାଇଲାଣ୍ଡ ପଳାଇ ଥିବା ଗୋଆ ପୁଲିସ କହିଛି। ଉଭୟଙ୍କୁ ଆଣିବା ପାଇଁ ଇଣ୍ଟରପୋଲର ସହାୟତା ନିଆଯାଇ ଉଭୟଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ତେବେ ମଙ୍ଗଳବାର ଦୁଇ ଭାଇଙ୍କ ଥାଇଲାଣ୍ଡ ଫଟୋ ସାମ୍ନାକୁ ଆସିଛି। ଗୋଆ ସରକାର ଉଭୟଙ୍କୁ କେମିତି ଧରି ପାରିଲେନି ବୋଲି ଏବେ ପ୍ରଶ୍ନ ଉଠୁଛି। ଜାଣିଶୁଣି ଦୁଇ ଭାଇଙ୍କୁ ବିଦେଶ ଯିବାରେ ସହାୟତା କରାଗଲା ବୋଲି ଅଭିଯୋଗ ଲାଗୁଛି। ଏପରି ସମୟରେ ସରକାର ଦୁଇ ଭାଇଙ୍କ ଆଉ ଏକ କ୍ଲବ ‘ରୋମିଓ ଲେନ’କୁ ଭାଙ୍ଗି ଦେଇଛନ୍ତି। କାରଣ ସରକାରୀ ଜମିରେ ଏହାର ନିର୍ମାଣ କରାଯାଇଥିଲା।

ସୂଚନା ଅନୁଯାୟୀ, ଉଭୟଙ୍କୁ ସନ୍ଧାନ କରି ପୁଲିସ ଘରେ ପହଞ୍ଚି ଥିଲା। କିନ୍ତୁ ନ ପାଇ ଦୁଇ ଭାଇଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଥିଲା। ଇନଷ୍ଟାଗ୍ରାମରେ କ୍ଲବ ମାଲିକ ସୌରଭ ଲୁଥ୍ରା ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ। ସେ ପୀଡ଼ିତମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିବା କହିଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡିଛି ଯେ ଆବଶ୍ୟକୀୟ କାଗଜପତ୍ର ଏବଂ ଲାଇସେନ୍ସ ବିନା ନାଇଟ୍ କ୍ଲବ୍ ପରିଚାଳିତ ହେଉଥିଲା। ଏହି ଅଗ୍ନିକାଣ୍ଡ ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କଲାଣି। ତେବେ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ପରିବର୍ତ୍ତେ, ଉଦ୍ଦେଶ୍ୟ ନ ଥିବା ହତ୍ୟାକାଣ୍ଡ ମାମଲା ରୁଜୁ କରାଯାଇଥିବାରୁ ପୁଲିସ ଆଭିମୁଖ୍ୟ ପ୍ରତି ପ୍ରଶ୍ନ ଉଠୁଛି।



- ଦୁଇ ଭାଇଙ୍କୁ ‘ବ୍ଲୁ କର୍ଣ୍ଣର’ ନୋଟିସ
- ମାଟିରେ ମିଶିଲା ଲୁଥରା ଭାଇଙ୍କ ଆଉ ଏକ କ୍ଲବ୍

# ମାଆଙ୍କ ଆଧାରରେ ଝିଅକୁ ଜାତି ପ୍ରମାଣପତ୍ର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି। ଜଣେ ଝିଅକୁ ତାଙ୍କ ମା’ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି(ଏସସି) ପ୍ରମାଣପତ୍ର ପ୍ରଦାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି। ଏହି ରାୟ ଏକ ଉଦାହରଣ ସୃଷ୍ଟି କରିଛି। କାରଣ ପୂର୍ବରୁ ବାପାଙ୍କ ଆଧାରରେ ପିଲାଙ୍କୁ ଜାତି ପ୍ରମାଣପତ୍ର ମିଳୁଥିଲା। ପୁଡୁଚେରୀର ଜଣେ ଝିଅ ଏଥିପାଇଁ ଆବେଦନ କରିଥିଲେ। ତାଙ୍କ ମାଆ ‘ଆଦି ଦ୍ରାବିଡ’ (ଏସ୍‌ସି) ବର୍ଗର ଥିଲେ। କିନ୍ତୁ ସେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ବିବାହ କରିଥିଲେ। ମାତ୍ର ଶିକ୍ଷା କ୍ୟାରିୟରର ସୁରକ୍ଷା ପାଇଁ ମାଆଙ୍କ ଜାତିର ପ୍ରମାଣପତ୍ର ଆବଶ୍ୟକ ଥିଲା। କ୍ୟାରିୟର ବର୍ବାଦ ହେବାର ଆଶଙ୍କା କରି ସୁପ୍ରିମକୋର୍ଟ ଏହି ଅନୁମତି ଦେଇଛନ୍ତି। ପୂର୍ବରୁ ମଧ୍ୟ ବାପାଙ୍କ ଆଧାରରେ ଜାତି ପ୍ରମାଣପତ୍ର ଜାରିକୁ ବିରୋଧ କରି ଅନେକ ଆବେଦନ ଦାଏର କରାଯାଇଛି। ମାତ୍ର କୋର୍ଟରେ ଏହି ମାମଲା ଗୁଡ଼ିକ ପଡ଼ି ରହିଛି।

ମାଡ୍ରାସ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ଏହି ଆବେଦନ ଉପରେ ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ସୋମବାର କହିଥିଲେ ଯେ ଅନୁସୂଚିତ ଜାତି ପ୍ରମାଣପତ୍ର ବିନା ଝିଅର ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ। ଆମେ ଏବେ ଆଇନର ପ୍ରଶ୍ନକୁ ମୁକ୍ତ ରଖୁଛୁ। ତେବେ ଏହା ଭବିଷ୍ୟତରେ ବଡ଼ ବିତର୍କ ସୃଷ୍ଟି କରିପାରେ। ପରିବର୍ତ୍ତିତ ସମୟ ସହିତ ମାଆଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଉଚ୍ଚ ଜାତିର ପୁରୁଷଙ୍କୁ ବିବାହ କଲେ ଏସ୍‌ସି ମହିଳାଙ୍କଠୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଏସସି ପ୍ରମାଣପତ୍ର ପାଇବାର ହକଦାର ହେବେ ବୋଲି ଏହି ରାୟର ଅର୍ଥ ହେବ।

ରିପୋର୍ଟ ଅନୁଯାୟୀ, ଦୁଇ ଝିଅ ଏବଂ ପୁଅ ମାଆଙ୍କ ଆଧାରରେ ଏସ୍‌ସି ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା’ଙ୍କ ସହ ରହୁଥିଲେ। ଆବେଦନରେ ମହିଳା ଯୁକ୍ତି କରିଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ।

# ଇଣ୍ଡିଗୋର ୪୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଇଣ୍ଡିଗୋ ଅଚଳାବସ୍ଥା ଆଜି ଅଷ୍ଟମ ଦିନରେ ପହଞ୍ଚିଛି। ମଙ୍ଗଳବାର ସକାଳ ୧୦ଟା୩୦ ସୁଦ୍ଧା ବେଙ୍ଗାଲୁରୁ, ହାଇଦରାବାଦ ଆଦି ବିମାନବନ୍ଦରରେ ୪୦୦ରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଗତ ୭ ଦିନରେ ୪୫୦୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି। ମାତ୍ର ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଉଡ଼ାଣ ସ୍ୱାଭାବିକ ହେବାରେ ଲାଗିଛି। ଏବେ ପରିଚାଳନା ସ୍ଥିର ରହିଛି। ଲକ୍ଷାଧିକ ଯାତ୍ରୀଙ୍କୁ ଅର୍ଥ ଫେରସ୍ତ କରାଯାଉଛି। ସବୁ ୧୩୮ ମାର୍ଗରେ ଉଡ଼ାଣ ଆରମ୍ଭ ହୋଇଛି। ସରକାରଙ୍କ ସହ ମଧ୍ୟ ସହଯୋଗ କରୁଛୁ। ତେବେ ପରିଚାଳନା ବିଭ୍ରାଟକୁ ନେଇ ଡିଜିସିଏ ସାମ୍ନାରେ ଇଣ୍ଡିଗୋ ଯେଉଁ ଉତ୍ତର ରଖିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏ ପର୍ଯ୍ୟନ୍ତ ପରିଚାଳନା ସମସ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଡିଜିସିଏର ମାନୁଆଲରେ ଏସ୍‌ସିଏନ ଉପରେ ଜବାବ ଦେବା ପାଇଁ ୧୫ ଦିନ ମିଳିଥାଏ। ତେଣୁ ମୂଳ କାରଣର ବିଶ୍ଳେଷଣ (ଆରସିଏ) ପାଇଁ ଅଧିକ ସମୟ ଦରକାର। ଅନ୍ୟପଟେ ଇଣ୍ଡିଗୋର ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଲୋକସଭାରେ କହିଛନ୍ତି। ଯାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ ଅଣାଯିବ। ଇଣ୍ଡିଗୋକୁ ତୁରନ୍ତ ଟିକଟ ଅର୍ଥ ଫେରସ୍ତ କରିବା ପାଇଁ କୁହାଯାଇଛି। ଏହି ଏୟାରଲାଇନର ବିମାନ ସଂଖ୍ୟା ହ୍ରାସ କରିଦିଆଯାଇଛି। ଏହି ସ୍ଲଟ ଅନ୍ୟ ଏୟାରଲାଇନଙ୍କୁ ପ୍ରଦାନ କରାଯିବ।

### ଇଣ୍ଡୋନେସିଆରେ ଅଫିସ କୋଠାରେ ନିଆଁ

# ୧୫ ମହିଳାଙ୍କ ସମେତ ୨୨ ମୃତ

ଜାକାର୍ତ୍ତା, ୯।୧୨ (ଏଜେନ୍ସି):ଇଣ୍ଡୋନେସିଆ ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ୭ ମହଲା ବିଶିଷ୍ଟ ଅଫିସ କୋଠାରେ ମଙ୍ଗଳବାର ଦ୍ୱିପହରେ ନିଆଁ ଲାଗି ଯାଇଛି। ଏହି ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୫ ମହିଳା ଏବଂ ୭ ପୁରୁଷ ସାମିଲ ଅଛନ୍ତି। ଶ୍ୱାସରୁଦ୍ଧ ହୋଇ ଏମାନେ ପ୍ରାଣ ହରାଇ ଥିଲେ ବୋଲି କୁହାଯାଇଛି। ଆଉ କିଛି ଲୋକ ବି କୋଠା ଭିତରେ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି କୋଠାରେ ‘ଟେରା ଡ୍ରୋନ ଇଣ୍ଡୋନେସିଆ’ର କାର୍ଯ୍ୟାଳୟ ଥିଲା। ଏହି କମ୍ପାନୀ ଖଣି ଏବଂ କୃଷି କ୍ଷେତ୍ର ସମ୍ବନ୍ଧିତ କାର୍ଯ୍ୟ ପାଇଁ ଡ୍ରୋନ ସର୍ଭେ କରୁଥିଲା। ରିପୋର୍ଟ ଅନୁଯାୟୀ, ପ୍ରଥମ ମହଲାରେ ଥିବା ଏକ ବ୍ୟାଟେରୀରେ ବିସ୍ଫୋରଣ ହୋଇ ନିଆଁ ଆରମ୍ଭ ହୋଇଥିଲା। ଏହା ଦେଖୁ ଦେଖୁ ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା। ଏହି ସମୟରେ କର୍ମଚାରୀ ଖାଦ୍ୟ ଖାଉଥିବାରୁ କେହି ବାହାରକୁ ବାହାରି ପାରି ନ ଥିଲେ। ପ୍ରଥମେ କର୍ମଚାରୀ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ବ୍ୟାଟେରି ଯୋଗୁଁ ନିଆଁ କ୍ଷିପ୍ର ଗତିରେ ବ୍ୟାପି ଯାଇଥିଲା। ଏହା ଚାହୁଁ ଚାହୁଁ ସପ୍ତମ ମହଲା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ତଳେ ନିଆଁ ଲାଗିଥିବାରୁ ବାହାରକୁ ଯିବାର ରାସ୍ତା ବନ୍ଦ ହୋଇଯାଇଥିଲା। ଫଳରେ କର୍ମଚାରୀ ଭିତରେ ଫସି ରହିଥିଲେ। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ। ଏବେ ସମ୍ପୂର୍ଣ୍ଣ କୋଠାର ଯାଞ୍ଚ କରାଯାଉଛି।

- ଭୋଜନ କରୁଥିବାରୁ ବାହାରି ପାରିଲେନି କର୍ମଚାରୀ

## ଧାନର ଅଭାବୀ ବିକ୍ରି ପ୍ରତିବାଦ

# ରାଜପଥ ଅଚଳ କଲେ ଚାଷୀ

ଅତାବିରା, ୯।୧୨(ସମିସ): ବରଗଡ଼ ଜିଲ୍ଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ଧାନର ଅଭାବୀ ବିକ୍ରି ଓ ଅଚଳାବସ୍ଥାର ଜୋର୍‌ଦାର୍ ପ୍ରତିବାଦ କରିଛନ୍ତି ଚାଷୀ। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଆହ୍ୱାନରେ ଚାଷୀମାନେ ଗୋଡ଼ଭଗା ଦେଇ ଯାଇଥିବା ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ-୫୩କୁ ପାଖାପାଖି ୩ଘଣ୍ଟା ଧରି ଅବରୋଧ କରିଛନ୍ତି। ରାସ୍ତା ଉପରେ ଶହଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିବାରୁ ଜନଜୀବନ ଭୀଷଣ ବାଧାପ୍ରାପ୍ତ ହୋଇଥିଲା।



ଗତ ମାସ ୨୮ ତାରିଖରୁ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏଯାଏ ନାମକୁମାତ୍ର ଧାନ ସଂଗ୍ରହ କରାଯାଇଛି। କିଛି ମଣ୍ଡିରେ ଏଯାଏଁ ଅନୁକୂଳ ବି ହୋଇନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ବାହାର ବେପାରୀଙ୍କୁ ଧାନ ବସ୍ତା ଟେକିଦେଉଛି। ଏହି ଅଭାବୀ ବିକ୍ରି ପ୍ରତିବାଦରେ ଗତକାଲି ଚାଷୀମାନେ ଗୋଡ଼ଭଗା ମଣ୍ଡି ସମ୍ମୁଖରେ ଧାରଣା ଦେଇ ଆଲୋଚନା ପାଇଁ ପ୍ରଶାସନକୁ ଡାକିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆରଏମ୍‌ସି ସମ୍ପାଦକ ତଥା ସବ୍‌ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ୍ ବଣ୍ଟନରେ ଅନିୟମିତତା, ମିଲର୍‌ଙ୍କୁ ଟାର୍ଗେଟ୍ ଦିଆନଯିବା, କଟନୀ-ଛଟନୀ, ସାଟେଲାଇଟ୍ ସର୍ଭେରୁ ବାଦ୍ ପଡ଼ିଥିବା ଫସଲର ପୁନଃ ସର୍ଭେ କରି ଟୋକନ୍ ଦେବା ବ୍ୟବସ୍ଥା କରିବାକୁ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର ଦାବି କରିଥିଲେ। ଦିନ ସାଢ଼େ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ତେଣୁ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚାଷୀମାନେ ରାଜପଥକୁ ଓହ୍ଲାଇଥିଲେ। ରାସ୍ତା ଉପରେ ଧାନ ପକାଇ ସମ୍ବଲପୁର-ବରଗଡ଼ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବର ପାଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ସିଏସ୍‌ଓ, ଏସିଏସ୍‌ଓ ବ୍ୟୋମକେଶ ମାଝୀ, ଓଡ଼ିଶା ମିଲର୍ ସଂଘର ରାଜ୍ୟ ସମ୍ପାଦକ ନିତେଶ ବଂସଲ ଯୋଗ ଦେଇ ଆଲୋଚନା କରିଥିଲେ। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ଉପସ୍ଥିତିରେ ୫ଟି ବିଷୟରେ ସହମତି ପ୍ରକାଶ ପାଇବା ପରେ ଅପରାହ୍ଣ ୩ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଆଲୋଚନା ବେଳେ ସଂଗଠନ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ପାପାରାଓ, ଡିପି ଜୟ, ସତ ବାବୁ, କୃଷ୍ଣ ବାବୁ, ରାମ ବାବୁ, ବୁଦ୍ଧଦେବ ନନ୍ଦ, ସୁବାସ ବିଶ୍ୱାଲ, ସୁଜିତ ପ୍ରଧାନ, ଦୟାସାଗର ମେଣ୍ଡେଲୀ, ସଞ୍ଜୀବ ଶତପଥୀ, ଅମୀୟ ଦାଶ, ଭୁବନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ମିଲର୍‌ଙ୍କ ମନମାନି
## ଦ୍ୱିତୀୟ ଦିନରେ ବି ଅଚଳାବସ୍ଥା

ସମ୍ବଲପୁର, ୯।୧୨(ସମିସ): କଟ୍‌ନିଛଟ୍‌ନିକୁ ନେଇ ସମ୍ବଲପୁର ଜିଲ୍ଲାର ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ଆଜି ଦ୍ୱିତୀୟ ଦିନରେ ବି ଚାଷୀଙ୍କ ଧାନ ଉଠିପାରିନି। ଆଜି ମିଲର୍‌ମାନେ ଚାଉଁରପୁର ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କଟ୍‌ନି ଛଟ୍‌ନି ପାଇଁ ଚାଷୀ ରାଜି ନହେବାରୁ ଆଲୋଚନା ବିଫଳ ହୋଇଛି। ସେନ୍‌ହାପାଲିରେ ବି ସମବସ୍ଥା ଦେଖାଦେଇଥିଲା। ଫଳରେ ଦୁଇଟିଯାକ ମଣ୍ଡିରେ ୨୫ରୁ ଊର୍ଦ୍ଧ୍ୱ ଲେଖାଏଁ ଧାନବସ୍ତା ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ସମସ୍ୟାର ଶୀଘ୍ର ସମାଧାନ ନହେଲେ, ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲାରେ ଧାନକିଣା ଆରମ୍ଭରୁ ମିଲର୍‌ମାନେ ଧାନ ନ ଉଠାଇବାକୁ ଜିଦ୍ ଧରିଥିଲେ। ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ଏବେ ମିଲର୍ ଧାନ ନେଉଛି। କିନ୍ତୁ ଏହା ଭିତରେ ଅନେକ ସମସ୍ୟା ଏବେ ବି ରହିଛି। ଅମଳକୁ ମାସକରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାବତ୍ ସମସ୍ତ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି, ଟୋକନ୍ ପାଇଥିବା ଚାଷୀର ମିଲ୍‌କୁ ଧାନ ନେଇ ଗଲାବେଳକୁ ମିଲର୍ ୫ରୁ ୬ କେଜି କାଟି ଦେଉଛି। କେତେକ ସ୍ଥାନରେ ୧୭ ପଏଣ୍ଟରୁ ଅଧିକ ଆଦ୍ରତା ଦେଖାଇ ଧାନ ଗାଡ଼ି ଫେରାଇ ଦେଉଛି ମିଲର୍। ଚାଷୀ ପାଖରେ ଧାନ ଗଛିତ କରିବାକୁ ଜାଗା ନଥିବା ବେଳେ ଧାର ସୁଝିବାକୁ ମହାଜନ ଦାଉ ସାଧିଲାଣି। ଏପରି ସ୍ଥିତିର ଫାଇଦା ଉଠାଇ ମିଲର୍‌ମାନେ କ୍ୱିଣ୍ଟାଲ ପିଛା ୮ କିଲୋ ପର୍ଯ୍ୟନ୍ତ ମଧ୍ୟ କଟ୍‌ନି କରୁଛନ୍ତି। ଏଭଳି ଜୁଲମ୍ କରାଗଲେ, ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ମିଲର୍‌ମାନଙ୍କ ମନମାନି ବଢ଼ି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିରେ ଚାଷୀ ହନ୍ତସନ୍ତ ହେଉଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ମିଲର୍ ମାନଙ୍କ ମନମାନି ଚାଲିଛି। ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ, ଯେଉଁ ଚାଷୀମାନଙ୍କ ଟୋକନ୍ ଆସିଛି ସେମାନଙ୍କ ଧାନ ମିଲ୍‌କୁ ନେଲାବେଳେ ମିଲର୍ ୪ରୁ ୫ କିଲୋ କଟ୍‌ନି କରୁଛି। ପୁଣି ୧୭ରୁ ଅଧିକ ଆଦ୍ରତା ଥିଲେ ଗାଡ଼ି ଫେରାଇ



■ କଟ୍‌ନିଛଟ୍‌ନିକୁ ବିରୋଧ କଲେ ଚାଷୀ
■ ମିଲର୍‌ଙ୍କ ସହ ଆଲୋଚନା ବିଫଳ
■ ଆନ୍ଦୋଳନମୁହାଁ ଚାଷୀ

ଦିଆଯାଉଛି। ଟୋକନ୍ ଓ କଟ୍‌ନିଛଟ୍‌ନି ସମସ୍ୟାର ଗୁରୁବାର ସୁଦ୍ଧା ସମାଧାନ ନହେଲେ ଆସନ୍ତା ଶୁକ୍ରବାର ବରେଇପାଲି, ଧମା ଓ ସେରସୁଆଁତଲଠାରେ ରାସ୍ତାରୋକ କରିବ ଚାଷୀ। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା କହଛନ୍ତି, ମିଲର୍‌ମାନେ ଆଜି ମଣ୍ଡିକୁ ଯାଇ ଆଲୋଚନା କରିଛନ୍ତି। ସମସ୍ୟାର ସମାଧାନ କରିବାକୁ ଏସିଏସ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଛି।

## +୨ ନାମଲେଖା ପାଇଁ ପୁଣି ସୁଯୋଗ
## ଆଜିଠୁ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର, ୯ ।୧୨(ସମିସ): +୨ ନାମଲେଖା ପାଇଁ ଆଶାୟୀମାନଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ୧୦ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହାର ୩ ଦିନ ପରେ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏହାସହ ୱେଟିଂ ତାଲିକା ମଧ୍ୟ ପ୍ରକାଶ ପାଇବ। ମୋଟ୍ ସିଟ୍‌ର ପ୍ରାୟ ୧୦ ଗୁଣା ପ୍ରାର୍ଥୀଙ୍କୁ ୱେଟିଂ ତାଲିକାରେ ରଖାଯିବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମ ଲେଖାଇବେ। ୱେଟିଂ ତାଲିକାରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ୨୨ତାରିଖରେ ସେମାନଙ୍କ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଆବେଦନ କରିଥିଲେ ମଧ୍ୟ ନାମ ଲେଖାଇନଥିବା ସମସ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ ବୋଲି କୁହାଯାଇଛି। ବିଦ୍ୟାଳୟରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପୁଣିଥରେ ନାମଲେଖା ସୁଯୋଗ ଦିଆଯାଇଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ହେଲେ, ଶିକ୍ଷାବର୍ଷକୁ ପ୍ରାୟ ୮ ମାସ ପୂରଣ ପରେ ମଧ୍ୟ ନାମଲେଖା ପ୍ରକ୍ରିୟା ସରୁନଥିବା ନେଇ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଆଉ ମାତ୍ର ଦୁଇ ମାସ ପରେ ପରୀକ୍ଷା ହେବାକୁ ଥିବା ବେଳେ ପିଲାମାନେ କ'ଣ ପଢ଼ିବେ ଓ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ସାମ୍‌ସ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ପରେ ନାମଲେଖା ମାତ୍ରାଧିକ ବିଳମ୍ବ ହେଉଥିବା ଶିକ୍ଷାବିତ୍‌ମାନେ ଅଭିଯୋଗ କରିବା ସହ ନାମଲେଖା ପ୍ରକ୍ରିୟାର ସରଳୀକରଣ ବା ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ପାଚିକା ସଂଘର ଆନ୍ଦୋଳନ ପ୍ରତ୍ୟାହୃତ
### ପ୍ରାଥମିକ ଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଲେ ସରକାର

ଭୁବନେଶ୍ୱର, ୯ ।୧୨(ସମିସ): ଦୁଇଦିନର ଅହୋରାତ୍ର ଧାରଣା ପରେ ପାଚିକା ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଛି। ମଙ୍ଗଳବାର ବିଭାଗୀୟ ସଚିବଙ୍କ ସହ ଆଲୋଚନା ପରେ ସେମାନେ ଆନ୍ଦୋଳନରୁ ଓହରିଥିବା ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଦାବି ପୂରଣ ନ ହେଲେ, ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ଦୁଇ ଦଫା ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକ ମହାସଂଘ ସରକାରଙ୍କ ସହ ଆଲୋଚନା ଜାରି ରଖିଛି। ଆଜି ରାତିରେ ବିଧାୟକ ବାବୁ ସିଂ ଓ ପୂର୍ବତନ ସାଂସଦ ବିଶ୍ୱେଶ୍ୱର ଟୁଡୁ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକଙ୍କ ଦାବି ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ସମସ୍ତଙ୍କ ହିତରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ସେମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରି ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଅନୁରୋଧ କରିଛନ୍ତି। ମହାସଂଘର କୋର୍ କମିଟି ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ମହାସଂଘର ଆବାହକ ରାମଲାଲ୍ ପଟେଲ୍ ସୂଚନା ଦେଇଛନ୍ତି।

## ବିଜେପି ସଂଗଠନରେ ନୂତନ ନିଯୁକ୍ତି

■ ଯୁବମୋର୍ଚ୍ଚା ସଭାପତି ପଦ ବଜାୟ ରଖିବେ ଅଭିଲାଷ
■ ଐଶ୍ୱର୍ଯ୍ୟା ସମ୍ଭାଳିବେ ମହିଳା ବିଗ୍ରେଡ୍

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟ ବିଜେପି ପକ୍ଷରୁ ମଙ୍ଗଳବାର ବିଭିନ୍ନ ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ ଓ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏହି ନୂଆ ନିଯୁକ୍ତି ପ୍ରଦାନ କରାଯାଇଥିବା ନେଇ ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ପୂର୍ବବତ୍ ଅଭିଲାଷ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ମହିଳା ମୋର୍ଚ୍ଚା ସଭାପତି ଭାବେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, କୃଷକ ମୋର୍ଚ୍ଚା ସଭାପତି ଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ କଣ୍ଡେରା ସୋରେନ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ବାଇଧର ମଲ୍ଲିକଙ୍କୁ ଦଳ ଦାୟିତ୍ୱ ଦେଇଛି। ଓବିସି ମୋର୍ଚ୍ଚା ସଭାପତି ଭାବେ ପ୍ରଦ୍ୟୁମ୍ନ ନାୟକ ଓ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ଗୁରିନ୍ଦର ସିଂ ନୂତନ ଦାୟିତ୍ୱ ପାଇଛନ୍ତି। ଏହାବ୍ୟତୀତ ସେଲ୍ ଇନ୍-ଚାର୍ଜ ଭାବେ ରଞ୍ଜନ କୁମାର ପଟେଲ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସୁଦୀପ୍ତ କୁମାର ରାୟଙ୍କୁ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଆଇଟି ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ନାୟକ ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ସମସ୍ତ ୩୭ ସାଂଗଠନିକ ଜିଲ୍ଲାରେ ଜିଲ୍ଲା ପ୍ରଭାରୀ ନିଯୁକ୍ତି କରାଯାଇଛି।

## ୭୭ ପ୍ରତିଶତ ଘରେ ପହଞ୍ଚିଛି ପିଇବା ପାଣି

ଭୁବନେଶ୍ୱର, ୯ ।୧୨(ସମିସ): ରାଜ୍ୟରେ ମୋଟ ୮୮.୬୬ ଲକ୍ଷ ପରିବାରରୁ ଏଯାବତ୍ ୬୮.୩୬ ଲକ୍ଷ ପରିବାରକୁ ଟ୍ୟାପ ସଂଯୋଗ କରାଯାଇଛି। ମୋଟ ୭୭.୧୦ ପ୍ରତିଶତ ଘରେ ଏ ପର୍ଯ୍ୟନ୍ତ ପିଇବା ପାଣି ପହଞ୍ଚିଲାଣି ବୋଲି ଆଜି ଗୃହରେ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ଆଜି ପ୍ରଶ୍ନକାଳରେ ବିଧାୟକ ସାରଦା ଜେନା ଏବଂ ଅନ୍ୟ ପ୍ରଶ୍ନକର୍ତ୍ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏକ ଧାର୍ଯ୍ୟ ସମୟସୀମା ଅନୁଯାୟୀ ସବୁ ଘରକୁ ପାଣି ପହଞ୍ଚାଇବା ପାଇଁ କାମ କରୁଛନ୍ତି। ଆସନ୍ତା ୨୦୨୭ ଶେଷ ସୁଦ୍ଧା ଆମେ ରାଜ୍ୟର ପ୍ରତିଟି ଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବୁ। ଏହି ସମୟସୀମା ସୁଦ୍ଧା ଆମେ ସମସ୍ତ ୨୦୭ ପ୍ରକଳ୍ପ କାମ ଶେଷ କରିବୁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତା ଅଶୋକ ଦାସଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଥିଲେ ଯେ ପାନୀୟ ଜଳ ପ୍ରକଳ୍ପରେ ଖିଲାପି ପାଇଁ କେନ୍ଦ୍ର ସରକାର ୬୫୩ ସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମେଗା ପ୍ରକଳ୍ପକୁ ତ୍ୱରିତ କର୍ଯ୍ୟାନ୍ୱୟନ ପାଇଁ ମାସର ୩ ଦିନ ସମୀକ୍ଷା ବୈଠକ କରୁଛନ୍ତି। ଯେଉଁଠି ପ୍ରକଳ୍ପକୁ ନେଇ ଅସୁବିଧା ରହିଛି, ସେଠାକୁ ମୁଁ, ବିଭାଗୀୟ ନିର୍ଦ୍ଦେଶକ ଓ ସର୍ବୋଚ୍ଚ ଯନ୍ତ୍ରୀ ଗସ୍ତ କରିବୁ। ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିଲେ, ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମନ୍ତ୍ରୀ କହିଛନ୍ତି।

## ସମଗ୍ର ମାନବତା ପାଇଁ ବନ୍ଦେ ମାତରମ୍ ଏକ ମନ୍ତ୍ର

ଭୁବନେଶ୍ୱର, ୯।୧୨(ସମିସ): ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। ସମସ୍ତ ମାନବତା ପାଇଁ ଏହା ଏକ ମନ୍ତ୍ର। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଆସନ୍ତା ହଜାର ହଜାର ବର୍ଷ ଧରି ଏହା ଭାରତର ଆତ୍ମା, ସ୍ପନ୍ଦନକୁ ଜାଗ୍ରତ କରୁଥିବ। ବନ୍ଦେ ମାତରମ ବିଭାଜନର ଗୀତ ନୁହେଁ, ବନ୍ଦେ ମାତରମ୍ ଯୋଡ଼ିବାର ଗୀତ ବୋଲି ମଙ୍ଗଳବାର ବିଧାନସଭାରେ ଦଳମତ ନିର୍ବିଶେଷରେ ବିଧାୟକମାନେ ମତ ପ୍ରକାଶ କରିଛନ୍ତି।

ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଆଜି ସଂସ୍କୃତି ମନ୍ତ୍ରୀ

■ ବିଧାନସଭାରେ ସର୍ବସମ୍ମତି କ୍ରମେ ସଂକଳ୍ପ ପାରିତ
■ ପୂର୍ଣ୍ଣାଙ୍ଗ ଗୀତ ବାଦନକୁ ବିରୋଧୀଙ୍କ ବିରୋଧ
■ ଦୁଇ ପଦ ଗୀତ ବାଜିବା ପରେ କକ୍ଷତ୍ୟାଗ

ସୂର୍ଯ୍ୟବଂଶୀ ଆଗତ କରିଥିବା ସଂକଳ୍ପକୁ ଗୃହ ଅନୁମୋଦନ କରିଛି। ସଂକଳ୍ପ ଅନୁମୋଦନ ପାଇବା ପରେ ଗୃହରେ ବନ୍ଦେ ମାତରମ ଗୀତ ପରିବେଷଣ ହୋଇଥିଲା। ତେବେ ଭାରତର ସମ୍ବିଧାନ ସଭା ବନ୍ଦେ ମାତରମ ସମ୍ପୂର୍ଣ୍ଣ ଗୀତରୁ ମାତ୍ର ୨ଟି ପଦକୁ ଅନୁମୋଦନ ଦେଇଥିବାରୁ ଏହାର ପୂର୍ଣ୍ଣାଙ୍ଗ ବାଦନକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ନାପସନ୍ଦ କରିବା ସହ କକ୍ଷତ୍ୟାଗ କରିଥିଲେ। ଟଙ୍କାର ଅବମୂଲ୍ୟାୟନ, ଏସଆଇଆର ଏବଂ ଇଣ୍ଡିଗୋ ଅଚଳାବସ୍ଥାରୁ ଧ୍ୟାନ ହଟାଇବା ପାଇଁ ସ୍ୱାଧୀନତାର ୭୯ ବର୍ଷ ପରେ ସଂସଦରେ ବନ୍ଦେ ମାତରମ ବିତର୍କ କରାଯାଉଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

ସଂକଳ୍ପକୁ ଆଗତ କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ। ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବିରଚିତ ଏହି ଗୀତ ଥିଲା ରାଷ୍ଟ୍ରୀୟତାର ଅଭିବ୍ୟକ୍ତି। ଏହାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତେ ମନପ୍ରାଣ ଦେଇ ସେହି ଅମର, ଅଜର ଓ ଅମ୍ଳାନ ଗୀତକୁ ବାରମ୍ବାର ସ୍ମରଣ କରିବା ପୂର୍ବକ ଭାରତୀୟତାର ଜୟଗାନ କରିବା ବୋଲି ସେ କହିଥିଲେ। ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ମନ୍ତ୍ରୀ ଯେଉଁ ଐତିହାସିକ ପ୍ରସ୍ତାବ ଆଗତ କଲେ, ମୁଁ ତାକୁ ସମର୍ଥନ କରୁଛି। ୧୫୦ ବର୍ଷ ତଳେ ଏହି ଗୀତ ସମସ୍ତ ଦେଶକୁ ସ୍ୱାଧୀନତାର ମନ୍ତ୍ରରେ ଉଦବୁଦ୍ଧ କରିଥିଲା। ଆଗାମୀ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହା ଦେଶକୁ ଉଦ୍‌ବୁଦ୍ଧ କରୁଥିବ। ସେ କହିଥିଲେ ଯେ ବନ୍ଦେ ମାତରମ ଭାରତର ଆତ୍ମା, ଭାରତର ପ୍ରାଣ। ତେଣୁ ବନ୍ଦେ ମାତରମକୁ ନେଇ କୌଣସି ବିଭେଦ ସୃଷ୍ଟି କରାନଯାଉ। ସମ୍ବିଧାନ ଯାହା ନିର୍ଦ୍ଦେଶ ଦେଇଛି, ତାହାକୁ ଆମକୁ ମାନିବାକୁ ପଡ଼ିବ ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଏହି ଗୀତ ଭାରତବର୍ଷର ଆତ୍ମା। ତେବେ ଦେଶ ଆଗରେ ଯେତେବେଳେ ବି କୌଣସି ଗମ୍ଭୀର ପରିସ୍ଥିତି ଦେଇ ଗତି କରେ, ସେତେବେଳେ ଧ୍ୟାନ ହଟାଇବାକୁ ବିଜେପି ଉଗ୍ର ଜାତୀୟତାବାଦର ଖେଳ ଆରମ୍ଭ କରିଥାଏ। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବା ବେଳେ ବିଜେପି ଏଥିରୁ ଫାଇଦା ନେବାକୁ ଉଦ୍ୟମ କରୁଛି। ୧୫୦ ତମ ବର୍ଷ ପାଳନ କରିବା ସ୍ୱାଗତ ଯୋଗ୍ୟ। ବିଜେପି କାହିଁକି ଏନେଇ ବିତର୍କ ସୃଷ୍ଟି କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଗୃହରେ ବନ୍ଦେ ମାତରମର ପୂର୍ଣ୍ଣାଙ୍ଗ ଗୀତ ଅର୍ଥାତ୍ ସମସ୍ତ ପଦ ବାଜିବାକୁ ନେଇ ବିବାଦ ଦେଖା ଯାଇଥିଲା। ଗୀତର ୨ଟି ପଦ ବାଜିବା ପରେ ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ବନ୍ଦେ ମାତରମ ଆମ ହୃଦୟ ଓ ପ୍ରାଣର ଗୀତ। ସମ୍ବିଧାନ ଯାହା ସ୍ୱୀକୃତି ଦେଇଛି, ତାହାକୁ ଆମେ ଗ୍ରହଣ କରିବୁ। ସେତିକି ଆମେ ଗାନ କରିବୁ। ସେଥିପାଇଁ ଆମେ ୨ଟି ପଙ୍କ୍ତି ପରେ କକ୍ଷତ୍ୟାଗ କରିଛୁ ବୋଲି ସେ କହିଛନ୍ତି।

## ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୨(ସମିସ): 'ବନ୍ଦେ ମାତରମ୍' କେବଳ ଏକ ସାଧାରଣ ଗୀତ ନୁହେଁ। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଏହି ଗୃହରେ ଆମ ସମସ୍ତଙ୍କ ପାଇଁ ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ଏକ ସୌଭାଗ୍ୟର ବିଷୟ ବୋଲି ମନ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ ଏହା ଆମ ପାଇଁ ଗର୍ବର ବିଷୟ ଯେ, ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଅବସରରେ, ଆମେ ଏହି ଐତିହାସିକ ଅବସରର ସାକ୍ଷୀ ହେଉଛୁ। ସ୍ୱାଧୀନତା ପରଠାରୁ ଯଦିଓ ରାଷ୍ଟ୍ରଗୀତ ଭାବେ ଏହାକୁ ମର୍ଯ୍ୟାଦା ଦିଆଯାଇଛି; କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ଭରତରେ ଏହାର ଗୁରୁତ୍ୱକୁ ଅବକ୍ଷୟ କରିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚେଷ୍ଟା ଚାଲିଛି। ବନ୍ଦେ ମାତରମ୍ ପରି କାଳଜୟୀ ଗୀତ ଆମ ହୃଦୟରେ ଦେଶ ପ୍ରେମର ଗଭୀର ଅନୁଭବ ସୃଷ୍ଟି କରେ। 'ବନ୍ଦେ ମାତରମ୍' କେବଳ ଏକ ଜାତୀୟତାବାଦ ସଙ୍ଗୀତ ନୁହେଁ, ଏହା ଦେଶ ମାତୃକାର ବନ୍ଦନା। ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଆମର ପ୍ରେରଣା, ଆମର ଶକ୍ତି। ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ଏହା ଏକ ଚେତନା ଏବଂ ଆମ ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଧାନସଭା ମୁଲତବୀ କଲେ ସରକାର
# ଆନ୍ଦୋଳନକାରୀଙ୍କ କଥା ଶୁଣିଲେନି



ଭୁବନେଶ୍ୱର, ୯ ।୧୨(ସମିସ): ଶିକ୍ଷକ ଓ ପାଚିକାଙ୍କ ସମେତ ବିଭିନ୍ନ ସଂଗଠନ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେଲେ। ଶୀତ କାକରରେ ରାସ୍ତାରେ ଶୋଇ ନିଜର ହକ୍ ମାଗିଲେ। ସେମାନଙ୍କ ବିଭିନ୍ନ ଦାବି ମଧ୍ୟରେ ପାରିଶ୍ରମିକ ବୃଦ୍ଧି କରିବା ସମସ୍ତଙ୍କ ସାଧାରଣ ଦାବି ଥିଲା। ମାତ୍ର ସରକାର କୌଣସି ସଂଗଠନର ପାରିଶ୍ରମିକ ବୃଦ୍ଧି ସଂପର୍କରେ ଘୋଷଣା କଲେ ନାହିଁ। ବିଧାୟକମାନଙ୍କର ଦରମା ବୃଦ୍ଧି କରିବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଦେଲେ। ଏହାକୁ ନେଇ ବିଭିନ୍ନ ସଂଗଠନ ସରକାରଙ୍କୁ କଟାକ୍ଷ କରିଛନ୍ତି।

ଏକାଧିକ ସଂଗଠନ ରାସ୍ତାରେ ଧାରଣା ଦେଉଥିବା ବେଳେ ଆଗକୁ ଅଧିକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟତଃ ଶିକ୍ଷକ ସଂଗଠନଗୁଡ଼ିକର ଧାରଣା ସରକାରଙ୍କ ଶିରପୀଡ଼ା ବଢ଼ାଇଥିଲା। ସମସ୍ତେ ସେମାନଙ୍କ ପାରିଶ୍ରମିକ ବଢ଼ାଇବାକୁ ଦାବି କରୁଛନ୍ତି। ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଅହୋରାତ୍ର ଧାରଣା ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଆଗକୁ ଓଡ଼ିଶା କନିଷ୍ଠ ଶିକ୍ଷକ ମହାସଂଘ ଏବଂ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆସନ୍ତାକାଲି ଅର୍ଥାତ୍ ବୁଧବାର ଆନ୍ଦୋଳନ କରିବେ। ସେହିପରି ୧୧ ତାରିଖରେ ୬୬୨ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଥିବା ବେଳେ ୧୨ ତାରିଖରେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଏପରି ସ୍ଥିତିରେ ସରକାର ସେମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ବିଧାନସଭାକୁ ମୁଲତବୀ କରି ନିଜ ଦାୟିତ୍ୱରୁ ଦୂରେଇ ଯାଉଥିବା ବିଭିନ୍ନ ସଂଗଠନ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ପ୍ରାୟ ସମସ୍ତ ଦରମା ବୃଦ୍ଧି ଦାବି କରୁଥିବା ବେଳେ ସରକାର ବିଧାୟକଙ୍କ ଦରମା ବୃଦ୍ଧି କରି ବିଧାନସଭାକୁ ମୁଲତବୀ କରିବା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## ଅତ୍ୟଧିକ ନିଶ୍ଚେତକ ଦେଇ ବାଘକୁ ମାରିଦେଲେ !



ଅନୁଗୋଳ, ୯ ।୧୨(ସମିସ): ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡିମିରିପାଳ ନିକଟ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ିଥିବା କଲରାପତରିଆକୁ ଉଦ୍ଧାର ବେଳେ ତା'ର ମୃତ୍ୟୁ ହୋଇଛି। ଉଦ୍ଧାର କରାଯିବାର ମାତ୍ର କିଛି ସମୟ ପରେ ବାଘର ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉଦ୍ଧାର ବେଳେ ବାଘକୁ ନିଶ୍ଚେତକ ଦିଆଯାଇଥିଲା। ନିଶ୍ଚେତକର ମାତ୍ରା ଅଧିକ ହୋଇ ଯାଇଥିବାରୁ ବାଘର ମୃତ୍ୟୁ ହୋଇଥିବା ଜଣେ ଜଙ୍ଗଲ ବିଭାଗ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ବାଘ ମୃତ୍ୟୁ ସମ୍ପର୍କରେ ଅନୁଗୋଳ ଡିଏଫଓଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ସୋମବାର ରାତିରେ କୌଣସି ଶିକାରୀ ଜନ୍ତୁ ଶିକାର ପାଇଁ ଜାଲ ପକାଇଥିଲେ। ସୋମବାର ରାତିରେ ପାଣି ଅବା ଖାଦ୍ୟ ଅନ୍ୱେଷଣରେ ଆସି ବାଘଟି ଫାଶରେ ପଡ଼ିଯାଇଥିଲା। ସକାଳେ ବାଘ ରଡ଼ି ଶୁଣି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଡ୍ରୋନ୍ କ୍ୟାମେରାରେ ବାଘକୁ ଠାବ କରିବା ପରେ ନିଶ୍ଚେତକ ବିଶେଷଜ୍ଞ ସମେତ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୪/୫ଘଣ୍ଟା ପରିଶ୍ରମ ପରେ ବାଘକୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରିଥିଲେ। ବାଘ ଶରୀରର କୌଣସି ସ୍ଥାନରେ ସେଭଳି କୌଣସି ବଡ଼ କ୍ଷତ ନଥିଲା। ଫାଶରେ ପଡ଼ି ମଧ୍ୟ ବାଘଟି ବହୁତ ଫୂର୍ତ୍ତି ଥିଲା। ଯାହାକୁ ଦେଖିଲେ ଗର୍ଜନ କରୁଥିଲା। ହେଲେ ଅତ୍ୟଧିକ ନିଶ୍ଚେତକ ଦେବା ପରେ ତା'ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ସରକାରୀ କର୍ମଚାରୀଙ୍କ ବେଆଇନ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଂଗ
# ସରକାର ଓ କର୍ମଚାରୀ ସଂଘକୁ ହାଇକୋର୍ଟଙ୍କ ନୋଟିସ୍

କଟକ, ୯ ।୧୨(ସମିସ): ସରକାରୀ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଲଗାତାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ତଥା ସରକାରୀ କାମ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ କର୍ମଚାରୀ ସଂଘଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ପ୍ରତାପ ଚନ୍ଦ୍ର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।


ଆବେଦନକାରୀ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯କୁ ଉଲ୍ଲଂଘନ କରାଯାଇ ଏଭଳି ଆନ୍ଦୋଳନ କରାଯାଉଛି। ନିକଟରେ ଓଏଏସ୍ ଅଧିକାରୀ ଓ ରାଜସ୍ୱ ଅମଲାମାନେ ଆନ୍ଦୋଳନ କରିବା ସହ ସମୂହ ଛୁଟିରେ ଯାଇଥିଲେ। ଏହାଦ୍ୱାରା ସରକାରୀ କାମ ଗଭୀର ଭାବେ ପ୍ରଭାବିତ ହୋଇଥିଲା। ସେହିଭଳି ଶିକ୍ଷକମାନଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଆନ୍ଦୋଳନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏପରି ଆନ୍ଦୋଳନ ବଢ଼ିବାରେ ଲାଗିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏଣୁ ରାଜ୍ୟରେ "ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯"ର ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ ଏବଂ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିବା, ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଉଲ୍ଲଂଘନ କରି ଧର୍ମଘଟ କରିଥିବା ଓଏଏସ୍ ଏବଂ ରାଜସ୍ୱ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ରାଜ୍ୟ ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ଓଏଏସ୍ ସଂଘ ଓ ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର୨୩କୁ ଧାର୍ଯ୍ୟ କରାଯାଇଛି।

### ଦ୍ୱିତୀୟ ଦିନରେ ହୋମିଓପାଥିକ କଲେଜ ଛାତ୍ରଛାତ୍ରୀଙ୍କ ଅନଶନ

## ଗୁରୁତର ହୋଇ ୨ ଡାକ୍ତରଖାନାରେ ଭର୍ତ୍ତି

**ରାଉରକେଲା, ୯।୧୨(ସମିସ):** ବିଭିନ୍ନ ୮ ଦଫା ଦାବି ନେଇ ୩୬ ଘଣ୍ଟା ଧରି ଆମରଣ ଅନଶନରେ ବସିଥିବା ରାଉରକେଲା ହୋମିଓପାଥିକ୍ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଆଜି ୨ ଜଣ ଛାତ୍ରଛାତ୍ରୀ ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିବାରୁ ଉଭୟଙ୍କୁ ଅନଶନ ସ୍ଥଳରୁ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଛି। ଏହି ଅନଶନରେ ୧୩ ଜଣ ଛାତ୍ରୀ ଏବଂ ୯ ଜଣ ଛାତ୍ର ବସିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୮ ଦଫା ଦାବି ପୂରଣ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗତକାଲି ଠାରୁ ରାଜ୍ୟର ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଛନ୍ତି। ଏହି ଆମରଣ ଅନଶନରେ ରାଉରକେଲା ନୟାବଜାର ସ୍ଥିତ ହୋମିଓପାଥି କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇ ଶୀତ କାକରରେ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ରାଉରକେଲା ସ୍ଥିତ ଉତ୍କଳମଣି ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ଧରି ୮ ଗୋଟି ଦାବି ପାଇଁ ଆନ୍ଦୋଳନ ଜାରି ରହିଛି। ଗତ ୩୬ ଘଣ୍ଟା ଧରି ଛାତ୍ରଛାତ୍ରୀମାନେ ଆମରଣ ଅନଶନରେ ବସିଛନ୍ତି। ଯେଉଁଥିରେ ଛାତ୍ରଛାତ୍ରୀମାନେ ଖାଦ୍ୟ ଗ୍ରହଣ କରି ନାହାଁନ୍ତି। ବର୍ତ୍ତମାନ ୪ ରୁ ୬ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ଅଛନ୍ତି। ସେଥିମଧ୍ୟରୁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## କାର୍ଯ୍ୟକ୍ଷମ ହେଲା ଦେଓଗାଁ ଶବଦାହ ଗୃହ



ସକାଳ ପ୍ରଭାବ

**ବଣାଇଁ, ୯।୧୨(ସମିସ):** ବଣାଇଁଗଡ଼ ସହରରେ ବହୁ ଦିନର ଅପେକ୍ଷା ପରେ ସୋମବାରଠାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ନବ ନିର୍ମିତ ହୋଇଥିବା ଶବଦାହ ଗୃହ କାର୍ଯ୍ୟକ୍ଷମ ହୋଇଛି। ଚଳିତ ମାସ ୩ ତାରିଖ ବୁଧବାର ଦିନ ଏନେଇ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ବଣାଇଁଗଡ଼ ଗ୍ରାମ ପଞ୍ଚାୟତକୁ ଏହି ଗୃହର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଖବର ପ୍ରକାଶିତ ହେବା ପରେ ବଣାଇଁଗଡ଼ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ ବଣାଇଁଗଡ଼ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନଙ୍କୁ ଶବଦାହ ଗୃହଟିକୁ ଯଥାଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ଠାରୁ ପ୍ରଥମେ ଶବଦାହ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଶବଦାହ ଗୃହ କିଛି ନୂଆ ନିୟମରେ ଆରମ୍ଭ କରାଯାଇଥିବା ବେଳେ ପଞ୍ଜିକରଣ ପାଇଁ ୨୦୦ ଟଙ୍କା ରଖାଯାଇଛି। ସେହିଠାରେ ହିଁ ଦାହ ପାଇଁ କାଠ ଓ ଅନ୍ୟାନ୍ୟ ଜିନିଷ ଯୋଗାଇ ଦିଆଯିବ ବୋଲି ବଣାଇଁଗଡ଼ ସରପଞ୍ଚ ସୂଚନା ଦେଇଛନ୍ତି। ଏହି ଶବଦାହ ଗୃହରେ ସମସ୍ତେ ଶବ ଦାହ କରିବା ପାଇଁ ବଣାଇଁବାସୀଙ୍କୁ ବଣାଇଁଗଡ଼ ବିଡ଼ିଓ ସୂଚନା ଦେଇଛନ୍ତି। ବହୁତ ଦିନ ପରେ ଏହା କାର୍ଯ୍ୟକ୍ଷମ ହୋଇଥିବାରୁ ଜିଲ୍ଲା ପ୍ରଶାସନ, ବଣାଇଁଗଡ଼ ବିଡ଼ିଓ, ସରପଞ୍ଚ, ପିଇଓଙ୍କୁ ବଣାଇଁବାସୀ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ତୃତୀୟ ପ୍ରି ହାଫ୍ ମାରାଥନ୍ ପ୍ରୋମୋ ଦୌଡ଼

**ରାଉରକେଲା, ୯।୧୨(ସମିସ):** ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍-୨୦୨୬ର ପ୍ରୋମୋ ଦୌଡ଼ରେ ୩୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସେକ୍ଟର ୬ ଇସ୍ପାତ ଷ୍ଟାଡିୟମ୍ ଠାରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଆଶିଷ ଚନ୍ଦ୍ର ସରକାର ପ୍ରୋମୋ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ସେମାନଙ୍କୁ ୱାର୍ମ-ଅପ୍ ରୁଟିନ୍, ସଠିକ୍ ଦୌଡ଼ ପୋଜିସନ୍, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଲିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ ଦୌଡ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା। ଏହି ପ୍ରୋମୋ ଦୌଡଟି ଇସ୍ପାତ ଷ୍ଟାଡିୟମରୁ ଆରମ୍ଭ ହୋଇ ଟେଲିଫୋନ ଭବନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟ, ଫିଟନେସ୍ ଗୋଷ୍ଠୀ, ସ୍କୁଲ ପିଲା ଏବଂ ଷ୍ଟିଲ୍ ଟାଉନସିପ୍ ସାରା କ୍ରୀଡା ପ୍ରେମୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଶ୍ରୀ ସରକାର କେତେକ ଅଂଶଗ୍ରହଣକାରୀଙ୍କୁ ଟୋକେନ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରିଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ। ପରବର୍ତ୍ତୀ ପ୍ରୋମୋ ଦୌଡ଼ ଡିସେମ୍ବର ୧୪ ତାରିଖ ସକାଳ ୬ ଟାରେ ଭଞ୍ଜ ଭବନ ପରିସରରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

### ବିଶ୍ରା ଛକରେ ସିଆଇଟିୟୁର ବିକ୍ଷୋଭ

# ୩୯ ମାସର ଏରିୟର୍ ପ୍ରଦାନ, ଏନ୍‌ଜେସିଏସ୍ ଚୁକ୍ତିନାମା ଦାବି

**ରାଉରକେଲା, ୯।୧୨(ସମିସ)**




ଆଜି ବିଶ୍ରା ଛକ ଠାରେ ୩୯ ମାସର ଏରିଅର୍ ପ୍ରଦାନ ସହ ଏନଜେସିଏସ୍ ଚୁକ୍ତିନାମା ଦାବିରେ ତଥା ସହରସେବା ଓ ଆଇଜିଏଚ୍‌ର ଚିକିତ୍ସା ବ୍ୟବସ୍ଥାକୁ ଘରୋଇକରଣ ଚକ୍ରାନ୍ତ ବିରୁଦ୍ଧରେ ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆରସିଡବ୍ଲୁୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ୯ ବର୍ଷ ପରେ ମଧ୍ୟ ଏନଜେସିଏସ୍ ଚୁକ୍ତିନାମା ହୋଇପାରି ନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ୨ ବର୍ଷ ପରେ ଆଜି ଏନଜେସିଏସ୍‌ର ସବ୍ କମିଟି ବୈଠକ ବସୁଛି। ତେଣୁ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା କରିବା ସହ ସମସ୍ତ ଦାବିକୁ ଫଇସଲା କରିବା ପାଇଁ ସିଆଇଟିୟୁ ତରଫରୁ ଦାବି କରାଯାଇଥିଲା। ଏନେଇ ୧୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଜିର ବିକ୍ଷୋଭରେ କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ଜୀବନ ବାରିହା, ସୁରେନ୍ଦ୍ର ମହାନ୍ତି, ରାଜକିଶୋର ପ୍ରଧାନ, ସୁରେଶ ବେହୁରିଆ, ଜଜ୍ଞେଶ୍ୱର ସାହୁ, ରକର ନାୟକ, ପ୍ରଦିପ ସେଠୀ, ଦିବାକର ମହାରଣା, ଏଚ୍‌ଏନ୍ ଯାଦବ ପ୍ରମୁଖ ଉପସ୍ଥିତ ରହି ଚଳିତ ବୈଠକରେ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା କରିବା ପାଇଁ ଦାବି କରିଥିଲେ। ସେଲ୍‌ଫ କର୍ତ୍ତୃପକ୍ଷଙ୍କ ଘରୋଇକରଣ ତଥା ଶ୍ରମିକ ସ୍ୱାର୍ଥୀ ବିରୋଧ କାର୍ଯ୍ୟକୁ ବିରୋଧ କରିଥିଲେ। ତୁରନ୍ତ ରାଉରକେଲା ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ୧୦ ମିଲିୟନ ଟନ୍ କରି କାର୍ଯ୍ୟକାରୀ କରିବା ସହ ସ୍ଥାନୀୟ ଯୁବକ ଓ ବିସ୍ଥାପିତଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ ଦେବା, ଠିକା ଶ୍ରମିକଙ୍କ ଚକିରି ସ୍ଥାୟୀତ୍ୱ ସହ ସହରସେବା ଓ ଆଇଜିଏଚ୍‌ର ଚିକିତ୍ସା ବ୍ୟବସ୍ଥାକୁ ବିକାଶ କରିବାକୁ ଦାବି କରିଥିଲେ। ଏଥିସହ ବର୍ତ୍ତମାନ ଆର୍‌ଏସ୍‌ପିର ଖାଲି କ୍ୱାଟର ପାଇଁ ବାହାର ୟୁନିଟର ଶ୍ରମିକ ପ୍ରଦାନ ପାଇଁ ଯେଉଁ ସର୍କୁଲାର କରାଯାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଥିଲା। ବରିଷ୍ଠତା ଆଧାରରେ ଅବସର ଶ୍ରମିକଙ୍କୁ ପ୍ରଦାନ ସହ ଆବଶ୍ୟକ ସ୍ଥଳେ ରାଉରକେଲାବାସୀଙ୍କୁ ତାହା ପ୍ରଦାନ ପାଇଁ ଏଥିରେ ଦାବି କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ୪ଟି ଶ୍ରମ କୋର୍ଡକୁ ପ୍ରତ୍ୟାହାର କରିବାକୁ ମଧ୍ୟ ବିକ୍ଷୋଭ ସମାବେଶରେ ଦାବି କରାଯାଇଥିଲା। ୩୯ ମାସର ଏରିଅର ପ୍ରଦାନ ସହ ଉଭୟ ସ୍ଥାୟୀ ଓ ଠିକା ଶ୍ରମିକ ଏନଜେସିଏସ୍ ଚୁକ୍ତିନାମା କରା ନଗଲେ ଆଗାମୀ ଦିନରେ ସିଆଇଟିୟୁ ଆଇଜିଏଚ୍ ଓ ସହର ସେବା ସମ୍ମୁଖରେ ବ୍ୟାପକ ବିକ୍ଷୋଭ ଓ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସଚିନ ରାୟ, ଏମ୍‌କେ. ପାଣିଗ୍ରାହୀ, ପର୍ଶୁରାମ ଜେନା, ବିଶ୍ୱଜିତ ମାଝି, ପ୍ରଭାତ ମହାନ୍ତି, କୁଳମଣୀ ରାଉତ ପିକେ ସଡଙ୍ଗୀ, ବିଜୟ ପରିଡ, ଜନ୍ମେଜୟ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

## ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସାଧନା ଶିବିର ଉଦ୍‌ଘାଟିତ

**ରାଉରକେଲା, ୯।୧୨(ସମିସ):** ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ରୌପ୍ୟ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ସେକ୍ଟର-୭ ସି/୬୩ ସ୍ଥିତ ଶାଖା କାର୍ଯ୍ୟାଳୟ ଶିବାନନ୍ଦ ଆଶ୍ରମଠାରେ ଆଜି ଠାରୁ ତ୍ରିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର ଆୟୋଜିତ ହୋଇଯାଇଛି। ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ସାଧାରଣ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦିବ୍ୟଜୀବନ ସଂଘ, ଋଷିକେଶ ମୁଖ୍ୟ କାର୍ଯ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଜୀ ମହାରାଜ ଆଶ୍ରମ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦିବ୍ୟଜୀବନ ସଂଘ, ଋଷିକେଶ ମୁଖ୍ୟ କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଶ୍ରୀ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀଜୀ ମହାରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟଜୀବନ ସଂଘର ପୂଜ୍ୟ ଶ୍ରୀ ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀଜୀ



ମହାରାଜ, ସ୍ୱାମୀ ସରୂପାନନ୍ଦ ସରସ୍ୱତୀଜୀ ମହାରାଜ, ଯୋଗ ବେଦାନ୍ତ ଶିକ୍ଷା ସଂସ୍ଥା, ନିମାପଡ଼ା, ପୁରୀର ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀଜୀ ମହାରାଜ ଉପସ୍ଥିତ ଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀଜୀ ମହାରାଜ ବସ୍ତୁବାଦୀ ଭୌତିକ ଦୁନିଆଁରେ ମଣିଷ ଜୀବନର ବାସ୍ତବତା, ଜନ୍ମର ମୂଲ୍ୟ ଓ ସାର୍ଥକତା ଏବେ ସର୍ବୋପରି ବାସ୍ତବ ଜୀବନରେ ନିଜର ମାନବୀୟ ପରାକାଷ୍ଠାର ପ୍ରକୃତ ଧର୍ମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟ ଜୀବନ ସଂଘ ଇସ୍ପାତ ନଗରୀ ଶାଖାର ସମ୍ପାଦକ ତ୍ରିଲୋଚନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ନରସିଂହ ରଥ ଓ ଉପସଭାପତି ବିଜୟ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗିରିଧାରୀ ସ୍ୱାଇଁ, ରାମକୃଷ୍ଣ ତ୍ରିପାଠୀ, ରାମଚନ୍ଦ୍ର ସ୍ୱାଇଁ, ବିରାଜିନୀ ଜେନା, ସାରଦା ପ୍ରସାଦ ମହାନ୍ତି, ଦୁର୍ଗା ପ୍ରସାଦ ରଥ ପ୍ରମୁଖ ଶିବିରର ସଫଳ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏତଦବ୍ୟତୀତ ରାମଚନ୍ଦ୍ର ମିଶ୍ର, ସିମାଞ୍ଚଳ ଦୀକ୍ଷିତ, ଶିଶିରକାନ୍ତ ପାଣିଗ୍ରାହୀ, ସୁଜାତା ଦୀକ୍ଷିତ, ଅରୁପମା ମହାନ୍ତି, ସୁଜାତା ରଥ, ମଞ୍ଜୁବାଳା ସ୍ୱାଇଁ, ଜାନକୀବାଳା ପାତ୍ର, ରବିନାରାୟଣ ପଣ୍ଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ପଣ୍ଡିତ ନିଗମାନନ୍ଦ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଏହି ଶିବିରରେ ସମଗ୍ର ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିବା ଜଣାପଡ଼ିଛି।

## ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ

**ରାଉରକେଲା, ୯।୧୨(ସମିସ):** ରାଜଗାଙ୍ଗପୁର ବ୍ଲକ କେଶରାମାଳ ପଞ୍ଚାୟତର ଗାରିଆମାଳ ଗ୍ରାମରେ ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଦୃଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ନରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାମାଳ ପଞ୍ଚାୟତ ଗରିଆମାଳ ଗ୍ରାମର ଜନୈକା ଶିଶୁ କନ୍ୟା ସ୍କୁଲରୁ ପାଠ ପଢ଼ା ସାରି ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁରେଶ ଲାକ୍ରା (୪୫) ନାମକ ଜଣେ ଯୁବକ ନିକଟସ୍ଥ ପାନ ଦୋକାନକୁ ତାକୁ ଡାକିଥିଲା। ଏହାପରେ ପ୍ରଲୋଭନ ଦେଖାଇ ତାକୁ ନିକଟସ୍ଥ ହରଡ଼ ଗଛ କ୍ଷେତକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ଶିଶୁଟି ବଡ ପାଟିରେ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା କିଛି ମହିଳା ଘଟଣା ସ୍ଥଳକୁ ଦୌଡି ପହଞ୍ଚି ଥିଲେ। ମହିଳାମାନଙ୍କୁ ଦେଖି ସୁରେଶ ଶିଶୁ କନ୍ୟାକୁ ଛାଡି ଦୌଡି ଫେରାର ହୋଇଯାଇଥିଲା। ମହିଳାମାନେ ଶିଶୁକୁ ନେଇ ତାଙ୍କ ଘରେ ଛାଡି ଦେଇଥିଲେ। ତେବେ ରାତିରେ ଶିଶୁର ତଳିପେଟ ଯନ୍ତ୍ରଣା ହେବାରୁ ତାକୁ ତା'ର ମାଆ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାସ ସଦଳବଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସେପଟେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ରାଜଗାଙ୍ଗପୁର ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି।

### ଗୃହରକ୍ଷୀଙ୍କ ଦୀକ୍ଷାନ୍ତ ଉତ୍ସବ

## ବିପର୍ଯ୍ୟୟ ସୁରକ୍ଷା ବେଳେ ଗୃହରକ୍ଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଡିଆଇଜି

**ରାଉରକେଲା, ୯।୧୨(ସମିସ):** ରାଉରକେଲା ରିଜର୍ଭ ପୁଲିସ ପଡ଼ିଆ ଠାରେ ଆଜି ନୂତନ ଭାବେ ଯୋଗ ଦେଇଥିବା ଗୃହରକ୍ଷୀଙ୍କ ଦୀକ୍ଷାନ୍ତ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ହୋମଗାର୍ଡ ପକ୍ଷରୁ ଆୟୋଜିତ ଏକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ପୁଲିସ ଡିଆଇଜି ଶ୍ରୀ ରାୟ ହୋମଗାର୍ଡ ବାହିନୀକୁ ସମ୍ବୋଧିତ କରି ସମାଜର ମଙ୍ଗଳ ପାଇଁ ଗୃହରକ୍ଷୀ ବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶାନ୍ତିଶୃଙ୍ଖଳା ରକ୍ଷା, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ ପର୍ବପର୍ବାଣୀ ତଥା ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଗୃହରକ୍ଷୀ ବାହିନୀ ସମଗ୍ର





ଭାରତ ବର୍ଷରେ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଛନ୍ତି। ସେବା ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ନବ ନିଯୁକ୍ତ ଗୃହରକ୍ଷୀମାନଙ୍କୁ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପୁଲିସ ସହ କାନ୍ଧରେ କାନ୍ଧ ମିଳାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବା ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ପାଇଁ ଉପସ୍ଥିତ ଗୃହରକ୍ଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ରାୟ ଏବଂ ଏସ୍‌ପି ଶ୍ରୀ ୱାଧୱାନୀ ଶ୍ରେଷ୍ଠ ବିବେଚିତ ଗୃହରକ୍ଷୀଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ସ୍ମାରକୀ ଦେଇ ପୁରସ୍କୃତ କରିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୧୧୮ ଜଣ ଗୃହରକ୍ଷୀ ୮୨ ଦିନ ଧରି ତାଲିମ ନେଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ, ଡିଆଇବି ଡିଏସପି ରାମରାଏ ମୁର୍ମୁ, ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର, ଜୋନାଲ ଡିଏସପି ଯୋଗେଶ୍ୱର ପଣ୍ଡା, ଅମରେନ୍ଦ୍ର ଷଣ୍ଢଙ୍କ ସମେତ ବିଭିନ୍ନ ଥାନାର ଇନିସପେକ୍ଟରମାନେ ଉପସ୍ଥିତ ଥିଲେ।

## ଆଜି ଓପିଟିସିଏଲ୍ ପକ୍ଷରୁ ବିଦ୍ୟୁତ୍ କାଟ୍

**ରାଉରକେଲା, ୯।୧୨(ସମିସ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ରାଉରକେଲା ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ରାଉରକେଲା ସହରର ବାଲୁଘାଟ୍, ବିର୍ସାମୁଣ୍ଡା, ଗନ୍ଧାରପାଲି, ହନୁମାନ ବାଟିକା ଅଞ୍ଚଳ, ଜଳଦା, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ରାମଜୋଡ଼ି ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ସକାଳ ୮ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି କଲୁଙ୍ଗା ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବଲଣ୍ଡା, ବିରକେରା, କଲୁଙ୍ଗା ଟାଉନ୍, ଟାଇଁସର ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ସକାଳ ୮ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ସୂଚନା ମିଳିଛି।

## ଡିଭାଇଡର ଉପରକୁ ମାଡ଼ିଗଲା ଥାର୍

**ରାଉରକେଲା, ୯।୧୨(ସମିସ):** ସେକ୍ଟର ଅଞ୍ଚଳରୁ ଛେଣ୍ଡ ଆଡକୁ ଯାଉଥିବା ଏକ ଦ୍ରୁତଗାମୀ ଥାର ଭ୍ୟାନ୍ ସ୍ଥାନୀୟ ସ୍ୱେସ୍ ଛକ ନିକଟରେ ରିଙ୍ଗରୋଡର ଡିଭାଇଡର ଉପରକୁ ମାଡି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଖବରପାଇ ସେକ୍ଟର - ୭ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


### ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

## ପଞ୍ଚତତ୍ତ୍ୱ ପକ୍ଷରୁ 'ନାଗମଣ୍ଡଳ' ମଞ୍ଚସ୍ଥ






**ରାଉରକେଲା, ୯।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଆରଏସପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ପଞ୍ଚତତ୍ତ୍ୱ ନାଟ୍ୟାନୁଷ୍ଠାନ ତରଫରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ନାଗମଣ୍ଡଳ'। ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ନାଟକ ସଂଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି, ମୁଖ୍ୟ ଦର୍ଶକ ଭାବେ ବିଶିଷ୍ଟ ଶ୍ରମିକ ନେତା ପ୍ରଶାନ୍ତ ବେହେରା ଯୋଗଥିଲେ। ପ୍ରାରମ୍ଭରେ ଏକତ୍ରର ଅନ୍ୟତମ ଉପଦେଷ୍ଟା ତଥା ନାଟ୍ୟ ବ୍ୟକ୍ତିତ୍ୱ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସୁଲିପ୍ତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ଙ୍କ ଜନ୍ମେଜୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହାପରେ ପଞ୍ଚତତ୍ତ୍ୱ ଅନୁଷ୍ଠାନ ପକ୍ଷରୁ ଙ୍କ ଜନ୍ମେଜୟ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ନାଗମଣ୍ଡଳ' ମଞ୍ଚସ୍ଥ ହୋଇଥିଲା। ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ସ୍ୱାଗତସାଇ ଜ୍ୟୋତି ଘଡେଇ ଓ ସୌରଭ ମିଶ୍ର ଦେଇଥିଲେ। ରୁପ ସଜା କରିଥିଲେ ପ୍ରେମ, ମଞ୍ଚ ସଜ୍ଜା ପଞ୍ଚତତ୍ତ୍ୱ, ମଞ୍ଚ ପରିଚାଳନା କରିଥିଲେ ଶୁଭମ ସାମନ୍ତରାୟ। ନାଟକର ମୂଳ ରଚୟିତା ଗିରିଶ କର୍ଣ୍ଣାଡ୍ ଥିବା ବେଳେ ଓଡ଼ିଆ ଭାଷାନ୍ତର କରିଛନ୍ତି ନିହାର ରଞ୍ଜନ ମିଶ୍ର। ରାଣୀ ଏକ ନିଷ୍ପାପ ଯୁବତୀ ବିବାହ କରେ ଅପର୍ଣ୍ଣା ନାମକ ଜଣେ ସାଧାରଣ ଗ୍ରାମ୍ୟ ପୁରୁଷଙ୍କୁ। ଅପର୍ଣ୍ଣା ନିଜକୁ ସ୍ୱାମୀ ଭାବି ରାଣୀ ଠାରୁ ଅନ୍ଧ ଆଜ୍ଞା ପାଳନ ଓ ନିଜର ସ୍ୱେଚ୍ଛାଚାର ଚାହାଁନ୍ତି। ସେ ରାଣୀକୁ ଘରର ଚାରି କାନ୍ଥ ଭିତରେ ବନ୍ଦୀ କରି ରଖେ। ରାଣୀର ସ୍ୱାଭାବିକ ସ୍ୱାଧୀନତା, କଳ୍ପନା ଓ କାମନା ସବୁ ଦବି ରହେ। ଏହି ପୁରୁଷ ପ୍ରଧାନ ସମାଜରେ ନାରୀର ଦମନ ସର୍ବତ୍ର ଦେଖାଯାଏ। କିନ୍ତୁ ରାଣୀର ଅବଚେତନ ମନରେ ଏକ ନାଗ ଜାଗ୍ରତ ହୁଏ। ସେ ନାଗ ହେଉଛି ରାଣୀର ଦମିତ ଇଚ୍ଛା, ମୁକ୍ତିର ଆକାଂକ୍ଷା ଓ ନିଜର ସ୍ୱତ୍ୱର ପ୍ରତୀକ। ନାଗ ରୂପରେ ସେ ପ୍ରେମ, ସ୍ପର୍ଶ ଓ ସମାନତାର ସ୍ୱାଦ ପାଇଲା। ଯେତେବେଳେ ଅପର୍ଣ୍ଣା ଏ ରହସ୍ୟ ଜାଣିବାକୁ ପାଇଲା, ସେ ନାଗକୁ ମାରିବାକୁ ଚେଷ୍ଟା କଲା। କିନ୍ତୁ ରାଣୀ ନାଗକୁ ବଞ୍ଚାଇ ନିଜ କେଶରେ ଲୁଚାଇ ରଖିଦେଲା। ଏହା ଏକ ଅତି ଶକ୍ତିଶାଳୀ ପ୍ରତୀକ ନାରୀ ନିଜ ଅସ୍ତିତ୍ୱ ଓ ସ୍ୱାଧୀନତାକୁ କେବେ ହଜାଇ ଦେବ ନାହିଁ, ସେ ତାକୁ ଗୋପନେ ହେଲେ ମଧ୍ୟ ସଜୀବ ରଖିବ। ଏପରି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ନାଗମଣ୍ଡଳ'। ବିଭିନ୍ନ ଭୂମିକାରେ ଶୁଭସ୍ମିତା ମହାନ୍ତି, ସ୍ମାରକ ଅନୁରାଗ ବାରିକ, ସୌମ୍ୟ ରଞ୍ଜନ ଦାଶ, ବନ୍ଦନା ପ୍ରଧାନ, ସୌମ୍ୟ ରଞ୍ଜନ ବାରିକ, ଅମିତ ପାଢ଼ୀ, ସଞ୍ଜୟ ପ୍ରଧାନ, ଅନ୍ୱେଷା ନାୟକ, କବିତା ମଲ୍ଲିକ, ଶୁଭଶ୍ରୀ ପ୍ରଧାନ, ବର୍ଷା କୁମାରୀ ଷଡ଼ଙ୍ଗୀ, ରାଜେଶ୍ୱରୀ ପଣ୍ଡା, ସଞ୍ଜନା ପତି, ନୈନା କୁମାରୀ, ଅଭିନାଶ ମହାପାତ୍ର, ଗୌରୀ ଶଙ୍କର ସୂର୍ଯ୍ୟ, ନାରାୟଣ ରାଉଳ, ପ୍ରେମ ନାଗ, ସ୍ୱାଭିମାନ ଭୋଇନା, କେପି ଶୁଭମ, ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ସ୍ୱାଇଁ ଚମତ୍କାର ଅଭିନୟ କରିଥିଲେ।



## ସୁକୁଲିମୁଣ୍ଡିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ନୂଆପଡ଼ା/କୋମନା, ୯ ।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୁକୁଲିମୁଣ୍ଡିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଓ ଭାରତୀୟ ଭାଷା ଉତ୍ସବ ପ୍ରଧାନଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡୋଲାମଣି ଶବର, ଠିକପାଲି ସିଆରସିସି ଦିଲିପ ଶବର ଓ ବରିଷ୍ଠ ଶିକ୍ଷକ ଗୌରଚନ୍ଦ୍ର ଶବର ମା'ବୀଣାପାଣିଙ୍କୁ ପୂଜାର୍ଚ୍ଚନା କରିଥିଲେ । ତାପରେ ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳା ଆରମ୍ଭ ହୋଇଥିଲା । ବିଚାରକ ଭାବରେ ମୁରଲୀବାହାଲ ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ବିଶି ଓ ଲୋକଦୃଷ୍ଟି ଟିଉସନ ଶିକ୍ଷକ ଯଶୋବନ୍ତ ନାଗେଶ ଦାୟିତ୍ୱ ତୁଲାଇଥିଲେ । ମୋଟ ୩୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।ପ୍ରମିଳା ଶବର, ଟଲଷ୍ଟଏ ଧରୁଆ, ସ୍ନେହମୟୀ ଦାସ ଓ ଲଳିତ ଶବର ଛାତ୍ରଛାତ୍ରୀଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ ।ଜୟଦେବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ଓ ସଦାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧବସନ୍ତପଡ଼ାରେ ପହଞ୍ଚିପାରିନି ବିକାଶ

ଲାଞ୍ଜିଗଡ଼, ୯ ।୧୨(ସମିସ)



ଶୁଭୁନାହିଁ ସରକାର ହେଉନାହିଁ ବିକାଶ ବୋଲି ବହୁ ସମସ୍ୟା ଦେଇ ଗତି କରୁଥିବା ଦୃଶ୍ୟ ଲାଞ୍ଜିଗଡ଼ ସ୍ଥିତ ବସନ୍ତପଡ଼ାର କନ୍ଧ ବସନ୍ତପଡ଼ାରେ ଦେଖିବାକୁ ମିଳିଛି ।ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ବସନ୍ତପଡ଼ା ପଞ୍ଚାୟତ ଅଧୀନରେ ରହିଛି କନ୍ଧବସନ୍ତପଡ଼ା । ପଡ଼ାକୁ ରାସ୍ତା ନଥିବା ଯୋଗୁଁ ଏହି ଗାଁରେ ୬୫ ପରିବାର ଦୟନୀୟ ଜୀବନଯାପନ କରୁଛନ୍ତି । ବସନ୍ତପଡ଼ା ପଞ୍ଚାୟତଠାରୁ ଦେଢ଼ କିମିଦୂର କନ୍ଧ ବସନ୍ତପଡ଼ା ରହିଛି । ଗାଁର ଅଧିକାଂଶ ଲୋକେ ଗରିବ ଶ୍ରେଣୀର ହୋଇଥିବା ବେଳେ ବସନ୍ତପଡ଼ାରେ ଝାଟିମାଟିର କୁଡିଆ କରି ରହୁଥିବା ବେଳେ କିଛି ଲୋକ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇ ରହୁଛନ୍ତି । ବାରମ୍ବାର ଘର ଡିହ ପାଇଁ ସରକାରଙ୍କ ଦ୍ୱାରସ୍ଥ ହେବା ପରେ ୨୦୦୨ ରୁ ୨୦୨୦ ମସିହା ମଧ୍ୟରେ ୬୫ ପରିବାରଙ୍କୁ ୪ ଡିସମିଲ ଲେଖାଏଁ ଘରଡିହ ଯୋଗାଇ ଦିଆଯାଇଥିଲା । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଏହି ପରିବାରଙ୍କୁ ଘର ନିର୍ମାଣ ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । କିନ୍ତୁ ୨୩ ବର୍ଷ ହେଲା କନ୍ଧ ବସନ୍ତପଡ଼ାକୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଇ ପାରୁନି ।କେବଳ ପାଦ ଚଲା ରାସ୍ତାରେ ଗାଁର ୧୦ଟି ପରିବାର କଷ୍ଟେମଷ୍ଟେ ଘର ନିର୍ମାଣ କରିଛନ୍ତି । ୩ଟି ଘର ନିର୍ମାଣାଧିନ ଅବସ୍ଥାରେ ରହିଛି । ବର୍ତ୍ତମାନ ୪୫ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଘର ନିର୍ମାଣ ପାଇଁ ଅନୁମତି ମିଳିଛି ।

ଅନ୍ୟପକ୍ଷେ ପଡ଼ାରେ ନଳକୂପ ନଥିବା ଯୋଗୁଁ ଦେଢ଼ କିମି ଦୂର ବସନ୍ତପଡ଼ାକୁ ପାନୀୟଜଳ ପାଇଁ ଆସୁଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ କାମରେ ନିୟମଗିରି ପାହାଡ଼ରୁ ଆସୁଥିବା ଝରଣା ପାଣିକୁ ବ୍ୟବହାର କରୁଛନ୍ତି । ବିଜୁଳି ଆଲୁଅ ଏହି ପଡ଼ା ପାଇଁ ସାତସପନ ହୋଇଛି ।ଏହାକୁ ନେଇ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନଥିବା କହିଛନ୍ତି ।ବସନ୍ତ ପଡ଼ାରେ ଅଧିକାଂଶ ଲୋକ ଝାଟିମାଟିର କୁଡିଆ ଘରେ ବହୁ କଷ୍ଟରେ ରହୁଥିବା ବେଳେ ଏମାନେ ନିଜ କନ୍ଧ ବସନ୍ତପଡ଼ାକୁ ଯିବା ପାଇଁ ଚାହୁଁଛନ୍ତି ।କିନ୍ତୁ ଏମାନଙ୍କ ପାଇଁ ରାସ୍ତା ବାଧକ ସାଜିଛି ।ଏହାକୁ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଦୃଷ୍ଟି ଦେଉନାହାନ୍ତି ବୋଲି ପଡ଼ାବାସୀ କହିଛନ୍ତି । ତେଣୁ ବର୍ଷ ବର୍ଷ ଧରି ଅବହେଳିତ ହୋଇ ରହିଥିବା ଏହି ଗାଁ ପ୍ରତି ଜିଲ୍ଲା ତଥା ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ପଡ଼ାବାସୀ ଦାବି କରିଛନ୍ତି ।

### ସର୍ଦ୍ଦାରଙ୍କ ଗାଁ ନିକଟରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର ଘଟଣା

# ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚିଲେ ମହାସଂଘ କର୍ମକର୍ତ୍ତା

ନୂଆପଡ଼ା/କୋମନା, ୯ ।୧୨(ସମିସ): ନୂଆପଡ଼ା ଜିଲ୍ଲା ଲଖନା ଥାନା ସଦର ଗାଁର ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କ ମୃତ୍ୟୁ ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି । ମଙ୍ଗଳବାର ନୂଆପଡ଼ା ଜିଲ୍ଲା ଶ୍ରମିକ ମହସଂଘର ଏକ ଚାରି ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଆବାହାକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଲଖନା ପୁରୁଣା ବସ୍ତି ଗ୍ରାମର ଦାଦନ ଶ୍ରମିକଙ୍କ ଘରକୁ ଓ ଲଖନା ଥାନାକୁ ଯାଇ ଘଟଣାର ସବିଶେଷ ବିବରଣୀ ସଂଗ୍ରହ କରିଥିଲେ । ଘଟଣାକ୍ରମରୁ ପ୍ରକାଶ ଯେ, ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତ ଗତ ସୋମବାର ଦିନ ଦାଦନ ସର୍ଦ୍ଦାର ଅରମାନ ଖାଁଙ୍କ ଠାରୁ ୩୦ ହଜାର ଟଙ୍କା ଅଗ୍ରୀମ ନେଇ ଇଟାଭାଟିକୁ ଯିବା ପାଇଁ କଣ୍ଟାବାଞ୍ଜିକୁ ଯାଇଥିଲେ । ଫୋନ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଠିକଠାକ ଭାବେ ପହଞ୍ଚିଛନ୍ତି ବୋଲି ସୂଚନା ଦେଇଥିଲେ ।ଦୁଇ ତିନି ଦିନ ଭିତରେ ଗନ୍ତବ୍ୟ ସ୍ଥଳକୁ ଯିବାପାଇଁ ବାହାରିବେ । ଦୁଇ ଦିନ ପରେ ତାଙ୍କ ସ୍ତ୍ରୀଙ୍କ ପାଖକୁ ଖବର ଆସିଲା ଯେ ତାଙ୍କ ସ୍ୱାମୀଙ୍କ ମୃତ ଶରୀର କଣ୍ଟାବାଞ୍ଜି ଷ୍ଟେସନ ପାଖରେ ରେଳ ଧାରଣା କଡ଼ରେ ମିଳିଛି । ଜିଆରପି ପୁଲିସ ମୃତଦେହକୁ ଜବତ କରି ବ୍ୟବଛେଦ କରାଇଥିଲେ ।ଖବର ପାଇବା ପରେ ତାଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲଖନା ଥାନାରେ ଏତଲା ଦେଇଥିଲେ । ସୂଚନା ଯୋଗ୍ୟ ଯେ ସୋମବାର ବାଞ୍ଛାନିଧିଙ୍କ ମୃତଶରୀର ଗାଁକୁ ପହଞ୍ଚିଲା ପରେ ଗ୍ରାମବାସୀ ଲଖନା-କୁରୁମ ପୁରୀ ରାସ୍ତାକୁ ଅବରୋଧ କରି କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନସ୍ଥାନ ଦାବି କରିଥିଲେ । ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ । ଏହି ଖବର ପାଇ ମଙ୍ଗଳବାର ଶ୍ରମିକ ମହାସଂଘ ନେତା ଯଦୁମଣି ପାଣିଗ୍ରାହୀ ପ୍ରତିନିଧି ମଣ୍ଡଳୀଙ୍କ ସହିତ ଲଖନା ଗସ୍ତ କରିଥିଲେ । ସେଠାରେ ଲଖନା ଥାନାଧିକାରୀ ରଞ୍ଜନ ନାଏକଙ୍କୁ ଭେଟି ତାଙ୍କ ସହିତ କାର୍ଯ୍ୟନୁଷ୍ଠାନ ଉପରେ ଆଲୋଚନା କରିଥିଲେ । ଟିଟିଲାଗଡ଼ ଜିଆରପି ପୁଲିସ ଦ୍ୱାରା ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି, ଏବଂ ଏଥିପାଇଁ ଆମ ଥାନା ତତଫରୁ ଯାହା ସାହାଯ୍ୟ ସହଯୋଗ ଦରକାର ଆମେ ଯୋଗେଇଦେବୁ ବୋଲି ଶ୍ରୀ ନାଏକ ପ୍ରକାଶ କରିଥିଲେ । ଦାଦନ ସର୍ଦ୍ଦାର ଓ ଦଲାଲମାନଙ୍କ ଦାଦାଗିରି ଓ ଅତ୍ୟାଚାର ଶ୍ରମିକଙ୍କ ଉପରେ ଦିନକୁ ଦିନ, ବଢ଼ିଚାଲିଛି, ଏ ଘଟଣାରେ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ପାଣିଗ୍ରାହି ଦାବି କରିଥିଲେ । ପରେ ଶ୍ରୀ ଯଦୁମଣି ପାଣିଗ୍ରାହୀ ଜିଲ୍ଲା ଶ୍ରମ ଅଧିକାରୀ, ଖରିଆର ରୋଡ଼, ଜିଲ୍ଲାପାଳ ନୂଆପଡ଼ା, ପୁଲିସ ଏସପି ନୂଆପଡ଼ାଙ୍କ ସହିତ ଫୋନ ଯୋଗେ ବାଞ୍ଛାନିଧିଙ୍କ ସନ୍ଦେହ ଜନକ ମୃତ୍ୟୁ ଉପରେ ଓ ତାଙ୍କ ନିସହାୟ ତଥା ନିସନ୍ତାନ ସ୍ତ୍ରୀ ବିଞ୍ଝି ଦେବୀଙ୍କ କ୍ଷତିପୂରଣ ଓ ଭରଣ ପୋଷଣ ଉପରେ ଫୋନ ଯୋଗେ କଥା ହେଇଥିଲେ ।



### ମାମଲାକୁ ନେଇ ଥାନାଧିକାରୀଙ୍କୁ ଭେଟିଲେ

ମଙ୍ଗଳବାର ସକାଳୁ ସ୍ଥାନୀୟ ଆରଆଇ ଜିଲ୍ଲା ରେଡକ୍ରସ ପାଣ୍ଠିରୁ କୋଡ଼ିଏ ହଜାର ଟଙ୍କା ଓ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା । ଜିଲ୍ଲା ଶ୍ରମ ନିରୀକ୍ଷକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଥଲେ ।ନୂଆପଡ଼ା ଜିଲ୍ଲାର ଦାଦନ ଦୁଃଖ ଓ ଦୁର୍ଦ୍ଦଶା ଉପରେ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା କରିବା ପାଇଁ ଯିବ ଓ ଏହାର ସ୍ଥାୟୀ ସମାଧନ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।ପ୍ରତିନିଧି ମଣ୍ଡଳୀରେ ଭକ୍ତ ବନ୍ଧୁ ଧରୁଆ, ସୁଖଦେବ ସାହୁ, ଅନିରୁଦ୍ଧ ନାଗ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

## ମଣ୍ଡି ଖୋଲିବାରେ ବିଳମ୍ବ, ତାତିଲେଣି ଚାଷୀ

● ତୁରନ୍ତ ମଣ୍ଡି ଆରମ୍ଭ ନ ହେଲେ ଆନ୍ଦୋଳନ

କଳମପୁର, ୯ ।୧୨(ସମିସ): ଧାନ କାଟି ଘରେ ଖଳାରେ ସାଇତି ରଖିଲେଣି ଚାଷୀ । କେତେକ ଚାଷୀ ଧାର କରଜ ଯୋଗୁଁ ଧାନ କମ ମୂଲ୍ୟରେ ବିକିବାକୁ ବାଧ ହେଲେଣି । ହେଲେ ଏଯାଏଁ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ମଣ୍ଡି ଆରମ୍ଭ ହୋଇ ପାରିନାହିଁ । ଫଳରେ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେତେକ ଚାଷୀ ଏନେଇ କଳମପୁର ତହସିଲଦାରଙ୍କ ନିକଟରେ ଫେରାଦ ବି ହେଲେଣି, ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ମଧ୍ୟ ଏନେଇ ଚାଷୀମାନେ ମଣ୍ଡି ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସହିତ ଟୋକନ ଆସି ନ ଥିବା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଉତ୍ତରରେ କହିଥିଲେ ଆମେ ଏ ବିଷୟରେ ସରକାରଙ୍କୁ ଜଣାଇବୁ, ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ ପ୍ରାୟ ଲୋକଙ୍କ ଟୋକନ ଆସି ସାରିଛି । ଯେଉଁ ମାନଙ୍କ ପାଖକୁ ମେସେଜ ପହଞ୍ଚି ନାହିଁ ସେମାନେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରନ୍ତୁ । ଚାଷୀ ମାନେ କହିଥିଲେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ଲାଗୁନାହିଁ, ଏହାରି ଉତ୍ତରରେ ସେ ଏହା ରାଜ୍ୟସାରା ଚାଲୁଛି ଏଣୁ ବ୍ୟସ୍ତ ରହିବା ସ୍ୱାଭାବିକ ଆପଣମାନେ ଚେଷ୍ଟା ଜାରି ରଖନ୍ତୁ ବୋଲି କହିଥିଲେ ।କେତେକ ଚାଷୀ ମଣ୍ଡିକୁ ଧାନ ଆଣି ପକାଇ ସାରିଲେଣି, ହେଲେ ଆଜିଯାଏଁ କଳମପୁର ଅଞ୍ଚଳର କୌଣସି ମଣ୍ଡିରୁ ମୁଠାଏ ବି ଧାନ କିଣାବିକା ହୋଇ ପାରିନାହିଁ, ସରକାର ଘୋଷଣା କରିଥିଲେ ନଭେମ୍ବର ମାସ ୨୦ ତାରିଖରୁ ମଣ୍ଡି ଖୋଲିବ, କିନ୍ତୁ ତାହା ହୋଇ ପାରିଲା ନାହିଁ ।କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏକ ବୈଠକରେ ନିଷ୍ପତ୍ତି ନେଲେ ନଭେମ୍ବର ମାସ ୨୯ ତାରିଖ ଠାରୁ ଧାନ ମଣ୍ଡି ଆରମ୍ଭ ହେବ ଓ ଧାନ କିଣାବିକା ହେବାକୁ ନିଷ୍ପତ୍ତି ନେଲେ । ହେଲେ ଡିସେମ୍ବର ମାସ ଅଧା ସରିବାକୁ ବସିଲାଣି କିନ୍ତୁ ମଣ୍ଡି ଖୋଲା ହୋଇ ପାରିନାହିଁ ।ପ୍ରବଳ ଶୀତ କାକରରେ ଚାଷୀ ଖଳାରେ ଧାନ ଗଛିତ ରଖି ମଣ୍ଡି କେବେ ଖୋଲିବ ଅନାଇ ବସିଛି । କିନ୍ତୁ କେବେ ମଣ୍ଡି ଖୋଲିବ ଏହାରି ଉତ୍ତର ପ୍ରଶାସନିକ ଅଧିକାରୀଙ୍କ ଠାରୁ ମିଳି ପାରୁନାହିଁ । ଗତଥର ମଣ୍ଡି ଯଗିବେ ଦଳୀୟ କର୍ମୀ, ମଣ୍ଡିମାନଙ୍କରେ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଥିଲା, କିନ୍ତୁ କଟ୍‌ନି ଛଟ୍‌ନିକୁ ରୋକା ଯାଇ ପାରି ନଥିଲା, ଏଥର ସେଥିରେ ମଣ୍ଡି ବିଳମ୍ବ ପ୍ରସଙ୍ଗ ଯୋଡି ହୋଇ ଯାଇଛି, ମଣ୍ଡି ଖୋଲିବା ଯେତେ ବିଳମ୍ବ ହେଉଛି ଅସାଧୁ ବ୍ୟବସାୟୀଙ୍କୁ ସୁହାଉଛି । ସେମାନେ କମ ମୂଲ୍ୟରେ ଧାନ କିଣିବା ଆରମ୍ଭ କରି ଦେଲେଣି ।ଏପରିକି କିଛି ମିଲକୁ ମଧ୍ୟ ଟ୍ରକ୍ ଟ୍ରକ୍ ଧାନ ଚାଲାଣ ହେବାକୁ ଲାଗିଲାଣି । ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି, ଅନ୍ୟଥା ଚାଷୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ ।

# ଶିଶୁ ସୁରକ୍ଷା ସଚେତନତା ଅଭିଯାନ

ଗୋଲାମୁଣ୍ଡା, ୯ ।୧୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲପଞ୍ଚାୟତ ଭୁତ୍‌ପଡ଼ା ଓ ଡୁମେରବାହାଲ ଠାରେ ଗ୍ରାମ୍ୟ ଶିଶୁ ସୁରକ୍ଷା ସମିତି, ଆର୍‌ସିଡ଼ିସି ଭୁବନେଶ୍ୱର, ଚାଇଲଡ୍ ଫଣ୍ଡ ଓ ବିଏମ୍‌ଜେଡଙ୍କ ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହ ନ କରିବା, ଶିଶୁ ସମସ୍ୟା ଚିହ୍ନଟ, ଅଧାରୁ ପାଠ ଛାଡୁଥିବା ଶିଶୁଙ୍କୁ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରେଇବା, ଦିବ୍ୟାଙ୍ଗ ଶିଶୁଙ୍କୁ ସରକାରୀ ଯୋଜନା ସାମିଲ କରେଇବା ଉପରେ ଶୋଭାଯାତ୍ରା କରାଯାଇ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗ୍ରାମ୍ୟ ଶିଶୁ ସୁରକ୍ଷା ସମିତି ସଦସ୍ୟ ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କିଶୋର, କିଶୋରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆର୍‌ସିଡ଼ିସିରୁ ଗୋଷ୍ଠୀ ପ୍ରବର୍ତ୍ତକ ସଞ୍ଜିବ ଓ ସରିତା ପ୍ରମୁଖ ସହଯୋଗ କରିଥିଲେ ।



# ସହିଦ ରେଣ୍ଡୋ ମାଝୀ ସ୍ୱାଧୀନତା ସଂଗ୍ରାମର ଆଗ୍ନେୟପିଣ୍ଡ

### ଦଳିତ ଆଦିବାସୀ ମହାସଂଘ ତରଫରୁ ଆଲୋଚନାଚକ୍ର

ଭବାନୀପାଟଣା, ୯ ।୧୨(ସମିସ)

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ମୃତି ରୋମନ୍ଥନ କଲେ ସହିଦ ରେଣ୍ଡୋ ମାଝୀଙ୍କ ଜୀବନ ଯଜ୍ଞର ମୁହୂର୍ତ୍ତମାନ ମନେପଡେ । ସାରା ଦେଶରେ ଆଦିବାସୀଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ସମୟରେ ଯେଉଁ ଆଦିବାସୀ ଗୋଷ୍ଠୀ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ଥିଲେ, ସେମାନଙ୍କ ମଧ୍ୟରେ ସହିଦ ରେଣ୍ଡୋ ମାଝୀଙ୍କ ସଶସ୍ତ୍ର ବିପ୍ଳବ ପ୍ରମୁଖ ଥିଲା । ମାତୃଭୂମିର ମୁକ୍ତି ପାଇଁ ଆଗ୍ନେୟ ଶପଥ ନେଇଥିଲେ । ଚେତନାର ପ୍ରବାହରେ ବଣ ପାହାଡ଼ଘେରା କଳାହାଣ୍ଡି ଜିଲ୍ଲାରୁ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ବିଦ୍ରୋହର ହୁଁ କାର ଦେଇଥିଲେ ସହିଦ ରେଣ୍ଡୋ ମାଝୀ ।ଶକ୍ତିଶାଳୀ ନେତୃତ୍ୱ ବେଶ ପ୍ରଭାବଶାଳୀ ଥିଲା ।ଶତ୍ରୁକୁ ନିର୍ମମ ଆଘାତ ଦେବାର ସାମର୍ଥ୍ୟ ଥିବା ରେଣ୍ଡୋ ମାଝୀଙ୍କ ସଂଗ୍ରାମୀ ଜୀବନର ସଂଘର୍ଷପୂର୍ଣ୍ଣ ସମୟକୁ ଯେତିକି ଚର୍ଚ୍ଚା ଓ ଆଲୋଚନା ହେବାର କଥା ସେତିକି ହୋଇପାରିନି । ବାସ୍ତବିକ ସେ ଥିଲେ ସଂଗ୍ରାମୀ, ସମର୍ପଣ ଓ ତ୍ୟାଗର ଚରମ ଦୃଷ୍ଟାନ୍ତ । ତାଙ୍କ ବିପ୍ଳବର ରଣହୁଙ୍କାର ବ୍ରିଟିଶ ସରକାରର ମୂଳଦୁଆ ଦୋହଲାଇ ଦେବାକୁ ଯଥେଷ୍ଟ ଥିଲା । ସେଇ ଅଗ୍ନିସ୍ଫୁଲିଙ୍ଗରେ ଝାସ ଦେଇ ରେଣ୍ଡୋ ମାଝୀଙ୍କ ସହଯୋଗୀ ସହିଦ ଅନ୍ଧାରୁ ଡମ୍ବ, ପଦି ଡମ୍ବ, ଟଡ଼ ଡମ୍ବ, ବସଟା ଡମ୍ବ, ଡାକି ଡମ୍ବ, ଲିଆଭାଜୁ ଡମ୍ବଙ୍କ ସହିତ ମାରନା ମାଝୀ, ଆବନ ମାଝୀ, ବିୟ ମାଝୀ, ପଟା ମାଝୀ ଓ ଆମୋଷ ପାତ୍ର, ବଳରାମ ପାତ୍ର, ଗୁହାଲୁ ପାତ୍ର, ଦୁଃଖିଆ ପାତ୍ର ପ୍ରମୁଖଙ୍କ ଭୂମିକା ରହିଥିଲା । ସେଇ ଇତିହାସକୁ ପୁନର୍ଲିଖନ ସହିତ ସେମାନଙ୍କ ତ୍ୟାଗ ଓ ବଳିଦାନକୁ ମନେପକାଇବାର ଆବଶ୍ୟକତା ରହିଛି । ସେହିପରି ପାରମ୍ପରିକ ଜଳସେଚନ ବ୍ୟବସ୍ଥାରେ ନିଜସ୍ୱ ଜ୍ଞାନ କୌଶଳର ଉପଯୋଗ କରି ପାହାଡ଼ ଉପରେ ବହି ଯାଉଥିବା ଝରଣା ପାଣିକୁ କ୍ଷେତକୁ ବାଟ କଢେଇ ନେବାର ଉପାୟ ଜାଣିଥିଲେ ଜଳପୁରୁଷ କାର୍ଜୀ ମାଝୀ । ପାହାଡିଆ ଡିପ ଜମିରେ ବାଉଁଶ ଜରିଆରେ ଜଳସେଚନ ଓ ଏହାର ସନ୍ତୁଳନ ରଖିବାରେ ସେ ସିଦ୍ଧହସ୍ତ ଥିଲେ । ଜଣେ ସର୍ବକାଳୀନ ଓ ସାର୍ବଜନୀନ ଭାବଧାରାର ମଣିଷ କାର୍ଜି ମାଝୀ । ତାଙ୍କର ଜ୍ଞାନ କୌଶଳ ଦ୍ୱାରା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ୪୨ଟି କେନାଲ ଖନନ ଓ ଜଳସେଚନର ସୁବ୍ୟବସ୍ଥା ହୋଇପାରିଥିଲା । ଏଣୁ ଆଜିର ଦିନରେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ଉଚ୍ଚତର ଗବେଷଣା ସହିତ ତାଙ୍କ ନାମରେ କଳାହାଣ୍ଡି କୃଷି ମହାବିଦ୍ୟାଳୟକୁ ନାମିତ କରିବା, ତାଙ୍କ ଦ୍ୱାରା ନିର୍ମିତ କେନାଲଗୁଡ଼ିକର ରକ୍ଷଣାବେକ୍ଷଣ, ମରଣୋତ୍ତର ଭାବେ ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ଦଳିତ ଆଦିବାସୀ ମହାସଂଘ ତରଫରୁ ରେଣ୍ଡୋ ମାଝୀ ସହିଦ ସପ୍ତାହ ଓ କାର୍ଜୀ ମାଝୀ ବର୍ଷ ପାଳନ ଅବସରରେ ଆଜି ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମହାସଂଘର ସଭାପତି ପରମାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅମଲାଭବନରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟକୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏବିସିଏସ ଗ୍ରୁପ ଅଫ ଏଜୁକେସନର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ କୁମାର ପ୍ରଧାନ ଯୋଗ ଦେଇଥିଲେ । ସହିଦ ରେଣ୍ଡୋ ମାଝୀଙ୍କ ସମ୍ପର୍କରେ ଡ. ଭବାନୀଶଙ୍କର ନିଆଲ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ଜଳପୁରୁଷ କାର୍ଜୀ ମାଝୀଙ୍କ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ମହାସଚିବ ଦେବୀ ପ୍ରସାଦ ସିନ୍ଧୁର, ନଗର ସଭାପତି ଚକ୍ରଧର ସେଠୀ ମଞ୍ଚାସୀନ ଥିଲେ । ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବା ବେଳେ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କିସ ଅନୁଷ୍ଠାନର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପ୍ରଧାନ, ନଗର କାର୍ଯ୍ୟକାରୀ ସଭାପତି ଅଭୟ ଚରଣ ନାଏକ, ନଗର ଉପଦେଷ୍ଟା ନାଦରାଜ ନାଏକ, ପ୍ରକାଶ ମଙ୍ଗରାଜ, ବରିଷ୍ଠ ସାମ୍ବାଦିକ ରାଜକୁମାର ସିଂଦେଓ, ସମାଜସେବୀ ତ୍ରିଲୋଚନ ପାଣିଗ୍ରାହୀ, ଯତୀନ୍ଦ୍ର କରଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



## ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

କୋକସରା, ୯ ।୧୨(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଫୁପଗାଁ ଓ ବଙ୍ଗୋମୁଣ୍ଡାରେ ମଙ୍ଗଳବାର ସନ୍ଧ୍ୟାରେ ପୃଥକ୍ ଦୁଇଟି ଦୁର୍ଘଟଣା ଘଟିଛି । ଉଭୟ ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି । ଫୁପଗାଁଠାରେ ଘଟିଥିବା ଦୁର୍ଘଟଣାରେ ସ୍ଥାନୀୟ ନୂଆଗାଁ ଗ୍ରାମର ଦେବେନ୍ଦ୍ର ଶବର(୩୫) ଗୁରୁତର ହୋଇଛନ୍ତି । ସେହିପରି ବଙ୍ଗୋମୁଣ୍ଡା ଖେଲପଡ଼ିଆ ନିକଟସ୍ଥ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ବଙ୍ଗୋମୁଣ୍ଡା ଗ୍ରାମର ବିକୀ ଛତ୍ରିଆ(୨୩) ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ କୋକସରା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଉଭୟ ସ୍ଥାନରେ ଘଟିଥିବା ଦୁର୍ଘଟଣାର କାରଣ ରାସ୍ତାରେ ହାରଭେଷ୍ଟର (ଧାନକଟା ମେସିନ୍) ଧାନ କାଟିବା ପରେ କାଦୁଅ ସଫା ନକରି ରାସ୍ତାରେ ନେବା ଆଣିବା କାରଣରୁ ବାଇକ୍ ସ୍ଲିପ୍ ହୋଇ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ କୋକସରା ଅଞ୍ଚଳରେ ଜୋରସୋରରେ ଧାନ କଟା ଚାଲିଛି । ଚାଷୀମାନେ ଧାନ କଟିବା ପାଇଁ ହାରଭେଷ୍ଟର ସାହାଯ୍ୟ ନେଇଛନ୍ତି । ତେବେ କିଛି ଟ୍ରାକ୍ଟର ଓ ହାରଭେଷ୍ଟର ମାଲିକ ଜମିରୁ ଧାନ କାଟି ସାରିବା ପରେ ମେସିନ୍ ସଫା ନକରି ନେବା ଆଣିବା କରିବା ଯୋଗୁଁ ରାସ୍ତାରେ ପରସ୍ତ ପରସ୍ତ କାଦୁଅ ପଡ଼ିରହିଛି । ଯାହାଫଳରେ ଲୋକେ ଅନେକ ହଇରାଣ ହରକତ ହେବା ସହ ଦୁର୍ଦ୍ଦଶା ଭୋଗୁଛନ୍ତି । କାଦୁଅ ଯୋଗୁଁ ବାଇକ୍ ସ୍ଲିପ୍ ହୋଇ ଚାଲକ ମାନେ ଭାରସାମ୍ୟ ହରାଇ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ସମ୍ପୃକ୍ତ ଗାଡ଼ି ମାଲିକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି ।

## ସଂକୁଚିତ ହେଉଛି କାଙ୍କେରି ଗ୍ରାମ୍ୟ ରାସ୍ତା

● ଡିମାର୍କେସନ ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ



ଧର୍ମଗଡ଼, ୯ ।୧୨(ସମିସ): ଧର୍ମଗଡ଼ ବ୍ଲକ କାଙ୍କେରି ପଞ୍ଚାୟତ କାଙ୍କେରି ତିନି ନମ୍ବର ୱାର୍ଡ ରାସ୍ତାର ଡିମାରକେସନ ପାଇଁ ଗ୍ରାମବାସୀ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ କାଙ୍କେରି ଗାଁ ରାସ୍ତାରେ ଦିନକୁ ଦିନ ଲୋକେ ଘର, ବାଡ଼, ପିଣ୍ଡା ସବୁ ନିର୍ମାଣ କରୁଥିବାରୁ ଗ୍ରାମ୍ୟରାସ୍ତା ସଂକୁଚିତ ହେବାରେ ଲାଗିଛି । ବିଭିନ୍ନ ସମୟରେ ଗାଁ ଭିତରକୁ ଦମକଳ ଗାଡ଼ି, ଆମ୍ବୁଲାନ୍ସ ଯାଇପାରୁନାହିଁ । ଅନେକ ସମୟରେ ରୋଗୀଙ୍କୁ କାନ୍ଧରେ ବୋହି ମୁଖ୍ୟରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସମାଜସେବୀ ଅପରେସ ସ୍ୱାଇଁ ସମେତ ମା ଡୁମେରମୁଡେନ ଯୁବକ ସଂଘ ସଭାପତି ମହେଶ୍ୱର ସୁନାନୀ, ଦିଲୀପ ବାଗ, ଶିବା ସାଗର, ଆକାଶ ତାଣ୍ଡି, ହରିରାଲ ଜଗତ, ଚକ୍ଷିତ ଜଗତ ପ୍ରମୁଖ ଉପସ୍ଥିତ ଥିଲେ ।

TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି । ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା । ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି ।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ । ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ । ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ । ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି ।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ । ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ । ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ । ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି । ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ । ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ । ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ ।

ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ ।

୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ ।

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ THE SAKALA

## ଅସୁସ୍ଥ ସ୍ୱାସ୍ଥ୍ୟାବସ୍ଥା

ରାଜ୍ୟରେ ସରକାରୀ ଓ ଘରୋଇ ମେଡିକାଲ୍ ସଂଖ୍ୟା ଇତିମଧ୍ୟରେ ୧୯ ରେ ପହଞ୍ଚିଛି। ସେଥିରୁ ବର୍ଷକୁ ପାଖାପାଖି ୨୨୦୦ ଡାକ୍ତର ଓ ୯୦୦ ବିଶେଷଜ୍ଞ ଉତ୍ତୀର୍ଣ୍ଣ ହେଉଛନ୍ତି। ଅଥଚ ଆମ ରାଜ୍ୟରେ ଡାକ୍ତର-ରୋଗୀ ଅନୁପାତର ବୈଷମ୍ୟ ବାରି ହୋଇପଡୁଛି। ସହରାଞ୍ଚଳ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କର ରାତି ଅଧରୁ ଲମ୍ବା ଧାଡ଼ି ଏବଂ ଗ୍ରାମାଞ୍ଚଳରେ ରୋଗୀମାନଙ୍କୁ ଖଟିଆରେ ବୋହି ଜିଲ୍ଲା ଡାକ୍ତରଖାନାକୁ ଆଣିବାର କ୍ରମବର୍ଦ୍ଧିଷ୍ଣୁ ଦୃଶ୍ୟରୁ ଆମ ଚିକିତ୍ସା ବ୍ୟବସ୍ଥାର ବିକଳ ଅବସ୍ଥା ପ୍ରମାଣିତ ହେଉଛି। ବିଧାନସଭାର ଚଳିତ ଅଧିବେଶନରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ବା ୬୦% ଡାକ୍ତର ପଦବୀ ଖାଲି ପଡ଼ିଛି। ୬୨୭୧ ଡାକ୍ତରଙ୍କୁ ସରକାର ନିୟମିତ ନିଯୁକ୍ତ କରିଥିବା ବେଳେ ୧୧୩୫ ଡାକ୍ତର ଠିକାରେ ନିଯୁକ୍ତ ହୋଇଛନ୍ତି। ଅଧିକ ଡାକ୍ତର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି)କୁ ଅନୁରୋଧ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। କିନ୍ତୁ ଓପିଏସ୍ସି ଦ୍ୱାରା ସଦ୍ୟତମ ଚୟନ କରାଯାଇଥିବା ତାଲିକା ପ୍ରକାଶନର ତିନି ମାସ ବିତିସାରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏଥିରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ଆନ୍ତରିକତା କେତେ ତାହା ଆଉ ବୁଝାଇ କହିବା ଆବଶ୍ୟକ ନୁହେଁ।

ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରତିବର୍ଷ ସରକାରୀ ଓ ଘରୋଇ ମେଡିକାଲ୍ କଲେଜ୍‌ରୁ ଯେଉଁ ଡାକ୍ତରୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନେ ଯାଉଛନ୍ତି କୁଆଡ଼େ? ଚାରିବର୍ଷିଆ ଡାକ୍ତରୀ ପାଠ୍ୟକ୍ରମ ସହିତ ଏକବର୍ଷର ବାଧ୍ୟତାମୂଳକ ତାଲିମ୍ ସରିବା ପରେ ସେମାନେ ଡାକ୍ତରୀ ଚିକିତ୍ସା ପାଇଁ ଯୋଗ୍ୟ ବୋଲି ଡାକ୍ତରୀ ପାଠ୍ୟକ୍ରମ ଓ ତାଲିମ୍ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ଓ ଅନୁମତିପତ୍ର ଦିଆଯାଉଛି। ତେବେ ସରକାର ପୁଣି ଓପିଏସ୍ସି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି କେଉଁ ଉଦ୍ଦେଶ୍ୟରେ ଏବଂ ତାହା ନିୟମିତ ସମ୍ପନ୍ନ ହେଉନାହିଁ କାହିଁକି? ଜଣେ ସଚେତନ ନାଗରିକଙ୍କୁ ଏହିସବୁ ପ୍ରଶ୍ନ ଆନ୍ଦୋଳିତ କଲା ବେଳେ ସମାଧାନର ସୂତ୍ରଟିଏ ମଧ୍ୟ ସ୍ୱତଃ ଜନ୍ମ ନିଏ। ଯଦି ସରକାର ଓପିଏସ୍ସି ଚୟନ ପ୍ରକ୍ରିୟାକୁ ସର୍ବାଦୌ ଗୁରୁତ୍ୱ ଦେଉଛନ୍ତି ତେବେ ଭଲ କଥା; କିନ୍ତୁ ଏହି ଅବଧି ମଧ୍ୟରେ ଠିକା ନିଯୁକ୍ତିରେ ଅସୁବିଧା କେଉଁଠି ରହିଛି? ପୂର୍ବ ସରକାର ଅମଳରେ ଏହିଭଳି ଠିକା ନିଯୁକ୍ତି ଯୋଗୁଁ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାରେ ଅନେକାଂଶ ସୁଧାର ଆସିପାରିଥିଲା। କିନ୍ତୁ କେଉଁ ଉଦ୍ଦେଶ୍ୟ ନେଇ ଏବେକାର ସରକାର ଏହାକୁ ଉଠାଇ ନେଲେ ତାହା ବୁଝାପଡୁନାହିଁ। ପୁଣି ଯଦି ଘରୋଇ କ୍ଲିନିକ୍, ଡାକ୍ତରଖାନା ଓ ମଲ୍‌ଟି ସ୍ପେଶାଲିଷ୍ଟ ହସ୍ପିଟାଲ୍‌ମାନେ ସଦ୍ୟତମ ଉତ୍ତୀର୍ଣ୍ଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଭରସା କରିପାରୁଛନ୍ତି, ସେମାନଙ୍କୁ ଅଧିକ ଦରମାରେ ନିଯୁକ୍ତି ଦେଇପାରୁଛନ୍ତି ସରକାରୀ ନୀତିରେ ସେମାନେ ଅଛୁଆଁ କାହିଁକି ଓ କିପରି ହେଉଛନ୍ତି?

ଏ ପ୍ରଶ୍ନ କେବଳ ଆମର ନୁହେଁ; ଏଥିରେ ନିହିତ ରହିଛି ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ଓ ମ୍ୟାଲେରିଆପ୍ରବଣ ଏକ ରାଜ୍ୟର ଜନସ୍ୱାସ୍ଥ୍ୟର ସମସ୍ୟା ଓ ସମାଧାନର ସୂତ୍ର। ଜନସ୍ୱାର୍ଥ ଓ ସାମୂହିକ କଲ୍ୟାଣ ଦୃଷ୍ଟିରୁ ସରକାର ଜନସ୍ୱାସ୍ଥ୍ୟର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଅନ୍ତୁ। ●

## ରଙ୍ଗର ମୋହ

ଜୀବନଦର୍ଶନରେ ରଙ୍ଗର ଆଳଙ୍କାରିକ ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଯେତେବେଳେ ତାହା(ରଙ୍ଗ) ଜୀବନଚର୍ଯ୍ୟାର ଅଙ୍ଗ ହୋଇପଡ଼େ ତାହା ଆନନ୍ଦ ବଦଳରେ ସମସ୍ୟା ସୃଷ୍ଟି କରେ। ଯାହା ଆଖିକୁ ଭଲ ଦେଖାଯାଏ ତାହା ଶରୀର ପାଇଁ ମଧ୍ୟ ଅନୁକୂଳ ହେବ, ଏହା ଅବଧାର୍ଯ୍ୟ ନୁହେଁ। କିନ୍ତୁ ରଙ୍ଗର ଏହି ମୋହକୁ ଆମେ ପରିହାର କରିପାରୁ ନ ଥିବାରୁ ଆମ ଲକ୍ଷ୍ୟଅଲକ୍ଷ୍ୟରେ ରୋଗପସରାକୁ କିଣି ଆଣୁଛୁ। ଏବେ ବଜାରରେ ଭଳିକି ଭଳି ଖାଦ୍ୟ ମିଳୁଥିବା ବେଳେ ଏଭଳି କୌଣସି ଖାଦ୍ୟ ସାମଗ୍ରୀ ନାହିଁ, ଯାହା କୃତ୍ରିମ ରଙ୍ଗରେ ରଙ୍ଗାୟିତ ନୁହେଁ। ଏହାକୁ ଚାହିଁ ଦୋକାନବଜାରରେ ରଙ୍ଗର ପସରା ମେଲିଛି ଏବଂ ଶିଳ୍ପ ସାମ୍ରାଜ୍ୟ ଗଢ଼ି ଉଠିଛି। ଭାରତରେ ଖାଦ୍ୟ-ରଙ୍ଗ ଶିଳ୍ପର ଆକାର ୨୦୨୩ ସୁଦ୍ଧା ୧୦ କୋଟି ଡଲାର ଥିବା ବେଳେ ୨୦୩୦ ସୁଦ୍ଧା ୧୭ କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଆମ ଖାଦ୍ୟରେ ମିଶୁଥିବା ରଙ୍ଗକୁ ମୁଖ୍ୟତଃ ପ୍ରାକୃତିକ ଓ କୃତ୍ରିମ ବା ଜୈବିକ ଓ ରାସାୟନିକ ଭାବେ ବିଭକ୍ତ କରାଯାଏ। ଖାଉଟି ସମାଜର ଏକ ଧାରଣା ରହି ଆସିଛି ଯେ ଖାଦ୍ୟରେ ମିଶୁଥିବା ରଙ୍ଗ ଜୈବିକ, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ନୁହେଁ। ଶାସନ ଓ ପ୍ରଶାସନିକ ସ୍ତରରେ ମଧ୍ୟ ଏହି ଧାରଣାକୁ ସ୍ୱୀକୃତି ମିଳିସାରିଛି। କିନ୍ତୁ ଆମେ ଥରେ ଚିନ୍ତା କରିବା ଆବଶ୍ୟକ ଯେ ଯେଉଁସମୟରେ ଜୀବନରକ୍ଷାକାରୀ ଔଷଧ ଭେଜାଲ୍‌ମୁକ୍ତ ନୁହେଁ ଖାଦ୍ୟ-ରଙ୍ଗ ନିର୍ମାତାମାନଙ୍କର ସାଧୁତା ଉପରେ ବିଶ୍ୱାସ କରାଯାଇପାରିବ କିଭଳି? ଶସ୍ତା ରାସାୟନିକ ରଙ୍ଗ ବଦଳରେ ନିର୍ମାତା ଅଧିକ ମୂଲ୍ୟଯୁକ୍ତ ଜୈବିକ ରଙ୍ଗ ବିକ୍ରି କରି ଲାଭ ପ୍ରତିଶତକୁ ଯେ କମ୍ କରିବ, ଆପାତତଃ ଏହି ବିଶ୍ୱାସ ଆଜିର ଦିନରେ ଜନ୍ମିବା କଷ୍ଟକର। କିନ୍ତୁ ବିଡ଼ମ୍ବନା ହେଉଛି ଶରୀର ପ୍ରତି କ୍ଷତିକାରକ ଜାଣି ମଧ୍ୟ ଖାଦ୍ୟ-ରଙ୍ଗକୁ ଉତ୍ପାଦନଠାରୁ ବିକ୍ରି ଓ ବ୍ୟବହାର ପର୍ଯ୍ୟନ୍ତ ସବୁସ୍ତରରେ ସରକାରୀ ସ୍ୱୀକୃତି ମିଳିଯାଉଛି। ଏହାର ଯାଞ୍ଚ ମଧ୍ୟ ହେଉନାହିଁ।

ସମସ୍ୟାଟି ଏତେ ଗଭୀରକୁ ଚାଲିଗଲାଣି ଯେ ଏହାର ସମ୍ପୂର୍ଣ୍ଣ ସମାଧାନ ସୂତ୍ର ପ୍ରଥମେ ଅଣ୍ଡା ନା ପ୍ରଥମେ ପକ୍ଷୀ ପ୍ରଶ୍ନର ଉତ୍ତର ଖୋଜିବା ଭଳି ହୋଇଛି। ବିକ୍ରେତାମାନଙ୍କ ଦାବି ଯେ ଖାଦ୍ୟ ରଙ୍ଗୀନ ନ ହେଲେ ଗ୍ରାହକ ମୁହଁ ଫେରାଇ ନେଉଛନ୍ତି। ସଚେତନ ଖାଉଟିଙ୍କ କହିବା କଥା, ଯଦି କୌଣସି ଏକ ଅଞ୍ଚଳରେ କୌଣସି ବିକ୍ରେତା ରଙ୍ଗ ବ୍ୟବହାର କରିବେ ନାହିଁ ତେବେ ଖାଉଟିଙ୍କ ପାଖରେ ରଙ୍ଗହୀନ କି ରଙ୍ଗଯୁକ୍ତ ତୁଳନା କରିବାର ଅବକାଶ ରହନ୍ତା ନାହିଁ ଏବଂ ସାମଗ୍ରିକ ଭାବେ ସମାଜର ମଙ୍ଗଳସାଧନ ହୁଅନ୍ତା। ଯଦି ବଜାରରେ ରଙ୍ଗ କିଣିବାକୁ ମିଳନ୍ତା ନାହିଁ ତେବେ ଯାଇ ଏହି ଦ୍ୱିତୀୟ ସୂତ୍ରଟି କାମ କରନ୍ତା। କିନ୍ତୁ ଉଭୟ ଶାସନ/ପ୍ରଶାସନର ସମ୍ବେଦନହୀନତା ଓ ଉଦାସୀନତା ସମାଧାନର ସୂତ୍ର ନିର୍ଣ୍ଣୟରେ ବାଧକ ସାଜିଛି।

ରଙ୍ଗହୀନ ଜୀବନର ଅର୍ଥ ନ ଥାଇ ପାରେ, କିନ୍ତୁ ରଙ୍ଗହୀନ ଖାଦ୍ୟରସ୍ୱାଦ ଅଛି। ବିଶେଷକରି କୃତ୍ରିମ ରଙ୍ଗ ବିହୀନ ଖାଦ୍ୟ ହିଁ ଅଧିକ ପୁଷ୍ଟିକର। ଖାଦ୍ୟ ପୁଷ୍ଟିକର ଓ ତଟକା ହେବା ଉଚିତ, ରଙ୍ଗୀନ ନୁହେଁ। ରଙ୍ଗୀନ ଖାଦ୍ୟକୁ ଅଭ୍ୟାସରୁ ଦୂରେଇ ନ ପାରିଲେ ଶରୀର ରୋଗାକ୍ରାନ୍ତ ଏବଂ ଜୀବନ ରଙ୍ଗହୀନ ହୋଇଯିବ। ତେଣୁ ରଙ୍ଗୀନ ଜୀବନ ପାଇଁ ଖାଦ୍ୟ-ରଙ୍ଗର ମୋହକୁ ପରିହାର କରିବା ବାଞ୍ଛନୀୟ। ●

# ଭିନ୍ନକ୍ଷମର ଭାବନା ଓ ଆମ କର୍ତ୍ତବ୍ୟ

**ଅମାତ୍ୟ କୁମାର ପ୍ରଧାନ**

ଏ ଧରାପୃଷ୍ଠରେ ସବୁବର୍ଗର ଲୋକଙ୍କ ପାଇଁ ସମାନତା ତଥା ସମ୍ମାନ ସହ ବଞ୍ଚିବାର ଏବଂ ପ୍ରତ୍ୟେକ କ୍ଷେତ୍ରରେ ପୂର୍ଣ୍ଣ ଅଂଶଗ୍ରହଣ କରିବା ଅଧିକାର ରହିଛି। ଏହାକୁ ସାକାର କରିବାକୁ ହେଲେ ସକ୍ଷମ ବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଏହାର ଘୋର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏଥିସହିତ ସବୁଠାରୁ ବଡ଼ ପ୍ରଶ୍ନ ଯୋଡ଼ି ହୋଇଯାଇଛି। ତାହା ହେଉଛି ଅକ୍ଷମ କିଏ - ବ୍ୟକ୍ତି ନା ବ୍ୟବସ୍ଥା? ଅସଲ ବାଧା ରହିଥାଏ ଆମ ମାନସିକତାରେ। ଆମେ ଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ଦେଖିଲେ ଅପାରଗ ବୋଲି ଧରିନେଉ। କୌଣସି ଗୋଟିଏ ଆଙ୍ଗିକ ତ୍ରୁଟି ଯୋଗୁଁ ବ୍ୟକ୍ତିଟି ସାମଗ୍ରିକ ଭାବେ ଅସମର୍ଥ ହୋଇ ନ ଥାଏ। ତା'ର ଅନ୍ୟ ଅଙ୍ଗଗୁଡ଼ିକ ତୁଳନାତ୍ମକ ଭାବେ ସକ୍ରିୟ ହୁଏ। ଆମ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭାବ ନାହିଁ, ଯେଉଁମାନେ ସକ୍ଷମମାନଙ୍କଠାରୁ ବହୁତ ଆଗରେ। ହେଲେନ କେଲେର, ଭୀମ ଭୋଇ, ସୁଧା ଚନ୍ଦ୍ରନ, ଷ୍ଟିଫେନ ହକିନ୍ସ, ଗାୟକ ରବୀନ୍ଦ୍ର ଜୈନ ଓ ଆମ ଓଡ଼ିଶାର ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଚେସ କ୍ରୀଡ଼ାବିତ୍ ସୌନ୍ଦର୍ଯ୍ୟ ପ୍ରଧାନ ପ୍ରମୁଖ।

ସମାଜ ଯେଉଁମାତ୍ରାରେ ସଭ୍ୟ ହୋଇଚାଲିଛି ଶାରୀରିକ ଗଠନ, ଆର୍ଥିକ ତାରତମ୍ୟ, ସାମାଜିକ ବିଷମତା, ରଙ୍ଗଭେଦ, ଜାତିଭେଦ, ଭୌଗୋଳିକ ତାରତମ୍ୟ, ଲିଙ୍ଗଭେଦକୁ ମୂଳୋତ୍ପାଟନ ପାଇଁ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ପ୍ରଚେଷ୍ଟା ସେହିମାତ୍ରାରେ ବଢ଼ିଛି। ବିଭିନ୍ନ ଦେଶର ଶାସକ, ବୁଦ୍ଧିଜୀବୀ, ବିଶେଷଜ୍ଞଗଣ ଅନେକ ସମୟରେ ସମ୍ମିଳନୀ ମାଧ୍ୟମରେ ଭେଦଭାବକୁ ଏକ କଳଙ୍କ ବୋଲି ଚିନ୍ତା ପ୍ରକଟ କରିବା ପୂର୍ବକ ନିରାକରଣ ପାଇଁ ଅନେକ ନିୟମ ଓ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ଏହାର ନିରାକରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି।



କେତେକ ପ୍ରଭାବଶାଳୀ ପଦକ୍ଷେପ ମଧ୍ୟ ନେଇଛନ୍ତି।

ଭେଦ ବା ବୈଷମ୍ୟତା ପ୍ରାକୃତିକ ନୁହେଁ। ଏହା ସମାଜ ନିଜେ ତିଆରି କରିଥିବା ଏକ ଅବଧାରଣା। ଅଙ୍ଗ ଗଠନ ଜନିତ ତ୍ରୁଟି କାରଣରୁ ଯଦି ଜଣେ ବ୍ୟକ୍ତି ସାମାନ୍ୟ ବିବେଚନା କରୁଥିବା କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବାରେ ପଛରେ ରହିଲା, ତା'କୁ ଆମେ ଅସମର୍ଥ ଅଥବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଅଭିହିତ କରିଥାଉ। ସମାଜ ଦ୍ୱାରା ନିର୍ମିତ ଏହି ଅବଧାରଣା ସମୟକ୍ରମେ ଏତେମାତ୍ରାରେ ସଘନ ହୋଇଯାଏ ଯେ ସମ୍ପୃକ୍ତ ବ୍ୟକ୍ତିକୁ ଅକ୍ଷମତା ଅନୁଯାୟୀ ଅନ୍ଧ, ମୂକ, ବଧିର ଆଦି ଚିହ୍ନ ଲଗେଇ ଦିଆଯାଏ। ଜଣେ ଯଦି ଆମେ ଶୁଣୁଥିବା ମାତ୍ରାରେ ଶୁଣି ନ ପାରେ, ଆମେ ଦେଖୁଥିବା ଅନୁପାତରେ ଦେଖି ନ ପାରେ, ଆମ ବୁଦ୍ଧି ସହ ସମକକ୍ଷ ହୋଇ ନ ପାରେ ତାକୁ ଯଥାକ୍ରମେ କାଲା(ଶ୍ରବଣ ବାଧିତ) ଅନ୍ଧ (ଦୃଷ୍ଟି ବାଧିତ), ବେଡା(ମାନସିକ ଅନଗ୍ରସର) ଆଖ୍ୟା ଦେଇ ଏକ 'ନାମପଟି'(ମାର୍କା) ଦେଇଥାଉ। ସକ୍ଷମ କ୍ଷେତ୍ରରେ ଆମେ ଯଦି ବ୍ୟକ୍ତିକୁ ରଙ୍ଗଭେଦ ଅନୁଯାୟୀ 'କଳା' ଉଚ୍ଚତା ଅନୁଯାୟୀ 'ଗେଡ଼ା' ଅପେକ୍ଷାକୃତ ବଡ଼ ଦାନ୍ତ ଥିବା ବ୍ୟକ୍ତିକୁ 'ଦନ୍ତୁରା' ଡାକିବା ତା'ର ଯନ୍ତ୍ରଣା ସହଜରେ ଅନୁମେୟ। ସେହିପରି ବଡ଼ ଉଦର ଥିବା ବ୍ୟକ୍ତିକୁ 'ପେଟୁ' ଚୁଟି ଝଡ଼ି ଯାଇଥିବା ବ୍ୟକ୍ତିକୁ 'ଚନ୍ଦା' ଡାକିଲେ କ'ଣ ହୁଏ ତାହା ସମସ୍ତଙ୍କ ଅନୁଭୂତିର କଥା। ତେବେ ଗୋଟିଏ ଅଙ୍ଗର ସାମର୍ଥ୍ୟକୁ ନେଇ ଏହିଭଳି ଲେବୁଲ ଲଗେଇବା କେତେଦୂର ଯଥାର୍ଥ?

ଧ୍ରୁବସତ୍ୟ ହେଲା 'ସାମର୍ଥ୍ୟରେ ଅସମାନତା'। ଭଗବାନଙ୍କ ସୃଷ୍ଟିରେ ବୈଶିଷ୍ଟ୍ୟ ହେଉଛି ପ୍ରତି ମଣିଷକୁ ଅନନ୍ୟ ଭାବେ ସୃଷ୍ଟି କରିବା। ବୋଧହୁଏ ଏହା ହିଁ ଆମ ଜୀବଜଗତର ସୌନ୍ଦର୍ଯ୍ୟ। ଯଦି ସମସ୍ତେ ସମାନ ଉଚ୍ଚତା ବିଶିଷ୍ଟ ଥା'ନ୍ତେ ତେବେ ଡେଙ୍ଗା ବ୍ୟକ୍ତିର ମହିମା କିଛି ରୁହନ୍ତା ନାହିଁ କିମ୍ବା ଗେଡ଼ା ବ୍ୟକ୍ତିର କିଛି ହୀନମନ୍ୟତା ମଧ୍ୟ ଆସନ୍ତା ନାହିଁ। ଗୋରା ଚମଡ଼ାର ମହିମା କଳା ଚମଡ଼ାର ଉପସ୍ଥିତି ଯୋଗୁଁ। ପଶୁ, ପକ୍ଷୀ, ଉଦ୍ଭିଦ, କୀଟ, ପତଙ୍ଗ ସମସ୍ତ କ୍ଷେତ୍ରରେ ବିବିଧତା ରହିଛି। କୌଣସି ଜେବ୍ରାର ଶରୀରର ଚିହ୍ନଗୁଡ଼ିକ ସମାନ ନ ଥାଏ। ତେବେ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଭିନ୍ନତାକୁ ସମାଜ ଏକ ସହଜତା ସହକାରେ ଆପଣେଇ ପାରେନି, ବରଂ ନିଜେ ନିଜେ ବାଛବିଚାର କରେ। ଏହିଠାରୁ ହିଁ ଲୋକଙ୍କ ପାଇଁ ମୁଖ୍ୟସ୍ରୋତ ଅପହଞ୍ଚ ହୋଇପଡ଼େ। ଏପ୍ରକାର ବାଧା ଏକ ଉତ୍କଟ ରୂପ ଧାରଣ କରେ ଯେ କିଛିଲୋକ ସବୁକ୍ଷେତ୍ରରୁ ବଞ୍ଚିତ, ଲାଞ୍ଛିତ, ଶୋଷିତ, ଅପମାନିତ ବୋଧ କରିଥା'ନ୍ତି। ଏ କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କ ସମସ୍ୟା ଅତି ଚରମ।

ଆମେ ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ ନକାରାତ୍ମକ ଲେବୁଲ ଲଗେଇଦେଉ ତାହା ଏକ ବିରାଟ ସାମାଜିକ ବାଧକ ହୋଇ ଉଠେ। ସାଧାରଣ ସଭାମାନଙ୍କରେ ଆମେ କହୁ 'ଅନ୍ଧ' ହୋଇ ମଧ୍ୟ ଭଲ ଗୀତ ଗାଆନ୍ତି, ଛୋଟା ହୋଇ ମଧ୍ୟ ଦୌଡ଼ି ପାରନ୍ତି, ଜନଜାତି ହୋଇ ମଧ୍ୟ ନିଟ(ଡାକ୍ତରୀ ପରୀକ୍ଷା) ଯୋଗ୍ୟତା ହାସଲ କଲେ ଇତ୍ୟାଦି। ଆମେ ତାଙ୍କ ସୁନ୍ଦର କଣ୍ଠକୁ ସ୍ୱୀକାର ନକରି 'ଅନ୍ଧତ୍ୱ'କୁ ଇଙ୍ଗିତ କରିବାରେ ପଛଘୁଞ୍ଚା ଦେଉନୁ। ଆମେ ଜଣେ ସାଧାରଣ ବ୍ୟକ୍ତିଠାରୁ ଅଧିକ ଦୌଡୁଥିବା ସାମର୍ଥ୍ୟକୁ ଅଣଦେଖା କରି 'ଛୋଟା'କୁ ଗୁରୁତ୍ୱ ଦେଉ। ସେମିତି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ଜନିତ ସାମର୍ଥ୍ୟକୁ ଆଗ ନକରି 'ଜନଜାତି'କୁ ଆଗରେ ପ୍ରଦର୍ଶନ କରୁ। ଏହା ହିଁ ବାଧକ।

ସଭ୍ୟ ଭାଷା ବୋଲି 'ବିକଳାଙ୍ଗ' ବଦଳରେ 'ଦିବ୍ୟାଙ୍ଗ', 'ଅକ୍ଷମ' ବଦଳରେ 'ଭିନ୍ନକ୍ଷମ' ବଦଳ ଶବ୍ଦ ବ୍ୟବହାର କଲେ ମଧ୍ୟ 'ଲେବୁଲ' ହିଁ ଲଗାଉଛୁ। ଆମେ ସହଜ ହୋଇ ପାରୁନା। ଶବ୍ଦର ଚରମତାରେ ଆମେ ଏକୂଳରୁ ସେକୂଳ ଦୋଳାୟମାନ ହେଉଚୁ। ଅକ୍ଷମତା ପ୍ରତିଭାର ସୀମିତତା ନୁହେଁ। ଏହା ସମାଜର ଦାୟିତ୍ୱ ଯେ ପରିବେଶକୁ ସୁଗମ୍ୟ କରିବା, ଯେଉଁଥିରେ ଅନ୍ୟମାନେ ଖାପ ଖୁଆଇପାରିବେ। ବିଶେଷ ଆବଶ୍ୟକତାର ମାନେ କେବଳ ସହାୟକ ଉପକରଣ ପ୍ରଦାନରେ ସୀମିତ ନୁହେଁ। ସାଧାରଣ ଶିଶୁ ଯେମିତି ପ୍ରାକ କିଶୋର, କିଶୋରାବସ୍ଥା ଓ ଯୁବକାବସ୍ଥାରେ ଅନେକ ଜୈବିକ ପରିବର୍ତ୍ତନକୁ ସମାନ କରେ ଏବଂ ତଦନୁଯାୟୀ ସ୍ୱତନ୍ତ୍ର ଆବଶ୍ୟକତା ଲୋଡ଼େ, ଠିକ ସେହିପରି ବୟସ ଅନୁପାତରେ ଜଣେ ଭିନ୍ନକ୍ଷମ ଶିଶୁର ଜୈବିକ ଆବଶ୍ୟକତାକୁ ଦୃଷ୍ଟି ଦେବାକୁ ପଡ଼ିବ। ତାକୁ ଅଣଦେଖା କଲେ ବିକୃତି ଆହୁରି ବଢ଼ିବ।

ଅକ୍ଷମତା ଦୃଶ୍ୟ ହୋଇପାରେ ଅବା ଅଦୃଶ୍ୟ। ଶାରୀରିକ ଅଥବା ମାନସିକ। ସାମୟିକ କିମ୍ବା ସ୍ଥାୟୀ ହୋଇପାରେ। ଆସନ୍ତୁ ମିଳିମିଶି ଏହି ସମାଜ ନିର୍ମିତ ଧାରଣା ଜନିତ ବାଧାକୁ ଭାଙ୍ଗିବା। କାରଣ ଏହା ହିଁ ସାମୂହିକ ସମାଜ ପାଇଁ ମଙ୍ଗଳକର। କୌଣସି ଜିନିଷ ନିର୍ମାଣ କରିବା କଷ୍ଟ, ଭାଙ୍ଗିବା ତ ଅତି ସହଜ। କିଛି ଲୋକଙ୍କ ପାଇଁ ବ୍ୟବସ୍ଥା ଅନୁକୂଳ ନୁହେଁ, ବାଧା ରହିଛି। ତେଣୁ ବ୍ୟବସ୍ଥାର ଅକ୍ଷମତାକୁ ଦୂର କଲେ ସବୁକିଛି ଠିକ ହୋଇଯିବ। ଆବଶ୍ୟକତା ଅନୁଯାୟୀ କିଛି ଲୋକଙ୍କୁ ଆସନ୍ତୁ ଉନ୍ନୀତ କରିବା। ●

(ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ)
ସୁନ୍ଦରଗଡ଼, ମୋ: ୯୪୩୭୨୧୯୬୧୩

# ଆମ ହସ୍ତଶିଳ୍ପର ସୁଯୋଗ ଓ ସମ୍ଭାବନା

**ପ୍ରିୟଦର୍ଶିନୀ ଦାସ**

ହସ୍ତଶିଳ୍ପ ଓ ସ୍ଥାୟୀ ହସ୍ତଶିଳ୍ପର ଚାହିଦା ବିଶ୍ୱସ୍ତରରେ ଦ୍ରୁତଗତିରେ ବୃଦ୍ଧି ପାଉଛି, ଯାହା ଅନନ୍ୟ, ପରିବେଶ ଅନୁକୂଳ ଉତ୍ପାଦ, ନୈତିକ ଉତ୍ପାଦନ ଓ ସାଂସ୍କୃତିକ ପ୍ରାମାଣିକତା ପ୍ରତି ଗ୍ରାହକଙ୍କ ଆକାଂକ୍ଷା ଦ୍ୱାରା ପରିଚାଳିତ। ଏହା ଭାରତରେ ଲକ୍ଷ ଲକ୍ଷ କାରିଗରଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଏବଂ ସକାରାତ୍ମକ ସଙ୍କେତ, ଯେଉଁମାନେ ଅନେକ ହସ୍ତଶିଳ୍ପ ଉତ୍ପାଦନ କରନ୍ତି। ମୁଖ୍ୟତଃ ପରିବେଶଅନୁକୂଳ ସାମଗ୍ରୀରୁ, ଯାହା ଗ୍ରାହକଙ୍କ ପସନ୍ଦ ଓ ପସନ୍ଦ ବହୁଳ ଉତ୍ପାଦିତ ସାମଗ୍ରୀରୁ ଜନସାଧାରଣଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଆଡ଼କୁ ସ୍ଥାନାନ୍ତରିତ ହେଉଛି। ଅନନ୍ୟତା ଓ ପ୍ରାମାଣିକ ଉତ୍ପାଦ ପାଇଁ ଇଚ୍ଛା, ସାଂସ୍କୃତିକ ସଂଯୋଗ ଓ କାରିଗରଙ୍କୁ ସମର୍ଥନ କରିବା ଇତ୍ୟାଦି ଭଳି ଅନେକ ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ପରିବେଶଗତ ଚେତନା ବୃଦ୍ଧି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ହସ୍ତଶିଳ୍ପ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରତି ପରିବେଶଗତ ସଚେତନତା ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଥିଲେ ମଧ୍ୟ ଏହା ନିଶ୍ଚିତ ଭାବରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ନୁହେଁ। କାରଣ ଗ୍ରାହକମାନେ ବିଭିନ୍ନ ପ୍ରକାରର ଆନ୍ତରିକ ପ୍ରେରଣା ଦ୍ୱାରା ପରିଚାଳିତ ହୁଅନ୍ତି। ଅନ୍ୟାନ୍ୟ ପ୍ରମୁଖ ବାହକମାନଙ୍କ ମଧ୍ୟରେ ଅନନ୍ୟତା, ସାଂସ୍କୃତିକ ସଂଯୋଗ ଓ ନୈତିକ ଉତ୍ପାଦନ ପାଇଁ ଇଚ୍ଛା ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ, ବିଶ୍ୱ ହସ୍ତଶିଳ୍ପ ବଜାର ଆକାର ୨୦୨୪ ରେ ୯୦୬.୮ ବିଲିୟନ ଡଲାର ଥିଲା ଏବଂ ୨୦୩୩ ସୁଦ୍ଧା ଏହା ୧.୯୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ପ୍ରାୟ ୮.୮୩%ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ପାଇବ। ଏହି ଅଭିବୃଦ୍ଧି ମୁଖ୍ୟତଃ ବିଶ୍ୱବ୍ୟାପୀ ଗ୍ରାହକମାନଙ୍କ ଦ୍ୱାରା ଅନନ୍ୟ ଏବଂ ସ୍ଥାୟୀ ଉତ୍ପାଦ ପାଇଁ ବଢୁଥିବା ଚାହିଦାକୁ ଦାୟୀ କରାଯାଇଛି, ଯାହାଦ୍ୱାରା ଗ୍ରାହକ ଆଚରଣରେ ଅଧିକ ସଚେତନ ବ୍ୟବହାର ପ୍ରତି ଏକ ପ୍ରମୁଖ ପରିବର୍ତ୍ତନ ଆସିଛି।

ହସ୍ତଶିଳ୍ପଗୁଡ଼ିକୁ ସାଧାରଣତଃ କପଡ଼ା ଆଧାରିତ ହସ୍ତଶିଳ୍ପ, ଧାତୁ ହସ୍ତଶିଳ୍ପ, ପଥର ହସ୍ତଶିଳ୍ପ, କାଠ ହସ୍ତଶିଳ୍ପ, ଚମଡ଼ା ହସ୍ତଶିଳ୍ପ, ପ୍ରାକୃତିକ ତନ୍ତୁ ଓ ଘାସ ଆଧାରିତ ହସ୍ତଶିଳ୍ପ, କାଦ ଆଧାରିତ ହସ୍ତଶିଳ୍ପ, କାଗଜ ହସ୍ତଶିଳ୍ପ, ହାଡ଼-ଶୃଙ୍ଗ-ଖୋଳ ଆଧାରିତ ହସ୍ତଶିଳ୍ପ, ଲାଖ ଓ ମହମ ଆଧାରିତ ହସ୍ତଶିଳ୍ପ ଇତ୍ୟାଦି ତିଆରିରେ ବ୍ୟବହୃତ ମୌଳିକ କଞ୍ଚାମାଲ ଆଧାରରେ ବର୍ଗୀକୃତ କରାଯାଏ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧୀନରେ ଥିବା ହସ୍ତଶିଳ୍ପ ବିକାଶ କମିଶନର (ଡିସି) ହସ୍ତଶିଳ୍ପକୁ ୯ଟି ପ୍ରମୁଖ ବର୍ଗ ଓ ୩୬ଟି ଉପ-ବର୍ଗରେ ବିଭକ୍ତ କରିଛନ୍ତି, ଯେଉଁଥିରେ ୪୫୪ଟି ବିଭିନ୍ନ ହସ୍ତଶିଳ୍ପର ତାଲିକା ଅନ୍ତର୍ଭୁକ୍ତ। ତଥାପି ପରିବେଶ-ଅନୁକୂଳ ହସ୍ତଶିଳ୍ପ ଉତ୍ପାଦର ଚାହିଦା ବୃଦ୍ଧି ପାଇବା ସହିତ ଗତ କିଛିବର୍ଷ ମଧ୍ୟରେ ଅନେକ ଉତ୍ପାଦ ବର୍ଗ ଉଭା ହୋଇଛି।

ଏହି ପରିବର୍ତ୍ତନ ମୁଖ୍ୟତଃ ନୂତନ ପିଢ଼ିର ଆଗ୍ରହ-ଚାଳିତ କାରିଗର, ଡିଜାଇନର ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଅଭିନବ ସାମଗ୍ରୀ ଏବଂ ମିଶ୍ରିତ ଗଣମାଧ୍ୟମ ବ୍ୟବହାର କରିବା ଯୋଗୁଁ ଆସୁଛି, ଯାହା ମଧ୍ୟରୁ ଅନେକ ସରକାରଙ୍କ ଦ୍ୱାରା ହସ୍ତଶିଳ୍ପ ବର୍ଗ ଅଧୀନରେ ତାଲିକାଭୁକ୍ତ ହୋଇନାହାନ୍ତି। ଡିସି ହସ୍ତଶିଳ୍ପ ପୋର୍ଟାଲରେ ୩୨ଟି ବିଭିନ୍ନ ବର୍ଗରୁ ୩୫, ୩୧୨ଟି ଉତ୍ପାଦ ତାଲିକାଭୁକ୍ତ ହୋଇଥିବା ସତ୍ତ୍ୱେ ପ୍ରତିବର୍ଷ ନୂତନ ଯୁଗର ଗ୍ରାହକ-କୈନ୍ଦ୍ରିକ ଏବଂ ପରିବେଶ ସଚେତନ କାରିଗର ଓ ଡିଜାଇନରମାନଙ୍କ ଦ୍ୱାରା ଆଗତ ନବସୃଜନ ସହିତ ହସ୍ତଶିଳ୍ପର ନୂତନ ରୂପ ନିରନ୍ତର ବିକଶିତ ହେଉଛି। ସରକାର ଏହି ନୂତନ ହସ୍ତଶିଳ୍ପର ସମ୍ଭାବନାକୁ ମୂଲ୍ୟାଙ୍କନ କରିବା ଉଚିତ ଏବଂ ଉପଯୁକ୍ତ ହସ୍ତଶିଳ୍ପ ବର୍ଗ ଅଧୀନରେ ସେଗୁଡ଼ିକୁ ଚିହ୍ନଟ କରିବା ଉଚିତ, ଯାହାଦ୍ୱାରା ସେମାନେ ମଧ୍ୟ ସରକାରୀ ଯୋଜନା ଏବଂ ଲାଭ ପାଇପାରିବେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ୫୫ଟି ହସ୍ତଶିଳ୍ପକୁ ସ୍ୱୀକୃତି ଦେଇଛି, ଯେଉଁଥିରେ ପଟ୍ଟଚିତ୍ର ଚିତ୍ରକଳା, ପଥର ଓ କାଠ ଖୋଦନ, ରୁପା ଫିଲିଗ୍ରୀ, ଆପ୍ଲିକ୍ କାମ, ଟେରାକୋଟା, ପିତ୍ତଳ ଓ ଘଣ୍ଟି ଧାତୁ ଶିଳ୍ପ, ବେତ ଓ ବାଉଁଶ ଶିଳ୍ପ ଇତ୍ୟାଦି ଅନ୍ତର୍ଭୁକ୍ତ। ରାଜ୍ୟ ସାରା ବିସ୍ତାରିତ ୧.୩ ଲକ୍ଷରୁ ଅଧିକ କାରିଗରଙ୍କ ଦ୍ୱାରା ଅଭ୍ୟାସ କରାଯାଏ। ଜାତୀୟ ଧାରା ସହିତ ତାଳ ଦେଇ ଓଡ଼ିଶା ଅନେକ ଯୁବପ୍ରତିଭାଙ୍କୁ ମଧ୍ୟ ଆକର୍ଷିତ କରିଛି। ବିଶେଷକରି କାରିଗର-ଆଧାରିତ ଷ୍ଟାର୍ଟଅପ୍ ଓ କ୍ଷୁଦ୍ର-ଉଦ୍ୟୋଗରେ ମହିଳା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ତଥାକଥିତ କାରିଗର ପାରମ୍ପରିକ ସମ୍ପ୍ରଦାୟର ନୁହନ୍ତି। ଅନ୍ତର୍ଜାତୀୟ ବଜାରରେ ହସ୍ତଶିଳ୍ପର ବର୍ଦ୍ଧିତ ଚାହିଦା, ବିଶେଷକରି ୟୁରୋପୀୟ ସଂଘ ଦେଶ, ଆମେରିକା, କାନାଡ଼ା, ଜାପାନ ଓ ଦକ୍ଷିଣ କୋରିଆରେ ଭାରତୀୟ ହସ୍ତଶିଳ୍ପ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରେ। କାରଣ ଏହାର ଅନନ୍ୟ ବୈଶିଷ୍ଟ୍ୟ ଓ ସ୍ଥାୟୀ ଉତ୍ପାଦନ ପଦ୍ଧତି। ଏହି ବର୍ଦ୍ଧିତ ସୁଯୋଗ ସତ୍ତ୍ୱେ ଭାରତୀୟ ହସ୍ତଶିଳ୍ପ ଅନ୍ତର୍ଜାତୀୟ ବଜାରରେ ଏହାର ବଜାର ଅଂଶ ବୃଦ୍ଧି କରିବାକୁ ସଂଘର୍ଷ କରୁଛି। ସ୍ଥାୟୀ-ପ୍ରାମାଣିକ ହସ୍ତଶିଳ୍ପ ଉତ୍ପାଦ ପ୍ରତି ସେମାନଙ୍କର ପରିବର୍ତ୍ତିତ ପସନ୍ଦ ଉପରେ ଆଧାରିତ ଅନ୍ତର୍ଜାତୀୟ ବଜାରରେ ଗ୍ରାହକଙ୍କ ସ୍ୱାଦ ବୁଝିବାର ଅଭାବ ଯୋଗୁଁ ଏହି ପାର୍ଥକ୍ୟ ଦେଖାଯାଉଛି। ପ୍ରାୟ ଏକ ଟ୍ରିଲିୟନ ଡଲାର ବିଶ୍ୱ ବଜାର ମଧ୍ୟରୁ ଭାରତ ଭଳି ଏକ ଦେଶ, ଯାହା ହସ୍ତଶିଳ୍ପ ଐତିହ୍ୟ ପାଇଁ ଜଣାଶୁଣା, କେବଳ ୪.୫ ବିଲିୟନ ଡଲାର ମୂଲ୍ୟର ହସ୍ତଶିଳ୍ପ ରପ୍ତାନି କରିପାରିଛି। ଯେତେବେଳେ ଭାରତୀୟ ହସ୍ତଶିଳ୍ପ କ୍ଷେତ୍ର ପାଇଁ ପ୍ରଚୁର ସୁଯୋଗ ରହିଛି, ସେତେବେଳେ ସରକାର ଅନ୍ତର୍ଜାତୀୟ ବଜାରରେ ଏହାର ଅଂଶ ବୃଦ୍ଧି କରିବା ପାଇଁ ବିଦ୍ୟମାନ ନୀତି ଓ ଯୋଜନାଗୁଡ଼ିକର ପୁନର୍ବିଚାର କରିବା ଉଚିତ।

ଘରୋଇ କ୍ଷେତ୍ରରେ, ଜେନ ଜେଡ ଓ ମିଲେନିୟାଲ୍ସଙ୍କ ମଧ୍ୟରେ ହସ୍ତଶିଳ୍ପ ପ୍ରତି ପରିବର୍ତ୍ତନଶୀଳ ରୁଚି ମଧ୍ୟ ସମାନ ଭାବରେ ଉତ୍ସାହଜନକ ସଙ୍କେତ ଦେଉଛି। ନୂତନ ପିଢ଼ିର ଉଦ୍ୟୋଗୀମାନେ, ବିଶେଷକରି ଓଡ଼ିଶାର ମହିଳାମାନେ, ବର୍ଦ୍ଧିତ ଗ୍ରାହକ ଆଧାରକୁ ସୁହାଇ ହସ୍ତଶିଳ୍ପରେ ଅନେକ ନୂତନତ୍ୱ ଆଣୁଛନ୍ତି। ତଥାପି ସେମାନଙ୍କୁ ସ୍ୱୀକୃତି, ସମର୍ଥନ ଏବଂ ପ୍ରୋତ୍ସାହନ ପାଇଁ ଏକ ଦୃଢ଼ ଇକୋ-ସିଷ୍ଟମ ମଧ୍ୟ ଆବଶ୍ୟକ। ହସ୍ତଶିଳ୍ପ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ 'ଜାତୀୟ ହସ୍ତଶିଳ୍ପ ସପ୍ତାହ' ଏକ ଭଲ ପଦକ୍ଷେପ। ଏହାର ପାଳନ ସହିତ ପୂର୍ବ ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରି ଭାରତ ସରକାର 'ଜାତୀୟ ହସ୍ତଶିଳ୍ପ ଦିବସ' ମଧ୍ୟ ଘୋଷଣା କରିବା ଉଚିତ। କାରିଗରମାନେ ବିଶ୍ୱାସ କରନ୍ତି ଯେ ଜାତୀୟ ହସ୍ତଶିଳ୍ପ ସପ୍ତାହ ସହିତ ହସ୍ତଶିଳ୍ପର ପାଳନ ଏବଂ ସ୍ୱୀକୃତି ପାଇଁ ଉତ୍ସର୍ଗୀକୃତ ଏକ ଦିନ ଏହି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିପାରିବ। ●

(ଲେଖିକା 'ଓଡ଼ିଶାର ସବୁଜ ରାଣୀ' ଭାବରେ ପରିଚିତ)
ଭୁବନେଶ୍ୱର, ମୋ: ୮୮୯୫୭୫୨୪୭୪

# ବାଳକ ରାମ ଦାସ ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ବାଳକ ଦାସ ଅବିଭକ୍ତ ପଞ୍ଜାବ ପ୍ରଦେଶର ଲାହୋର ସହରରେ ଏକ ନିମ୍ନ-ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ। ବୁଢ଼ା ବାପା ମାଆ ଓ ପାଞ୍ଚ ଭାଇଙ୍କୁ ନେଇ ତାଙ୍କର ପରିବାରରେ ସେ ଥିଲେ ମଝିଆଁ ପୁଅ। କୈଶୋର ଓ ଆଦ୍ୟ ଯୌବନରେ ସେ ଅଳସୁଆ ଓ ଖାଦ୍ୟଲୋଭୀ ଥିବାରୁ ଭାଇମାନେ ତାଙ୍କୁ ଘରୁ ବାହାର କରିଦେଲେ। ବାଳକ ଦାସ ସୌଭାଗ୍ୟବଶତଃ ସେ ଦୁର୍ଯୋଗକୁ ସୁଯୋଗରେ ପରିଣତ କରିଦେଲେ। ସେ ଜଙ୍ଗଲରେ କଠୋର ତପସ୍ୟା କରି ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବର ଲାଭ କଲେ। ପ୍ରଥମ ବର ହେଲା ସେ ସଙ୍କଳ୍ପ କରି ଯାହା ଛୁଇଁଦେବେ ତାହା ସୁନା ପାଲଟି ଯିବ ଏବଂ ଦ୍ୱିତୀୟ ବର ଥିଲା ଯେ ଇଚ୍ଛାମୃତ୍ୟୁ ବରଣ କରି ବୈକୁଣ୍ଠ ଗମନ କରିବେ। ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କରୁଣାରୁ ସିଦ୍ଧି ଲାଭ କରି ଥିବାରୁ ସେ 'ବାଳକ ରାମ ଦାସ' ନାମରେ ଖ୍ୟାତିଲାଭ କଲେ।

ପ୍ରଥମ ବର ପ୍ରୟୋଗ କରି ସେ ଅଚଳାଚଳ ସମ୍ପତ୍ତିର ଲାଭ କଲେ। ସେ ଅର୍ଥ ବିନିମୟରେ ଏକ ବିରାଟ ମଠ ନିର୍ମାଣ କରି ଦୁଃଖୀରଙ୍କୀଙ୍କୁ ଅନ୍ନଦାନ ଓ ଅସହାୟମାନଙ୍କୁ ସାହାଯ୍ୟର ବନ୍ଦୋବସ୍ତ କଲେ। ତା'ପରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏକ ବିରାଟ ପଟୁଆରରେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେତେବେଳେ ମଦନ ଭାରତୀ ନାମରେ ଜଣେ ଶାକ୍ତ ସନ୍ନ୍ୟାସୀ ନୀଳାଚଳରେ ବାସ କରୁଥିଲେ। ବିଭିନ୍ନ ପ୍ରକାରର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପାଥେୟ କରି ସେ କ୍ଷେତ୍ରରେ ଅନେକ ଶିଷ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ। କିନ୍ତୁ ବାଳକ ଦାସ ସିଦ୍ଧ ବୈଷ୍ଣବ ସନ୍ନ୍ୟାସୀ ହୋଇଥିବାରୁ ଏବଂ ଅମାପ ସମ୍ପତ୍ତିର ମାଲିକ ହୋଇଥିବାରୁ ଧୀରେଧୀରେ ତାଙ୍କର ଅନୁଗାମୀ ସଂଖ୍ୟା ବଢ଼ିଲା। ଏଥିରେ ମଦନଭାରତୀ ଓ ତାଙ୍କର ଶିଷ୍ୟମାନେ ନିଜକୁ ଅସୁରକ୍ଷିତ ମନେ କଲେ। ସେମାନେ ବାଳକ ଦାସଙ୍କ ନାମରେ କୁତ୍ସାରଟନା କରିବାକୁ ଲାଗିଲେ। କିନ୍ତୁ ସେମାନଙ୍କର ସମସ୍ତ ଅପଚେଷ୍ଟା ଅସଫଳ ହେବା ପରେ ମଦନ ଭାରତୀ ବାଳକ ରାମ ଦାସଙ୍କୁ ଏକ ପରୀକ୍ଷାକୁ ଆହ୍ୱାନ କଲେ। ପରୀକ୍ଷା ହେଲା ଯେ ଜଣେ ଲୋକକୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦିଆଯିବ। ଯଦି ବାଳକ ଦାସ ତା'କୁ ଜୀବନ ଦାନ ଦେଇପାରିବେ ତେବେ ତାଙ୍କ ଶ୍ରେଷ୍ଠତ୍ୱକୁ ମଦନ ଭାରତୀ ସ୍ୱୀକାର କରିବେ। ବାଳକ ଦାସ ସେ ଆହ୍ୱାନକୁ ଗ୍ରହଣ କଲେ; କିନ୍ତୁ ଜଣେ ଲୋକକୁ ମାରିବା ଅପେକ୍ଷା ଗୋଟେ ଶବ ଅଣିବା ପାଇଁ ପ୍ରସ୍ତାବ ଦେଲେ। ନିର୍ଦ୍ଦିଷ୍ଟ ଦିନ ଭାରତୀଙ୍କ ଶିଷ୍ୟମାନେ ଗୋଟେ ଶବ ଆଣି ପରୀକ୍ଷା ଯାଗାରେ ପହଞ୍ଚିଲେ। ରାମ ଦାସ ମହାରାଜ ଶବକୁ କୋଳରେ ଧରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନା ପରେ ଶବର କାନରେ ରାମ ତାରକ ମନ୍ତ୍ର ପଢ଼ିବାରୁ ଶବ ଜୀବନ ଲାଭ କରି ବସି ଉଠିଲା। ଏହା ଦେଖି ମଦନ ଭାରତୀ ହାର ମାନି ଶିଷ୍ୟମାନଙ୍କ ସହ କ୍ଷେତ୍ର ତ୍ୟାଗ କଲେ।

ବାଳକ ରାମ ଦାସଙ୍କ ପ୍ରତିଷ୍ଠା କ୍ଷେତ୍ରରେ ବହୁ ଗୁଣରେ ବଢ଼ିଗଲା। ସେ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଏକ ବିରାଟ ମଠ ନିର୍ମାଣ କରି ମହାପ୍ରଭୁଙ୍କ ଆରାଧନାରେ ନିମଗ୍ନ ହେଲେ। ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ମଠ ତରଫରୁ ଅନ୍ନଦାନ ଏବଂ ଲକ୍ଷ ଲକ୍ଷ ଗରିବଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଗଲା। ଅନେକ ବର୍ଷ ପରେ ସିଦ୍ଧ ବାଳକ ରାମ ଦାସ ଇହଧାମ ତ୍ୟାଗ କରିବା ପାଇଁ ଇଚ୍ଛା କଲେ। ସାଧୁ ମହାରାଜଙ୍କ ଦେହ ତ୍ୟାଗ ପରେ ମର ଶରୀରକୁ ମଠ ପରିସରରେ ସମାଧି ଦିଆଗଲା। ମୃତ୍ୟୁ ପରେ ମଧ୍ୟ ବାଳକ ଦାସ ଦେଖେଇ ଥିବା ଏକ ଚମତ୍କାରିତାର ରୋଚକ ବର୍ଣ୍ଣନା 'ଦାର୍ଢ୍ୟତା ଭକ୍ତି'ରେ ଦେଖିବାକୁ ମିଳେ। ବାଳକ ରାମ ଦାସ ମଠ ଧନରତ୍ନରେ ପରିପୂର୍ଣ୍ଣ ଥିଲା। ମହନ୍ତଙ୍କ ମୃତ୍ୟୁ ପରେ ସେ ସମ୍ପତ୍ତି ହଡ଼ପ କରିବା ପାଇଁ କେତେକ ପାରିଷଦ ରାଜାଙ୍କୁ ପ୍ରସ୍ତାବ ଦେଲେ। ରାଜା ଲୋଭାସକ୍ତ ହୋଇ ସେ ସମ୍ପତ୍ତି ହାତେଇବା ପାଇଁ ପାଇକବଳଙ୍କୁ ନିଯୁକ୍ତ କଲେ। ପାଇକମାନେ ମଠରେ ପହଞ୍ଚିବା ପରେ ଶିଷ୍ୟମାନେ ସମାଧି ନିକଟରେ ଗୁହାରୀ କଲେ। ବାଳକ ଦାସ ସମାଧିର ମୁଦ ଖୋଲିବା ପାଇଁ ସମାଧି ଭିତରୁ ଆଦେଶ ଦେଲେ। ମୁଦ ଖୋଲା ହେବା ପରେ ସେ ତା' ଭିତରୁ ଜୀବନ୍ତ ବାହାରି ଆସି ପାଇକମାନଙ୍କୁ କହିଲେ - ଶୁଣ ହେ ରାଜଦୂତମାନେ, କହ ନୃପତି ସନ୍ନିଧାନେ / ଏତେକ ରାଜ୍ୟ ନ ଅଣ୍ଟିଲା, ବୈଷ୍ଣବ ଧନେ ଆଶ୍ରେ କଲା / ଆମ୍ଭର ମଲେ ସିନା ନେବ, ନୋହିଲେ କି କରି ପାରିବ / ଆମ୍ଭେ ରହିବୁ କିଛି ଦିନ, ଆଗହୁଁ ମରୁ ସେ ରାଜନ / ତହିଁ ଉତାରେ ଆମ୍ଭେ ଯିବା, ଏ କୀର୍ତ୍ତି ଜଗତେ ରଖିବା।' ଏହା ଦେଖି ପାଇକମାନେ ଭୟରେ ସ୍ଥାନ ତ୍ୟାଗ କଲେ। ତା'ର ଦଶ ଦିନ ପରେ ରାଜା ଅଚାନକ ମୃତ୍ୟୁବରଣ କଲେ। ତା' ପରେ ବାଳକ ରାମ ଦାସ 'ଭଜିଲେ ଶ୍ରୀରାମ ଶ୍ରୀରାମ, ପୁଣି ଗମିଲେ ନିଜ ଧାମ।' ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପୀତବାସ ପଣ୍ଡା ହତ୍ୟା ମାମଲା**

# ପୁଲିସ ପକ୍ଷରୁ ୩୭୨ ପୃଷ୍ଠାର ସିଡି ଦାଖଲ

- ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର
- ୧୨ରେ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର, ୯।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରୁ ସ୍ଥାନାନ୍ତର ହୋଇ ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ)ଙ୍କ କୋର୍ଟକୁ ଆସିଛି। ଆଜିଠାରୁ ମାମଲାର ବିଚାର ଓ ଶୁଣାଣି ଏହି କୋର୍ଟରେ ଆରମ୍ଭ ହୋଇଛି। ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ତଦନ୍ତ ଜାରି ରହିଛି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ଶୂନ୍ୟ ଚନ୍ଦ୍ର ଦାସ ଓ ସୁନୀଲ ହୋତା ପ୍ରମୁଖ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା।

ପୂର୍ବରୁ ଅର୍ଥାତ୍ ଗତ ୩ତାରିଖରେ ଜାମିନ ଆବେଦନର ଶୁଣାଣି ପୂର୍ବରୁ ପୁଲିସ ସରକାରୀ ଓକିଲଙ୍କ ଜରିଆରେ ସିଡି (କେସ ଡାଏରୀ) ଦାଖଲ ପାଇଁ ଅଧିକ ସମୟ ମାଗିଥିଲା। ଫଳରେ ୯ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜି ପୁଲିସ ପକ୍ଷରୁ ୩୭୨ ପୃଷ୍ଠା ସମ୍ବଳିତ ସିଡି ଦାଖଲ କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଏପରିକି ନିତିନିୟମ ପାଳନରେ ଅବହେଳା ଅର୍ଥାତ୍ ଇନ୍‌ଡେକ୍ସ ପ୍ରସ୍ତୁତ କରାଯାଇ ନଥିବାରୁ ପୁଲିସକୁ ଅପଦସ୍ଥ ହେବାକୁ ପଡ଼ିଥିବା ଜଣାଯାଇଛି। ସେପଟେ ମାମଲାର ତଦନ୍ତ ଜାରି ରହିଥିବା ଯୋଗୁଁ କେସ୍ ଡାଏରୀ ଦାଖଲରେ ବିଳମ୍ବ ଘଟିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଆସନ୍ତା ୧୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୈଳାସ ପଣ୍ଡା, କୁମାରକାନ୍ତ ବେହେରା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ମକଦ୍ଦମା ପରିଚାଳନା କରୁଥିବା ବେଳେ ଅନ୍ୟ ଆଇନଜୀବୀମାନେ ସହଯୋଗ କରିଥିଲେ।

ସେପଟେ ଏହି ଚର୍ଚ୍ଚିତ ମାମଲାରେ ମକଦ୍ଦମା ପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସୁପାରିଶକ୍ରମେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ କାଳୀପ୍ରସାଦ ମିଶ୍ର ଓ ସହକାରୀ ସ୍ୱତନ୍ତ୍ର ପିପି ଅବିନାଶ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ। ଆଜିର ଶୁଣାଣି ବେଳେ କୋର୍ଟ ହଲରେ ଶତାଧିକ ଆଇନଜୀବୀଙ୍କ ସମେତ ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ, ଅତିରିକ୍ତ ଏସ୍‌ପି ଆଲୋକ ଜେନା ଓ ଇନ୍ସପେକ୍ଟର ଏ. ସ୍ୱର୍ଣ୍ଣଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜାମିନ ପାଇଁ ଆବେଦନ ହୋଇଥିବା ସମସ୍ତ ୫ ଅଭିଯୁକ୍ତଙ୍କ ଗିରଫ କ୍ଷେତ୍ରରେ ପୁଲିସ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ଉଲ୍ଲଂଘନ କରିଥିବା ସହ ସୁପ୍ରିମକୋର୍ଟଙ୍କ କୋର୍ଟଙ୍କ ନିର୍ଦ୍ଦେଶର ଖୋଲାଖୋଲି ଅବମାନନା କରିଥିବା ଅଭିଯୋଗ କରିଛନ୍ତି ଅଭିଯୁକ୍ତଙ୍କ ଓକିଲ। କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିଥିବା ବେଳେ ପୁଲିସ ପକ୍ଷରୁ ମଧ୍ୟ ମାମଲାରେ ଜଡ଼ିତ ସମସ୍ତ ୧୬ଜଣଙ୍କ ସମ୍ପର୍କିତ ତଥା କେସ୍ ଡାଏରୀକୁ ଦାଖଲ କରିଛି। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଦାଖଲ କରାଯାଇଥିବା ନଥିପତ୍ରରେ ତାଳମେଳ ନଥିବା ଦର୍ଶାଇ ଜାମିନ ମିଳିବା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି ଅଭିଯୁକ୍ତଙ୍କ ଓକିଲ ସମୂହ।

ପ୍ରକାଶଯୋଗ୍ୟ, ଗତ ଅକ୍ଟୋବର ୬ତାରିଖ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା।

**ଶୂନ୍ୟକାଳରେ ପ୍ରସନ୍ନଙ୍କ ଉଦ୍‌ବେଗ**

# ଦୁର୍ଦ୍ଦିନରେ ରାଜ୍ୟର ହସ୍ତତନ୍ତ ଶିଳ୍ପ

- ସରକାର ଦୃଷ୍ଟି ନ ଦେଲେ ବୁଡ଼ିଯିବ ହସ୍ତତନ୍ତ ଶିଳ୍ପ
- ୧୩ ସୂତାକଳର ହେଉ ପୁନରୁଦ୍ଧାର

ଭୁବନେଶ୍ୱର, ୯।୧୨(ସମିସ): ହସ୍ତତନ୍ତ ଆମ ଓଡ଼ିଶାର ପରିଚୟ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକେ ହସ୍ତତନ୍ତ ଉପରେ ନିର୍ଭର କରନ୍ତି। ଏହା ଆମ ରାଜ୍ୟର ଅର୍ଥନୀତିକୁ ପରିପୃଷ୍ଟ କରିଛି। କିନ୍ତୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଯୋଜନା ଓ କ୍ରମାଗତ ଅବହେଳା ପାଇଁ ବୁଣାକାରଙ୍କ ସଂଖ୍ୟା କମି କମି ଚାଲିଛି। ରାଜ୍ୟରେ ନକଲି ହସ୍ତତନ୍ତ ଶାଢ଼ି କାୟା ବିସ୍ତାର କରି ଚାଲିଛି। ସୂତା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ବର୍ଷବର୍ଷ ଧରି ରାଜ୍ୟରେ ସୂତାକଳରେ ତାଲା ଝୁଲୁଛି। ଏଥିପ୍ରତି ରାଜ୍ୟ ସରକାର ଅବିଳମ୍ବେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଦାବି କରିଛନ୍ତି।

ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ହସ୍ତତନ୍ତ ପ୍ରସ୍ତୁତ କରୁଥିବା ଲୋକଙ୍କ ପୂରା ପରିବାର ଏହା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ସରକାରଙ୍କ ଅବହେଳା ପାଇଁ ହସ୍ତତନ୍ତ ଶିଳ୍ପ ଦୁର୍ବଳ ହୋଇ ଚାଲିଛି। ଗତ କିଛି ମାସ ହେଲା କେନ୍ଦ୍ର ସରକାର ଦେଉଥିବା ମାର୍କେଟ୍ ଡେଭଲପମେଣ୍ଟ ଆସିଷ୍ଟାଣ୍ଟ ବାଦକୁ ୧୦ ପ୍ରତିଶତ ଆର୍ଥିକ ସହାୟତା ବନ୍ଦ କରି ଦିଆଯାଇଛି। ବୁଣାକାରଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ବିକଳ୍ପ ଭାବେ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ଆବଶ୍ୟକ। ରାଜ୍ୟରେ ଥିବା ବୁଣାକାର ସମବାୟ ସମିତି ମୁମୂର୍ଷୁ ଅବସ୍ଥାକୁ ଆସିଗଲାଣି। ତାହାର ପୁନରୁଦ୍ଧାର ପାଇଁ ସରକାରଙ୍କ ପାଖରେ କୌଣସି ଯୋଜନା ନାହିଁ। ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ଏବେ ତାମିଲନାଡୁ ଓ ରାଜସ୍ଥାନର ଲୋକ ନକଲି ଓ ଶସ୍ତା ହସ୍ତତନ୍ତ ଆଣି ଲୋକଙ୍କୁ ଆକର୍ଷିତ କରୁଛନ୍ତି। ଆମ ବୁଣାକାରମାନେ ବ୍ୟାପକ କ୍ଷତି ସହୁଛନ୍ତି। ରାଜ୍ୟରେ ଥିବା ୧୩ଟି ସୂତାକଳ ଦୀର୍ଘ ବର୍ଷ ହେଲା ବନ୍ଦ ରହିଥିବା ହେତୁ ସୂତା ପାଇଁ ବୁଣାକାରମାନେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ତେଣୁ ସରକାର ସମବାୟ, ଘରୋଇ ଓ ସରକାରୀ ସୂତା କଳଗୁଡ଼ିକ ପୁନଃକାର୍ଯ୍ୟକ୍ଷମ କରିବା ଆବଶ୍ୟକ। ରାଜ୍ୟରେ ସପ୍ତାହର ଗୋଟିଏ ଦିନ ହସ୍ତତନ୍ତ ପିନ୍ଧିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରନ୍ତୁ ବୋଲି ସେ ଦାବି କରିଥିଲେ।

**ହିତାଧିକାରୀଙ୍କ ଘରେ ରାସନ ସାମଗ୍ରୀ ପହଞ୍ଚାଇବା ପ୍ରସଙ୍ଗ**

# ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୯ ।୧୨ (ସମିସ): ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ରାସନ ସାମଗ୍ରୀ ପାଇଁ ଦୂରକୁ ଯିବାକୁ ପଡୁଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ସେମାନଙ୍କ ଘରେ ରାସନ ସାମଗ୍ରୀ ଉପଲବ୍ଧ କରିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ଆସନ୍ତା ଦୁଇସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ବିକାଶ ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ସରକାରଙ୍କ ସତ୍ୟପାଠ ଉପରେ ଆବେଦନକାରୀ ପ୍ରତିଜବାବ ଦାଖଲ କରି ପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଓ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମ ୨୦୨୦ ଯୋଜନାରେ ସାମିଲ ହିତାଧିକାରୀ ରାସନ ସାମଗ୍ରୀ ପାଇବା ପାଇଁ ବହୁ କିଲୋମିଟର ଯାତ୍ରା କରି ଆସିବାକୁ ପଡୁଥିବା ଘଟଣା ଗଣମାଧ୍ୟମ ରିପୋର୍ଟରେ ଅନେକ ସମୟରେ ଦେଖିବାକୁ ମିଳୁଛି। ତେବେ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ହିତାଧିକାରୀଙ୍କ ଘର ଦ୍ୱାରଦେଶରେ ରାସନ ସାମଗ୍ରୀ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉନଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ବୟସ୍କ, ରୋଗାକ୍ରାନ୍ତ, ଦିବ୍ୟାଙ୍ଗ ତଥା ଅନୁସୂଚିତ ଜନଜାତି ଅଧ୍ୟୁସିତ ଅଞ୍ଚଳର ହିତାଧିକାରୀଙ୍କ ନିକଟରେ ରାସନ ସାମଗ୍ରୀ ପହଞ୍ଚାଇବା ପାଇଁ ମୋବାଇଲ ଭ୍ୟାନ୍ ବ୍ୟବସ୍ଥା କରାଯିବା ଉଚିତ। ଯୋଗ୍ୟ ହିତାଧିକାରୀ ରାସନ ସାମଗ୍ରୀରୁ ବଞ୍ଚିତ ହେବା ସେମାନଙ୍କ ଅଧିକାରର ଉଲ୍ଲଂଘନ ହୋଇଥିବାରୁ ଆଇନରେ ଥିବା ବ୍ୟବସ୍ଥା କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ପ୍ରାର୍ଥନା କରିଛନ୍ତି ଆବେଦନକାରୀ। ଆବେଦନକାରୀଙ୍କ ତରଫରୁ ଡକ୍ଟର ବିନୋଦ କୁମାର ମିଶ୍ର ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି। ୨୦୨୬ ଜାନୁଆରି ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**NOTICE**

By virtue of an affidavit sworn before Executive Magistrate, Kutra, dated 07.11.2025, I, PUJA BAHALA, D/o CHANDRA BAHALA, permanent resident of Vill.-Gairbahal, P.O.-Gairbahal, P.S.-Kutra, Dist.-Sundargarh, PIN-770018, declare that I have changed my name from PANDREE BAHALA to PUJA BAHALA.Henceforth, I shall be known as PUJA BAHALA for all purposes.

PUJA BAHALA

**FOR SALE**

1 Number of TATA INTRA V-50 (SCV), Registration No.- OD-01-AZ-3938, Model- 2024, ENGINE NO – 15CR12KVXSA9757, CHASSIS NO - MAT535508RYK39842, For Details, contact – 88959 97418, 94375 77758, SUNDARAM FINANCE LTD., First floor, Choudhury Complex, SAHADEVKHUNTA, BALASORE,756001, PH. NO-06782-266657

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Debiprasad Moharana, resident of At-Gadarodanga, Dist- Puri, Odisha-752011 have changed my minor son's name from Jyansh Moharana to Sivansh Moharana. Henceforth he shall be known as Sivansh Moharana for all purposes.

Sd/- Debiprasad Moharana

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Atul Kumar Sahu, resident of Qtr. No. J1B/33, Po: South Balanda, Ps: Balanda, Talcher, Dist.: Angul, Odisha-759116 have changed my minor son's name from Udit Sahu to UDIT P KR SAHOO. Henceforth he shall be known as **UDIT P KR SAHOO** Moharana for all purposes.

Sd/- Atul Kumar Sahu

**VEHICLE FOR SALE**

HONDA AMAZE CAR, Model - 2023, Registration No- OD-34-T-0229, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Sushant Swain, S/o- Trinath Swain perment resident At- Baulaghai, Dengapadar, Dist- Ganjam, Odisha, PIN-761146, declare that I have changed my sons name from Rudra Swain to Badal Swain, henceforth, he shall be known as **BADAL SWAIN** for all purposes.

Sushant Swain

**NOTICE (FOR MINOR)**

By virtue of an affidavit sworn before Notary Public, Bhubaneswar, dated 08.12.2025, I, Suparna Kumar Mohanty, Address: At- Kuansh, PO/Ps./Dist: Bhadrak, Odisha - 756100 declare that I have changed the name of my minor daughter from Annkhita S Mohanty to Annkhita Sammiksha Mohanty. Henceforth, she shall be known as **Annkhita Sammiksha Mohanty** for all purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମନ୍ତ୍ରୀ ବିଧାୟକଙ୍କ...

ଆଧାରରେ ସ୍ୱୟଂଚାଳିତ ଭାବେ ସଂଶୋଧନ ହେବ ଏବଂ ଭବିଷ୍ୟତରେ ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପାଇଁ ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡିବ ନାହିଁ।

ନୂତନ ବ୍ୟବସ୍ଥାରେ ପୂର୍ବରୁ ବିଧାୟକଙ୍କ ୩୫ ହଜାର ଟଙ୍କା ମୂଳ ବେତନ ରାଶିକୁ ଏବେ ୯୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ଓ ସରକାରୀ ମୁଖ୍ୟ ସଚେତକ ପୂର୍ବରୁ ୪୦ ହଜାର ଟଙ୍କା ପାଉଥିବା ବେଳେ ଏଣିକି ସେମାନଙ୍କୁ ମାସିକ ୯୬ ହଜାର ଟଙ୍କା ଦରମା ମିଳିବ। ସେହିପରି ଉପମୁଖ୍ୟ ସଚେତକଙ୍କ ମୂଳ ବେତନ ୩୬ ହଜାର ଟଙ୍କା ପରିବର୍ତ୍ତେ ୯୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦରମା ବ୍ୟତୀତ ବିଧାୟକମାନେ ନିର୍ବାଚନ ମଣ୍ଡଳୀ ଓ ସଚିବାଳୟ ଭତ୍ତା ବାବଦରେ ମାସିକ ୭୫ ହଜାର ଟଙ୍କା ପାଇବେ। ବୈଠକ ଭତ୍ତା ବାବଦରେ ଦୈନିକ ୩ ହଜାର ଟଙ୍କା ପାଇବେ। ସେହିପରି ରାଜ୍ୟ ବାହାରକୁ ଗଲେ ପୂର୍ବରୁ ମିଳୁଥିବା ୨ ହଜାର ଟଙ୍କା ଭତ୍ତାକୁ ୧୦ ହଜାରକୁ ବୃଦ୍ଧି କରାଯାଇଛି। ବିଧାୟକ ନିଜ କାରରେ କିମ୍ବା ଭଡା କାରରେ ଯାତାୟାତ କଲେ ରାଜ୍ୟ ଭିତରେ କିଲୋମିଟର ପିଛା ୨୫ ଟଙ୍କା ଓ ରାଜ୍ୟ ବାହାରେ କିଲୋମିଟର ପିଛା ୩୫ ଟଙ୍କା ଦିଆଯିବ। ପୂର୍ବରୁ ରାଜ୍ୟ ଭିତରେ ୧୫ ଟଙ୍କା ଓ ରାଜ୍ୟ ବାହାରେ ୨୦ ଟଙ୍କା ଏଭଳି ଯାତାୟାତ ଭତ୍ତା ପାଉଥିଲେ। ଏହା ଅତିରିକ୍ତ ପରିବହନ ଭତ୍ତା ୧୫ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ପୂର୍ବରୁ ବିଧାୟକମାନଙ୍କୁ ମାସିକ ବିଜୁଳି ବ୍ୟୟ ବାବଦରେ ୫ ହଜାର ଟଙ୍କା ମିଳୁଥିବାବେଳେ ଏବେ ତାହା ୨୦ ହଜାରକୁ ବୃଦ୍ଧି ପାଇଛି। ଅପରପକ୍ଷେ କୌଣସି ବିଧାୟକ ସରକାରୀ କ୍ୱାର୍ଟର ପାଇନଥିଲେ କ୍ୱାର୍ଟର ପାଇବା ପର୍ଯ୍ୟନ୍ତ ଦୈନିକ ୨ ହଜାର ଟଙ୍କା ଲେଖାଏଁ ଆବାସ ଭତ୍ତା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧ ହଜାର ଟଙ୍କା ମିଳୁଥିଲା। ବିଧାୟକମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କୌଣସି କମିଟି କାର୍ଯ୍ୟରେ ସମ୍ପୃକ୍ତ ନଥାଇ ଯାତ୍ରା କରୁଥିଲେ ଯାତ୍ରାଖର୍ଚ୍ଚ ବାବଦରେ ମାସିକ ୫୦ ହଜାର ଟଙ୍କା ଦିଆଯିବ। ସେହିପରି ଜିପ, ମୋଟର ସାଇକେଲ, ସ୍କୁଟର କିମ୍ବା ଅନୁରୂପ ଗାଡ଼ି କିଣିବା ପାଇଁ ବିଧାୟକମାନେ ସର୍ବାଧିକ ୧୦ ଲକ୍ଷ ଟଙ୍କା ଅଗ୍ରୀମ ପାଇପାରିବେ। ପୂର୍ବରୁ ଏହା ସର୍ବାଧିକ ୫ ଲକ୍ଷ ଟଙ୍କା ରହିଥିଲା। ସେହିପରି ଭାବରେ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୂଳ ବେତନ ୪୧ ହଜାରରୁ ୧ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କ ମୂଳ ବେତନ ୪୦ ହଜାରରୁ ୯୮ ହଜାର ଟଙ୍କା, ମନ୍ତ୍ରୀ ୯୬ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀଙ୍କ ମୂଳ ବେତନ ୩୮ ହଜାରରୁ ୯୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବ୍ୟକ୍ତିଗତ କାର ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଏଣିକି ମାସିକ ୯୧ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୮୯ ହଜାର ଟଙ୍କା, ମନ୍ତ୍ରୀ ୮୭ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୮୫ ହଜାର ଟଙ୍କା ଓ ଉପମନ୍ତ୍ରୀ ୮୩ ହଜାର ଟଙ୍କା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧୭ ହଜାର ଟଙ୍କା ମିଳୁଥିଲା। ଏଥିସହିତ ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୩ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୧ ହଜାର ଟଙ୍କା, ମନ୍ତ୍ରୀ ୧ ଲକ୍ଷ ୭୯ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୧ ଲକ୍ଷ ୭୭ ହଜାର ଟଙ୍କା ଏବଂ ଉପମନ୍ତ୍ରୀ ୧ ଲକ୍ଷ ୭୫ ହଜାର ଟଙ୍କା ପାଇବେ। ବିଧାନସଭାର ବୈଠକ ସମୟରେ ବିଧାନସଭାରେ ଯୋଗଦେବା ଲାଗି ଦୈନିକ ଭତ୍ତା ୮୦୦ ଟଙ୍କା ଦିଆଯାଉଥିବାବେଳେ ଏବେ ୨ ହଜାର ଟଙ୍କା ମିଳିବ। ବାଚସ୍ପତି ଏବଂ ଉପବାଚସ୍ପତିଙ୍କର ଦରମା ଓ ଭତ୍ତା ମଧ୍ୟ ବୃଦ୍ଧି ମଧ୍ୟ ହାତ ଖୋଲି ଦେଇଛନ୍ତି ମୋହନ ସରକାର। ବାଚସ୍ପତି ପୂର୍ବରୁ ମୂଳ ବେତନ ୪୦,୫୦୦ ଟଙ୍କା ପାଉଥିଲେ ଓ ଏହାକୁ ୯୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ବିଧାନସଭା ଏବଂ ଏହାସହ ଜଡ଼ିତ କମିଟିରେ ଯୋଗଦେବା ପାଇଁ ବୈଠକ ଭତ୍ତା ବାବଦରେ ଦୈନିକ ୨ ହଜାର ଟଙ୍କା, କାର ରକ୍ଷଣାବେକ୍ଷଣ ପାଇଁ ମାସିକ ୮୯ ହଜାର ଟଙ୍କା, ବ୍ୟକ୍ତିଗତ ବ୍ୟୟ ଭତ୍ତା ଲାଗି ମାସକୁ ୧ ଲକ୍ଷ ୮୧ ହଜାର ଟଙ୍କା ଦିଆଯିବ।

### ପେନସନ୍ ୩୫ ହଜାରରୁ...

ଅତିରିକ୍ତ ପେନସନ ପ୍ରଦାନ କରାଯିବ। ପୂର୍ବରୁ ଏଥିପାଇଁ ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ମିଳୁଥିଲା। ନୂଆ ଆଇନ ପରେ ପ୍ରତ୍ୟେକ ପୂର୍ବତନ ବିଧାୟକଙ୍କୁ ମାସକୁ ୧୨,୫୦୦ ଟଙ୍କା ଗସ୍ତ ଭତ୍ତା ଦିଆଯିବ। ଯେଉଁ ସଦସ୍ୟ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଓ ସେହି ସମୟ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଛି ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବତନ ବିଧାୟକମାନଙ୍କୁ ଚିକିତ୍ସା ଭତ୍ତା ବାବଦରେ ମାସିକ ୨ ହଜାର ଟଙ୍କା ବଦଳରେ ୨୫ ହଜାର ଟଙ୍କା ମିଳିବ। ସେହିପରି ଗସ୍ତ ଖର୍ଚ୍ଚ ବାବଦରେ ସେମାନଙ୍କୁ ୧୨୫୦୦ ଟଙ୍କା ମିଳିବ ବୋଲି ଜଣାପଡ଼ିଛି।

### ୧୮ କାର୍ଯ୍ୟଦିବସ...

ସୂଚନାଯୋଗ୍ୟ ଯେ ଏହି ଅଧିବେଶନ ଆସନ୍ତା ୩୧ ତାରିଖ ଯାଏଁ ଚାଲିବାକୁ ଥିବାବେଳେ ମୋଟ ୨୯ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଦିନରେ ବାଚସ୍ପତି ଦ୍ରୌପଦୀ ମୁର୍ମୁ ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ସମ୍ବୋଧନ ରଖିଥିଲେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଆଗତ କରିଥିବା ବେଳେ ଗତ ୮ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଗୃହର ସମ୍ମତି ଲାଭ କରିଥିଲା। ଏହି ଅଧିବେଶନରେ ଗୃହରେ ମୋଟ ୨୮ଟି ତାରକା ପ୍ରଶ୍ନର ଆଲୋଚନା ହୋଇଥିଲା। ୬ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବା ବେଳେ ୪ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେହିପରି ୩ଟି କମିଟି ରିପୋର୍ଟ ଉପସ୍ଥାପନ, ୪ଟି ବିବୃତି ଉପସ୍ଥାପନ, ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଓ ଶେଷଦିନରେ ଦରମା ବୃଦ୍ଧି ବିଲକୁ ମିଶାଇ ମୋଟ ୭ଟି ବିଲ୍ ପାରିତ ହୋଇଥିବା ଜଣାପଡ଼ିଛି। ସେହିପରି ଅଧିବେଶନରେ ୨ଟି ସଂକଳ୍ପ, ୫ଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ସହ ୩ଟି ସିଏଜି ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଛି।

### ବିଏଲଓଙ୍କୁ ସୁରକ୍ଷା...

କୌଣସି ତ୍ରୁଟିରେ ଏସଆଇଆର ପ୍ରକ୍ରିୟା ସଂପନ୍ନ କରିବା ଲାଗି ସୁନିଶ୍ଚିତ କରିବାକୁ ପଡ଼ିବ।

ପଶ୍ଚିମ ବଙ୍ଗରେ ବିଏଲଓଙ୍କୁ ଧମକ ମିଳୁଛି ବୋଲି ସନାତନୀ ସଂସଦ ପକ୍ଷରୁ ଆଗତ ପିଟିସନ ଉପରେ ସୁପ୍ରିମ କୋର୍ଟ ନିର୍ବାଚନ କମିସନ, କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସ ଜାରି କରିବା ବେଳେ ଜଷ୍ଟିସ ବାଗଚି ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ ଯେ ଏଭଳି ଧମକ କେବଳ କଣ ପଶ୍ଚିମ ବଙ୍ଗରେ ମିଳୁଛି? ରାଜ୍ୟରେ କେବଳ ଗୋଟିଏ ଏଫଆଇଆର ହୋଇଛି ଏବଂ ଏହାକୁ ସମଗ୍ର ରାଜ୍ୟ ପରିସ୍ଥିତି ବୋଲି କିପରି କୁହାଯିବ।

### କାଟିଦେଲେ ୧୦%...

ଇଣ୍ଡିଗୋ ଉପରେ ପଡ଼ିବ। ୧୦% ହିସାବରେ ପ୍ରାୟ ୨୦୦ରୁ ଅଧିକ ବିମାନ ଉଡ଼ାଣ ହ୍ରାସ କରିବାକୁ ହେବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଇଣ୍ଡିଗୋର ସେୟାର ମୂଲ୍ୟ ହ୍ରାସ ପାଇଥିବା ବେଳେ ସ୍ପାଇସଜେଟର ବୃଦ୍ଧି ପାଇଛି। ଏହା ସହିତ ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ପରିବର୍ତ୍ତୀ ଉଡ଼ାଣ ତାଲିକା ଜମା କରିବାକୁ ଇଣ୍ଡିଗୋକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିର ଯାଞ୍ଚ ପାଇଁ କେନ୍ଦ୍ର ୧୦ଟି ବଡ଼ ବିମାନବନ୍ଦରରେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ମୁତୟନ କରିଛି। ଯାତ୍ରୀ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଏମାନେ ସନ୍ଧାନ କରିବେ। ଏହି ଅଧିକାରୀ ଡେପୁଟି ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ସଚିବ ସ୍ତରର। ମୁମ୍ବଇ, ବେଙ୍ଗାଲୁରୁ, ହାଇଦରାବାଦ, କୋଲକାତା, ଚେନ୍ନଇ, ଅହମଦାବାଦ, ପୁନେ, ଗୌହାଟୀ, ଗୋଆ ଏବଂ ତିରୁଅନନ୍ତପୁରମରେ ଏହି ଅଧିକାରୀଙ୍କୁ ମୁତୟନ କରାଯାଇଛି

### ମାଟି ମୁଣ୍ଡ...

ହେବା ପର୍ଯ୍ୟନ୍ତ ସିସିଟିଭି ଓ ପୁଲିସ ଦୁଇ ଗାଁ ଉପରେ ତୀକ୍ଷ୍ଣ ନଜର ରଖିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ, ଉଭୟ ଗ୍ରାମରେ ପୁଲିସ୍ ଛାଉଣୀ ହୋଇଥିବାରୁ ଆଜି ଘରପୋଡ଼ି, ମାରପିଟ୍ ଭଳି ହିଂସାକାଣ୍ଡ ଘଟିନାହିଁ। ଏହି ଘଟଣାରେ ପୁଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଏମ୍‌ଭି ୨୬ ଗ୍ରାମର ସୁଖରଂଜନ ମଣ୍ଡ। ଗତକାଲି ସନ୍ଧ୍ୟା ୬ଟାରୁ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବା ବେଳେ ବର୍ତ୍ତମାନ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତାକାଲି ୧୨ଟା ଯାଏଁ ଏହାକୁ ବଳବତ୍ତର ରଖାଯାଇଛି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ରାଖେଲଗୁଡା ଏବଂ ଏହାର ଆଖପାଖ ଗ୍ରାମର ଗ୍ରାମବାସୀ ୨ ଦିନ ଧରି ଏମଭି-୨୬ ଗ୍ରାମରେ ନିଆଁ ଲଗାଇ ସବୁ କିଛି ଧୂଳିସାତ୍ କରିଦେଇଥିଲେ। ଏମଭି-୨୬ ଗ୍ରାମର ମୋଟ ୧୮୮ ଘର ମଧ୍ୟରୁ ୧୬୩ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଆଜି ଜିଲ୍ଲାପାଳ ଏମଭି-୨୬ ଗ୍ରାମରେ ପହଞ୍ଚି ସ୍ଥିତି ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ପାଣ୍ଠି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ମୃତ ମହିଳାଙ୍କ ପରିବାରକୁ ମୋଟ ୪ ଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ସେହିପରି ଆଗାମୀ ଦିନରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ କରି ସରକାରଙ୍କ ନୀତି ନିୟମ ଅନୁଯାୟୀ ଏମ୍‌ଭି ୨୬ ଗ୍ରାମର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି। ଇତିମଧ୍ୟରେ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ପ୍ରଶାସନ ନିକଟରେ ୭ ଗୋଟି ଦାବି ରଖିଛନ୍ତି। ତନ୍ମଧ୍ୟରୁ, ମୁଖ୍ୟତଃ ୩୦ଦିନ ମଧ୍ୟରେ ଦୋଷୀକୁ ଧରିବା ସହ ତାକୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ସରକାରଙ୍କ ପକ୍ଷରୁ ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ୩୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଦୋଷୀଙ୍କ ପରିବାରବର୍ଗଙ୍କୁ ମାଲକାନଗିରି ଜିଲ୍ଲାରୁ ତଡ଼ିବା, ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଜିଲ୍ଲାରୁ ତଡ଼ିବା ଏବଂ ଯେଉଁ ବଙ୍ଗୀୟ ନାଗରିକ ସରକାରୀ ପ୍ରଦତ୍ତ ଜମି ବ୍ୟତୀତ ଅନ୍ୟ ଜମି ଜବରଦଖଲ କରିଛନ୍ତି, ତାହାକୁ ଗ୍ରାମସଭାକୁ ହସ୍ତାନ୍ତର କରିବେ। ଆଦିବାସୀ ପରମ୍ପରା ଅନୁଯାୟୀ, ମୁଣ୍ଡ ନଥିଲେ ଶବ ସତ୍କାର ସମ୍ଭବ ନୁହେଁ। ତେଣୁ ମୃତ ମହିଳାଙ୍କ ଲାଗି ମାଟିର ଏକ ମୁଣ୍ଡ ତିଆରି କରାଯାଇଥିଲା। ଉକ୍ତ ମୁଣ୍ଡକୁ ଲଗାଇ ଆଜି ପରମ୍ପରା ଅନୁଯାୟୀ ଶବ ସତ୍କାର କରାଯାଇଛି। ଶବ ସତ୍କାର ବେଳେ ଘଟଣାସ୍ଥଳରେ ପୁଲିସ ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍, ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ସମେତ ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୦ ଡିଗ୍ରୀ ତଳେ...

ଶୁଷ୍କ ବାୟୁ ପ୍ରଭାବରେ ୧୨ ଯାଏଁ ଶୀତ ଲହରୀ ଜାରି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବୁଧବାର ଝାରସୁଗଡ଼ା, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ପ୍ରବଳ ଶୀତ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଦୁଇ ଦିନ ଯାଏଁ ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ସ୍ଥିତିର ମଧ୍ୟ ଆଶଙ୍କା ରହିଛି। ସୁନ୍ଦରଗଡ଼, କନ୍ଧମାଳ ଓ ଝାରସୁଗୁଡ଼ାରେ କୁହୁଡ଼ି ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ଭାଙ୍ଗିଲା ଦାଦନମୁକ୍ତ...

ସ୍ତରରେ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ପୁଲିସ ସହଯୋଗରେ ବେଆଇନ ଶ୍ରମିକ ନିଯୁକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ଇତ୍ୟାଦି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ହେଲେ ରାଜ୍ୟର ଦାଦନ ଜନିତ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀଙ୍କୁ ସରକାରଙ୍କ ଉତ୍ତର ସନ୍ତୁଷ୍ଟ କରିପାରିନାହିଁ। ଦାଦନ ଗବେଷକ ତଥା ସାମାଜିକ କର୍ମୀ ଉମି ଡାନିଏଲ୍ କହିଛନ୍ତି ଯେ ସରକାର ଯେଉଁ ତଥ୍ୟ ଦେଇଛନ୍ତି ଏଥିରେ ବଲାଙ୍ଗିର ଜିଲ୍ଲାରେ ଅଧାରୁ ଅଧିକ ଶ୍ରମିକ ରହିଛନ୍ତି। ଅର୍ଥାତ୍ ଏଠାରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ପଞ୍ଜିକରଣ ବ୍ୟବସ୍ଥା ଲାଗୁ ହୋଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରୁ ସୁରତରେ ଦେଢ଼ ଲକ୍ଷରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୨୫୫୩ ବୋଲି ଦର୍ଶାଯାଇଛି। କୋଭିଡ୍ ସମୟରେ ରାଜ୍ୟକୁ ୧୦ ଲକ୍ଷ ପ୍ରବାସୀ ଶ୍ରମିକ ଫେରିଥିଲେ। ସେ ସମୟରେ ସରକାର ଜିଲ୍ଲାୱାରୀ ତାଲିକା ଜାରି କରିଥିଲେ। ମାତ୍ର ବର୍ତ୍ତମାନ କେବଳ ପଞ୍ଜିକୃତ ତଥ୍ୟ ଜାରି କରାଯାଉଛି। ରାଜ୍ୟ ସରକାର ଦାଦନ ସମସ୍ୟା ରୋକିବାକୁ ଏକ କମିଟି କରିଛନ୍ତି। ଏହା ସହ ଏକ ବଡ଼ ପଦକ୍ଷେପ ଭାବେ କିଛି ଜିଲ୍ଲାରେ 'ଏମ୍‌ଜିଏନ୍‌ଆରଇଜିଏସ୍' କାମ ୩୦୦ ଦିନ ପାଇଁ ଘୋଷଣା କରିଛନ୍ତି। ମାତ୍ର ବର୍ତ୍ତମାନ କେନ୍ଦ୍ର ସରକାର 'ଏମ୍‌ଜିଏନ୍‌ଆରଇଜିଏସ୍'ରେ ଅର୍ଥ କମାଇବାରେ ଲାଗିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ୍ୟ ନିଜସ୍ୱ ବଜେଟ୍‌ରେ ଏନେଇ କୌଣସି ବଜେଟ୍ ବ୍ୟବସ୍ଥା କରି ନାହାନ୍ତି। ତେଣୁ ଏହା କେମେତ ଫଳପ୍ରଦ ହେବ ତାକୁ ନେଇ ଉମି ଡାନିଏଲ୍ ସନ୍ଦେହ ପ୍ରକଟ କରିଛନ୍ତି।

**LOST**

I Gangadhar Meher(65) years, S/o Bipin Meher of Vill- Bandhanjhuli, Po-Damamunda,Ps-Manamunda, Dist.: Boudh (Odisha) have lost Registered ROR(Patta) vide khata no.105/02, Mouja-Bandhanjhuli issued by Sub-Register office, Kantamal. The said registered deed was misplaced somewhere on 02/06/2025 at evening about 7pm while I am coming from Bandhanjhuli to Manamunda on the way and not able to track out the same. If any body found please contact Advocate Dipti Ranjan Baral, Mob:7008424871.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ବିଜ୍ଞପ୍ତି**

ଏତଦ୍ୱାରା M/s. Kandhal Indane Gramin Vitrakର ସମସ୍ତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ, ଉକ୍ତ ଉପଭୋକ୍ତାମାନଙ୍କ ଗ୍ୟାସ ସେବା ପାଇଁ ନିମ୍ନଲିଖିତ M/s ମାରୁତି ଇଣ୍ଡେନ୍ ଗ୍ରାମିଣ ବିତରକ ସହିତ ଯୋଗାଯୋଗ କରନ୍ତୁ।
M/s Maruti Indane Gramin Vitrak
At/Po/Ps- Kundheigola, Taluka - Reamal, District- Debagrah, State- Odisha, Pin-768109, Ph. No.- 7749005400 (Prop.- Satyabrata Dalbehera)

ଧନ୍ୟବାଦ୍

**ମାନ୍ୟବର ସଦସ୍ୟଙ୍କ କୋର୍ଟରେ**
**ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ**
**M.A.C. ନଂ. 81/2025 (307/2024)**

ପ୍ରାପ୍ତେଷୁ,
ଶ୍ରୀ ପବିତ୍ର ଦାସ, ପିତା: ରାଜେଶ୍ୱର ଦାସ
ଗ୍ରାମ/ପୋ: ସୁନାଦେଇ, ଭାୟା/ଥାନା: ଗୋଳନ୍ଥରା
ଜିଲ୍ଲା ଗଞ୍ଜାମ, ଓଡ଼ିଶା, ପିନ୍: ୭୬୧୦୦୮

ଯେତେବେଳେ ଏହା କୋର୍ଟର ସନ୍ତୁଷ୍ଟି ଅନୁଯାୟୀ ପ୍ରମାଣିତ ହୋଇଛି ଯେ ଉପରୋକ୍ତ ପ୍ରତିବାଦୀଙ୍କୁ ୩ ଥର ନୋଟିସ୍ ସାଧାରଣ ସେବା ପଦ୍ଧତିରେ ପ୍ରଦାନ କରାଯାଇପାରିବ ନାହିଁ। ତେଣୁ ଏହି ଘୋଷଣାନାମା CPC ର ଆଦେଶ, ନିୟମ (22) ଅନୁଯାୟୀ ତାଙ୍କୁ ତା ୨୨ ଡିସେମ୍ବର ମାସ ୨୦୨୫ ତାରିଖ ସକାଳ ୧୦ ଟାରେ ଏହି ଟ୍ରିବ୍ୟୁନାଲ୍ ସମ୍ମୁଖରେ ବ୍ୟକ୍ତିଗତ ଭାବରେ କିମ୍ବା ତାଙ୍କ ଓକିଲଙ୍କ ମାଧ୍ୟମରେ ହାଜର ହେବା ପାଇଁ ଜାରି କରାଯାଇଛି।

ଧ୍ୟାନ ଦିଅନ୍ତୁ ଯେ ଉପରେ ଉଲ୍ଲେଖ କରାଯାଇଥିବା ପୂର୍ବ ଦିନ ଆପଣ ହାଜର ନହେଲେ, ଉକ୍ତ ମାମଲାଟି ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ଶୁଣାଣି ଏବଂ ନିର୍ଣ୍ଣୟ କରାଯିବ।

ଏହି ତା. ୫ ଡିସେମ୍ବର ମାସ ୨୦୨୫ ରେ ମୋ ହାତରେ ଏବଂ କୋର୍ଟର ମୋହର ରେ ପ୍ରଦାନ କରାଯାଇଛି।

ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ

O-1739

**GOVT.OFODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
e-mail ID :- eerwrairangpur@yahoo.com
"e" procurement notice for Building works
Bid identification No- RWDRRP-17 of 2025-26

1. Name of the work : maintenance of non residencial building for the year 2025-26
2. Estimate Cost : Rs. 2.94 lakhs 4.20 (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-17/2025-26 | 11.12.2025 at 11.00 A.M. | 20.12.2025 Up to 5.00 P.M. | 19.12.2025 Up to 5.00 P.M. | 22.12.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR-25107/11/0035/2526

RR-34

OFFICE OF THE PRINCIPAL
**B.K.COLLEGE OF ART & CRAFTS**
Department of Odia Language, Literature & Culture, Government of Odisha
Tapovan, Khandagiri, Bhubaneswar-751030. Phone: 0674-2386434, Email: bkartcollege@gmail.com
ବିଭୁତି କାନୁନଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ADVERTISEMENT

B. K. College of Art & Crafts, Bhubaneswar intends to purchase of books for College Library during the year 2025-26. The books would be exclusively on Fine Arts, Applied Art, Art History, Architecture, Culture, Pottery & Ceramic, Crafts ,Decorative Design, Interior Decoration, Computer, Logo, Calligraphy, Indological Philosophical, Aesthetic both Indian and Western and Far eastern.

The intending Book Sellers/Firms are requested to submit their recent catalogue to the undersigned on or before 17th December 2025 for selection of books.

The recent catalogue received after the stipulated date shall not be entertained.

Principal
B.K.College of Art & Crafts,
Khandagiri,Bhubaneswar-30

Website:bkartcollege@gmail.com
OIPR-03010/11/0001/2526

ସକାଳ
THE SAKALA



### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ

ଶଗଡା, ୯।୧୨(ସମିସ)



ଜମଟାଙ୍ଗୀ ନିକଟରେ ଦୁର୍ଘଟଣାରେ ଆହତ ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତ ଲୋକେ ଆଜି ରାସ୍ତାରୋକ କରିଛନ୍ତି। ଶନିବାର ଅପରାହ୍ନ ୪ଟା ସମୟରେ ଏକ ବାଇକରେ ବାଉଁଶୁଣି ଥାନା ଯମଘାଟି ଗ୍ରାମର ସତ୍ୟ ମେହେର, ପତ୍ନୀ ମୈଥିଳି ମେହେର ଓ ପୁଅ ଲୋକନାଥ ମେହେର ଯାଉଥିବା ସମୟରେ ଜମଟାଙ୍ଗୀ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମହିଳା ଜଣକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ବୁର୍ଲା ସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୈଥିଳିଙ୍କ ମୃତ୍ୟୁ ଘଟିଥିଲା। ଆଜି ଶବ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ଶବ ରଖି ମୃତକଙ୍କ ପରିବାର ସହ ଅଞ୍ଚଳବାସୀ ୫୭ ନମ୍ବର ଜାତୀୟ ରାଜପଥର ଜମଟାଙ୍ଗୀ ଛକ ନିକଟରେ ଅପରାହ୍ନ ୩ଟା ସମୟରେ ରାଜପଥ ଅବରୋଧ କରିଥିଲେ। ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ମଧ୍ୟ ପୋଲିସ ଓ ପ୍ରଶାସନ ଏହାକୁ ହଟାଇବାରେ ବିଫଳ ହୋଇଥିବା ଜଣାପଡିଛି।

# ସିଲାଟିରେ ଧାନମଣ୍ଡି ଶୁଭାରମ୍ଭ

## ପ୍ରଥମ ଦିନରେ ୨ ଚାଷୀଙ୍କ ଉଠିଲା ୧୫୦ କୁଇଣ୍ଟାଲ ଧାନ



ବିନିକା, ୯ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମ ବିନିକା ବ୍ଲକ ସିଲାଟି ସେବା ସମବାୟ ସମିତିରେ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ନଡ଼ିଆ ଭାଙ୍ଗି ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ନିରୋଦ କୁମାର ଦାସ, ସିଲାଟି ପ୍ରାଥମିକ ସେବା ସମିତିର ସଭାପତି ବାବୁଲୁ ବିଶି, ସମ୍ପାଦକ ବଳରାମ ପଧାନ,ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ବରିଷ୍ଟ ବିଜେପି ନେତା ବିଜୟ କୁମାର ମହାକୁର, ଉପ ନିବନ୍ଧକ, ସହକାରୀ ନିବନ୍ଧକ ଉଭୟ ବେସାମାରିକ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ସିଲାଟି ଗ୍ରାମପଞ୍ଚାୟତ ଓ ବିନିକା ପଞ୍ଚାୟତ ସମିତି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉପସ୍ଥିତ ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେଥିପାଇଁ ଉଭୟ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଜି ପ୍ରଥମ ଦିନରେ ଚାଷୀ ସୁଶାନ୍ତ ପାଣିଗ୍ରାହୀ ଓ ପଞ୍ଚାନନ ପୁରୋହିତଙ୍କ ଠାରୁ ୧୫୦କୁଇଣ୍ଟାଲ ଧାନ କ୍ରୟ କରାଯାଇ ଗୋଦାବରୀ ରାଇସ ମିଲକୁ ପଠାଯାଇଥିବା ଜଣାପଡିଛି।

# ସାଇବର୍ ଅପରାଧ ଉପରେ କର୍ମଶାଳା



ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତାର ସାପ୍ତାହିକ ବଜାର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ସଂଗଠନ ସଦସ୍ୟ ସଦସ୍ୟାମାନଙ୍କର ପରିଚୟ ପତ୍ର ବଣ୍ଟନ ସହ ସାଇବର୍ ଅପରାଧ ଉପରେ ଏକ କର୍ମଶାଳା କରାଯାଇଥିଲା। ଉପସଭାପତି କେଶବ ପଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ମୁଖ୍ୟ ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବରେ ଡ. ପ୍ରଫୁଲ୍ଲ କୁମାର ରଥ ଓ ଦୟାନିଧି ହୋତା ଯୋଗ ଦେଇଥିଲେ। ସମ୍ପାଦକ ଘାସିରାମ ମଲ୍ଲିକ୍‌ଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା ଅକ୍ଷୟ କୁମାର ମିଶ୍ର କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମୂରାରୀ କୁମାର ମିଶ୍ର। ଏଥିରେ ୭୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏସ୍‌ଡିପିଓ ଶ୍ରୀରାଓ ସାଇବର ଅପରାଧ ଉପରେ ସମସ୍ତଙ୍କୁ ସଚେତନ କରାଇଥିଲେ। ରତ୍ନାକର ପଧାନ, ଗଙ୍ଗାଧର ଚୌଧୁରୀ, ଗଙ୍ଗାଧର ସାହୁ, ଶେଷ ପଧାନ, ଷଷ୍ଠୀ ଗାଇଗରିଆ, ହେମନ୍ତ ମେହେର, ରତ୍ନାକର ବିଶ୍ୱାଳ, ନବୀନ କିଶୋର ବିଶ୍ୱାଳ, ତରଣି ସେନ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍‌ରେ ଭାଗନେବେ ଚନ୍ଦନ

ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ଚନ୍ଦନ ପ୍ରଧାନ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ସୁବର୍ଣ୍ଣପୁରର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲରେ ହୋଇଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ଡିସେମ୍ବର ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ରିଜୋନାଲ ସାଇନ୍ସ ସେଣ୍ଟରରେ ଏହାର ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା ହେବ। ଅମରପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନ ତାଙ୍କର ଗାଇଡ ଶିକ୍ଷକ ଭାବେ ତାଙ୍କ ସହିତ ଭୁବନେଶ୍ୱର ଯାତ୍ରା କରିବେ। ଚନ୍ଦନଙ୍କ ସଫଳତା ପାଇଁ ସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ଶୁଭ କାମନା ଜଣାଇଛନ୍ତି। ପୂର୍ବରୁ ୨୦୨୩ରେ ଅମରପାଲି ହାଇସ୍କୁଲରୁ କୁନ୍ତୀ ସାହୁ ମଧ୍ୟ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ଅଂଶ ଗ୍ରହଣ କରି ସ୍କୁଲ ପାଇଁ ଗୌରବ ଆଣିଥିଲେ।



# ଆର୍‌ଏମ୍‌ସିରେ ଧାନମଣ୍ଡି ଉଦ୍‌ଘାଟିତ



ଡୁଙ୍ଗୁରିପାଲି, ୯।୧୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆର୍‌ଏମ୍‌ସି ପରିସରରେ ଖରିଫ ଧାନ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ସମବାୟ ସମିତିର ସଭାପତି ଦଶରଥୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ୍ ଯୋଗାଣ ନିରୀକ୍ଷକ ଅଧିକାରୀ ସୂର୍ଯ୍ୟକ୍ରାନ୍ତ ପରିଡା, ସମବାୟ ସମିତିର ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ ଚାଷୀ ସମ୍ପଦ ମଲ୍ଲିକ, ତକ୍ଷକ ସାହୁ, ଅଜିଦ ବେହେରା, ଲୋକନାଥ ଦଣ୍ଡସେନା, ରାଜକୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଧାନ ସଂଗ୍ରହ କମିଟି ସଭ୍ୟ ଉପସ୍ଥିତ ଥିଲେ। ଆଜିଠୁ ପଞ୍ଜିକୃତ ୧୪୦୫ଜଣ ଚାଷୀଙ୍କ ବିଧି ବଦ୍ଧ ଭାବରେ ଧାନ କିଣା ଆରମ୍ଭ ହୋଇଥିଲା। ଡୁଙ୍ଗୁରିପାଲି ପେକ୍ସର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜାଲୁ ମିର୍ଦ୍ଧା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଜଗତ ମଲ୍ଲିକ, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମେହେର, ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମ୍ ଚନ୍ଦ୍ର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୀତାରାମ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୧୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ତାଙ୍କ ମାତାପିତା ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା। ପ୍ରତିଯୋଗିତା ପରିଚାଳନାରେ କ୍ରୀଡ଼ା ଶିକ୍ଷକ ମହେଶ ଭୋଇ ଓ ସାନନ୍ଦ ବାରିକ, ତହସିଲ ପଧାନ, ନରେନ୍ଦ୍ର ପଧାନ, କଳା ଶିକ୍ଷକ ଶ୍ୟାମ କୁଅଁର, କେଶବ କୁଅଁର, ଅନିଲ ଅଗ୍ରୱାଲ, ପ୍ରସନ୍ନ ତାଣ୍ଡି, ଶିକ୍ଷକ ଅବିର ଦୋରା, ପୌଲସ୍ତ ବାରିକ, ଅନିଲ ଭୋଇ, ରାଜକେତନ ସୁନା, ଅଭିରାମ ବାରିକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲୀପ ପଧାନ, ରାଧେଶ୍ୟାମ ରଥ, ଶୁଭଲାଲ ସାହୁ, ଆଇଭି ହିମାଂଶୁ ସାହୁ, ଲୋଚନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଡୁଙ୍ଗୁରିପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର ଭୋଇ ଧନ୍ୟବାଦ ଦେଇଥିଲେ।



# କମ୍ବଳ ବାଣ୍ଟିଲେ ବ୍ଲକ୍ ଉପାଧ୍ୟକ୍ଷ



ବୀରମହାରାଜପୁର, ୯।୧୨/(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଯୁବ ଉପସଭାପତି ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଆଜି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ବିକଳାଙ୍ଗ ଓ ଆସହାୟଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଆଜିର ଏହି କମ୍ବଳ ବଣ୍ଟନରେ ଚମ୍ପାମଲ୍ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟନାରାୟଣ ନନ୍ଦ, ଶିକ୍ଷକ ବିଜୟ ତ୍ରୀପାଠୀ, କୃଷ୍ଣ ଚନ୍ଦ୍ର ମେହେର, ସୂର୍ଯ୍ୟ ନାରାୟଣ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି।

# କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବୀରମହାରାଜପୁର, ୯।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ମହଦା ପଞ୍ଚାୟତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ, କନିଷ୍ଠ ଏବଂ ଉପ କନିଷ୍ଠ ତିନୋଟି ବର୍ଗରେ ୩୭ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବର୍ଗରୁ ଅଷ୍ଟମ ଶ୍ରେଣୀ ଛାତ୍ର ମାନସ ସେଠି ଓ ସପ୍ତମ ଶ୍ରେଣୀ ଛାତ୍ରୀ ଲଭ୍‌ଲି ପଧାନ ଚାମ୍ପିଅନ୍ ହୋଇଛନ୍ତି। କନିଷ୍ଠ ବର୍ଗରୁ ପଞ୍ଚମ ଶ୍ରେଣୀ ଛାତ୍ର ଅଙ୍କିତ ବେହେରା ଓ ଛାତ୍ରୀ ଜ୍ୟୋତି ବିଭାର, ଉପ କନିଷ୍ଠ ବର୍ଗରୁ ନିଖିଳେଶ୍ୱର ଭୋଇ ଓ ତେଜସ୍ୱିନୀ ବେହେରା ଚାମ୍ପିଅନ୍ ହୋଇଛନ୍ତି। ପ୍ରଧାନ ଶିକ୍ଷକ ହୃଷିକେଶ ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ପ୍ରଦୀପ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଲୁଣ୍ଡା ବ୍ଲକ ଅଥଲେଟିକ୍ ଆସୋସିଏସନ୍‌ର ସଭାପତି ଅନନ୍ତରାମ ମେଣ୍ଡିଲି, ସମ୍ପାଦକ ପ୍ରହଲ୍ଲାଦ ନାୟକ, କୁମାରକେଳି ସିଆରସିସି ଶରତ ନାଏକ, ମହଦା ସିଆରସିସି ବାଞ୍ଛାନିଧି ପଣ୍ଡା, ଗ୍ରାମୋତ୍ଥାନ ସୋନପୁରରୁ ସ୍ୱର୍ଣ୍ଣରୂପା ମିଶ୍ର, କ୍ଷୀରେନ୍ଦ୍ର ରଣା ଓ ମାନୀ ପଧାନ, ବିଦ୍ୟାଳୟ ଏସ୍‌ଏମ୍‌ସି ସଭାପତି ରଞ୍ଜନ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅଚ୍ୟୁତ ରଣା ସଭା ପରିଚାଳନା କରିଥିବା ବେଳେ ବନମାଳୀ ପରିଡା ସ୍ୱାଗତ ଏବଂ ନରେନ୍ଦ୍ର ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବଣ୍ଟନରେ ଶିକ୍ଷୟିତ୍ରୀ ଜୟଶ୍ରୀ ପାଢ଼ୀ ଓ ଶିକ୍ଷକ ସତ୍ୟନାରାୟଣ ମେହେର ସହଯୋଗ କରିଥିବା ବେଳେ ପରିଚାଳନା କମିଟିର ସଦସ୍ୟ ବିନୋଦ ମହାପାତ୍ର, ପ୍ରମୋଦ ବେହେରା, ବନମାଳୀ ପଧାନ, କୁମାର ଖୁରା, ସରୋଜ ସେଠି, ଫିରୋଜ ବେହେରା, ପଙ୍କଜ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

ନୂଆପଡା/ଖଡ଼ିଆଳ, ୯ ।୧୨(ସମିସ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ୩୫୩ ନମ୍ବର ଜାତୀୟ ରାଜପଥ ବରଗାଁ ଛକ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଭୋଜପୁର ଗାଁର ଦୀନବନ୍ଧୁ ପୁଞ୍ଜି (୬୮) ନାମ୍ନୀ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପରିବାର ଓ ଗ୍ରାମବାସୀ ଆର୍ଥିକ ସହାୟତା ଦାବି ନେଇ ଖଡ଼ିଆଳ ସହରର ଥାନା ଛକରେ ୩୫୩ ନଂ ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଖଡିଆଳ ଥାନା ଅଧିକାରୀ ଦିଲୀପ ସାହୁ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। କମାଜୋରୀସ୍ଥଇତ ଦୀନବନ୍ଧୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଏକ ଦଶାହ କାର୍ଡ ଦେବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଖଡ଼ିଆଳ-ନୂଆପଡ଼ା ଜାତୀୟ ରାଜପଥର ବରଗାଁ ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏହା ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

# ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ




ବୌଦ୍ଧ, ୯ ।୧୨(ସମିସ): ବୌଦ୍ଧ ଜିଲ୍ଲା ତାଲିମ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ନାରାୟଣ ପସାୟତ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବି କେ ଆର୍ ସି ଦେଓ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ଭବାନୀପାଟଣା, ୯ ।୧୨ (ସମିସ): ଭବାନୀପାଟଣାସ୍ଥିତ ବ୍ରଜମୋହନ ସରକାରୀ ହାଇସ୍କୁଲରେ ସୋମବାର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଜିଲାର ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶ୍ରୀତେଶ କୁମାର ମେହେର ଓ ବରିଷ୍ଠ ବିଭାଗରେ ନର୍ଲା ଆଦର୍ଶ ବିଦ୍ୟାଳୟର ଦିଶାନ୍ତ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉଭୟେ ଆସନ୍ତା୧୦ ଓ ୧୧ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପାଇଁ ମନୋନୀତ ହୋଇଛନ୍ତି।କୁଇଜ ପ୍ରତିଯୋଗିତାକୁ କୁଇଜ ମାଷ୍ଟର ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ,ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଷଷ୍ଠିକୁମାର ଝାଙ୍କର ଯୋଗଦେଇ ୨ବିଜେତାଙ୍କୁ ପୁରସ୍କୃତ କରିଥିଲେ।ପ୍ରତିଯୋଗିତାକୁ ଶିକ୍ଷକ ମଗ୍ଲୁଳି ଚରଣ ପ୍ରଧାନ,ଶୁଭମ ଜ୍ୟୋତି ରାଉତ, ଚିନ୍ମୟୀ ବାଗ ଓ ସୀମାରାଣୀ ମାଝୀ ସହଯୋଗ କରିଥିଲେ।ଗଣନାଥପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଡିଆ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ



ଜୁନାଗଡ, ୯ ।୧୨(ସମିସ):ରାଜ୍ୟରେ ଦିନକୁ ଦିନ ଶୀତର ପ୍ରକୋପ ବଢିବାରେ ଲାଗିଛି। କଳାହାଣ୍ଡି ଜୁନାଗଡ ରେ ମଧ୍ୟ ଶୀତର ପ୍ରବାହ ଜାରି ରହିଛି। ଶୀତର ପ୍ରକୋପ ବଢୁଥିବା ହେତୁ ଜୁନାଗଡର ନବ ନିର୍ମିତ ସାମ୍ବାଦିକ ସମୂହକୁ ନେଇ ଗଠିତ ହୋଇଥିବା ମିଡିଆ କ୍ଲବ୍‌ର ପ୍ରୟାସରେ ମଙ୍ଗଳବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ କମ୍ବଳ ବଣ୍ଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ଭଗବାନ ପଣ୍ଡା ଜୁନାଗଡ ରେଞ୍ଜର ସୀମାଞ୍ଚଳ ମିଶ୍ର ଫରେଷ୍ଟର କାହ୍ନୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍‌ର ବରିଷ୍ଟ ସଦସ୍ୟ ତଥା ଉପଦେଷ୍ଟା ଉତ୍ତମ୍ ଦାଶ ଓ ମୁକେଶ୍ ଅଗ୍ରୱାଲ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ମିଡିଆ କ୍ଲବ୍‌ର ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରି ସଭାପତି ଦୁର୍ଯ୍ୟାଧନ ମାଝୀ, ସାଧରଣ ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ସହ ସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧକ୍ଷ ସ୍ୱାସ୍ତିଦୀପ ଆଦିତ୍ୟ ଏବଂ କ୍ଲବ୍‌ର ସଦସ୍ୟ ଗାୟା ରାମ ପୁଝାରୀ, ମିକୁ ପାଢି, କାଳିଆ କନ୍ଦ ପାନ, ଶଶି ରାଜ ଅଗ୍ରୱାଲ୍,ଲାବଣ୍ୟ ନାଇକ, ଭବାନୀ ଗହିର, ଜୀତେନ୍ଦ୍ର ମେହେର୍, ସାହେବ ଛତ୍ରିଆ, ପ୍ରଦୀପ ଡଙ୍ଗରି,ବିକ୍ରାନ୍ତ ପଟ୍ଟନାୟକ, ଲକ୍ଷ୍ମଣ ବଣ୍ଣୁଆ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଫାଟି ବ୍ୟାପକ କ୍ଷୟକ୍ଷତି



ଦେବଗଡ଼, ୯।୧୨(ସମିସ): ବାରକୋଟ ବ୍ଲକ୍ ବଳିତା ଗାଁର ମେଡିକାଲ ପଛପଟେ ରହୁଥିବା ଅମୁଲ୍ୟ ନାଥ ନାମକ ବ୍ୟକ୍ତିଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡର ଫାଟି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ତେବେ ଗ୍ୟାସ ସିଲିଣ୍ଡର ଫାଟିବା ଦ୍ୱାରା ପରିବାରର କୌଣସି ସଦସ୍ୟଙ୍କ କ୍ଷତି ହୋଇ ନଥିବା ସୂଚନା ମିଳିଛି। ଅମୁଲ୍ୟଙ୍କ ଘର ସମ୍ମୁଖରେ ଏକ ଗ୍ୟାସ ସିଲିଣ୍ଡର ରଖାଯାଇଥିଲା। ବିଳମ୍ବିତ ରାତିରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ଘରର ଆଜବେଷ୍ଟ ଛାତ ଉଡିଯିବା ସହିତ କାନ୍ଥରୁ ପ୍ଲାଷ୍ଟର ଖସି ପଡିଛି।

ଏହାସହିତ ନିକଟରେ ଥିବା କାର ଓ ବାଇକରେ ନିଆଁ ଲାଗି ଯାଇଥିଲା। ଏନେଇ ବାରକୋଟ ଅଗ୍ନିଶମ ବାହିନୀ ସୂଚନାପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କେଉଁ କାରଣରୁ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବାରକୋଟ ଥାନା ପୁଲିସ ସୂଚନା ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଲଖନପୁର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

# ଭିତ୍ତିଭୂମି ସୁଧାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୯।୧୨(ସମିସ)

ଜିଲ୍ଲାପାଳ ମିଳିତ ଅଭିଯୋଗ ଶୁଣାଣି ପରେ ମଙ୍ଗଳବାର ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହ ଲଖନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅତ୍ୟନ୍ତ କମ୍ ଥିବା ଦେଖି ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। କମ୍ ଉପସ୍ଥାନର କାରଣ ପଚାରିବାରୁ ଗୋଟିଏ ଦିନି ପାଇଁ ଶିକ୍ଷକ ଧର୍ମଘଟ ଯୋଗୁଁ ଉପସ୍ଥାନ ପ୍ରଭାବିତ ହୋଇଥିବାର ପ୍ରଧାନଶିକ୍ଷକ କାରଣ ଦର୍ଶାଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରେଣୀ ଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ। ଏଥିସହ ବିଦ୍ୟାଳୟର ସୁପରିଚାଳନା ପାଇଁ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଯଥା: ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ, ପାଠାଗାରର ଉନ୍ନତିକରଣ



ଆବଶ୍ୟକତା ଏବଂ ବିଦ୍ୟାଳୟ ପରିସରରେ ଶୌଚାଳୟ ତଥା ପରିମଳ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟରେ ପାଠପଢ଼ାର ସ୍ଥିତି ଏବଂ ବିଦ୍ୟାଳୟର ବିସ୍ତୃତ ଭିତ୍ତିଭୂମି ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ। ପ୍ରଧାନଶିକ୍ଷକ ନେଟଓ୍ୱର୍କର ଅନୁପଲବ୍ଧତା କାରଣରୁ ସ୍ମାର୍ଟବୋର୍ଡରେ ଅନଲାଇନ୍ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଏସ୍ଏନ୍ଏଲ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବିଦ୍ୟାଳୟର ଛାତରୁ ବର୍ଷା ଦିନେ ପାଣି ଗଳୁଥିବା ପିଲାମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହା ଉପରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ, ଜିଲ୍ଲାପାଳ ତୁରନ୍ତ ସମ୍ପୃକ୍ତ ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନଙ୍କୁ ଭିତ୍ତିଭୂମିଗତ ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶିକ୍ଷାର ମାନ ବଜାୟ ରଖିବା ସହିତ ନିର୍ଦ୍ଦେଶିତ କାର୍ଯ୍ୟଗୁଡିକର ନିୟମିତ ତଦାରଖ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସିମୁଲେଟର ଆଧାରିତ ଡ୍ରାଇଭର ତାଲିମରେ ବେଦାନ୍ତ ଝାରସୁଗୁଡ଼ାର ମାଇଲଖୁଣ୍ଟ

ଝାରସୁଗୁଡ଼ା, ୯।୧୨(ସମିସ): ବେଦାନ୍ତ ଆଲୁମିନିୟମ, ଭାରୀ ମୋଟର ଯାନ (ଏଚଏମଭି) ଏବଂ ହାଲୁକା ମୋଟର ଯାନ (ଏଲଏମଭି) ଡ୍ରାଇଭରମାନଙ୍କ ପାଇଁ ୫,୦୦୦ ରୁ ଅଧିକ ସିମୁଲେଟର ଆଧାରିତ ତାଲିମ ଅଧିବେଶନ ଆୟୋଜିତ କରିଛି। ସଡ଼କ ସୁରକ୍ଷା ଦିଗରେ ଏହି ତାଲିମ ଏକ ମାଇଲଖୁଣ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପଦକ୍ଷେପ କମ୍ପାନୀର ଇକୋସିଷ୍ଟମରେ ଦୁର୍ଘଟଣା ମୁକ୍ତ ପରିବହନ ଏବଂ ଶୂନ୍ୟ କ୍ଷତି ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଚଏମଭି ଏବଂ ଏଲଏମଭି ସିମୁଲେଟର ତାଲିମ କେନ୍ଦ୍ର ଡ୍ରାଇଭରମାନଙ୍କୁ ପ୍ଲାଣ୍ଟରେ ବାସ୍ତବ ସଡ଼କ ବିଚାର ଏବଂ ପ୍ରତିରକ୍ଷା ଡ୍ରାଇଭିଂ ପାଇଁ ପ୍ରଶିକ୍ଷିତ କରିଥାଏ। ଭର୍ଚୁଆଲ୍ ରିଆଲିଟି (ଭିଆର)



ଏବଂ ଅଗମେଣ୍ଟେଡ୍ ରିଆଲିଟି (ଏଆର) ବ୍ୟବହାର କରି ପ୍ରଦାନ କରାଯାଉଥିବା ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀ ମାନଙ୍କୁ ବାସ୍ତବ କ୍ଷେତ୍ରରେ ଥିବା ସମସ୍ୟା ସହ ତାଳ ଦେଇ ସଠିକ୍ ଚାଳନା ପାଇଁ ପ୍ରଶିକ୍ଷିତ କରିଥାଏ। ଡ୍ରାଇଭରମାନେ କମ୍ପ୍ୟୁଟର ଆଗରେ ବସି ନିର୍ଭୟରେ ଡ୍ରାଇଭିଂ କରିବା ଅଭିଜ୍ଞତା ହାସଲ କରିଥାନ୍ତି। ଏପରି ଭାବେ ଡ୍ରାଇଭିଂର ସମସ୍ତ ଦକ୍ଷତା ଗ୍ରହଣ କରିବା ସହଜ ଏବଂ ବେଶ୍ ସୁରକ୍ଷିତ ହୋଇଥାଏ। ଏପରିକି ବିଭିନ୍ନ ଭୂଖଣ୍ଡ ଏବଂ ପାଣିପାଗ ପରିସ୍ଥିତିରେ ପ୍ରତିରକ୍ଷା ମୂଳକ ଡ୍ରାଇଭିଂ ଭଳି ଉନ୍ନତ କୌଶଳ ମଧ ଅଭ୍ୟାସ କରିହୁଏ। ସେପ୍ଟେମ୍ବର ୨୦୨୫ ରେ ଏହି କାର୍ଯ୍ୟକ୍ରମକୁ ଯାନବାହାନ ଏବଂ ଡ୍ରାଇଭିଂ ଅନୁପାଳନ ତାଲିମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମତି ମିଳିଥିଲା। ପଞ୍ଜୀକୃତ ଡ୍ରାଇଭରମାନେ ସଂଶୋଧନାତ୍ମକ ସିମୁଲେଟର ତାଲିମ ସମାପ୍ତ କରିଛନ୍ତି। ଯେଉଁ ଡ୍ରାଇଭରମାନଙ୍କୁ ଅଧିକ ପ୍ରଶିକ୍ଷଣର ଆବଶ୍ୟକତା ଦେଖା ଦିଏ ସେମାନଙ୍କୁ ଗାଡ଼ି ଚଲାଇବା ପାଇଁ ପୁନଃତାଲିମ ଗ୍ରହଣ କରିବାକୁ ହୋଇଥାଏ। ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ ଏହି ପ୍ରଯୁକ୍ତି ବିଦ୍ୟା ସକ୍ଷମ ଶିକ୍ଷା ଉପରେ ସନ୍ତୁଷ୍ଟି ବ୍ୟକ୍ତ କରିବା ସହ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବା କହିଛନ୍ତି। ବେଦାନ୍ତ ଆଲୁମିନିୟମ ଜୁଲାଇ ୨୦୨୬ ସୁଦ୍ଧା ସମସ୍ତ ପଞ୍ଜୀକୃତ ଡ୍ରାଇଭରମାନଙ୍କୁ ଏପରି ତାଲିମ ଦେବାକୁ ଲକ୍ଷ୍ୟ ରଖିଛି।

### ● ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ତତ୍ପରତା

## ୩ ବର୍ଷ ପରେ ଫେରିଲେ ମହାରାଷ୍ଟ୍ରର ବିଜୟାବାଇ



ଝାରସୁଗୁଡ଼ା, ୯।୧୨(ସମିସ): ଅସହାୟ ଅବସ୍ଥାରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ଉଦ୍ଧାର ହୋଇ ଗତ ତିନି ବର୍ଷ ଧରି ଜିଲ୍ଲା ଆଶ୍ରୟସ୍ଥଳୀରେ ରହୁଥିବା ବିଜୟାବାଇ ଯାଦବଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାରାଷ୍ଟ୍ରରେ ଥିବା ତାଙ୍କ ପରିବାରକୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ଯାଦବ ପୁଲିସ ଦ୍ୱାରା ଉଦ୍ଧାର ହେବା ପରେ ଗତ ୩ ବର୍ଷ ଧରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଝାରସୁଗୁଡ଼ାଙ୍କ ତତ୍ତ୍ୱାବଧାନରେ ପିପୁଲ୍ସ ଫୋରମ୍ ଏବଂ ବିକାଶ ଏନଜିଓ ଦ୍ୱାରା ପରିଚାଳିତ ଆଶ୍ରୟ ସ୍ଥଳୀରେ ରହି ଆସୁଥିଲେ।

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ତାଙ୍କୁ ତାଙ୍କ ପରିବାର ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିଥିଲା। ଆଜି ଜିଲ୍ଲା ପ୍ରଶାସନ ତରଫରୁ ଯାଦବଙ୍କୁ ସସମ୍ମାନେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ରିଆମାଳ ସରସ୍ୱତୀ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ

ରିଆମାଳ, ୯।୧୨(ସମିସ): ରିଆମାଳ ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତା ତଥା ଭାରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଦେବଗଡ଼ ଶିଶୁ ବିଦ୍ୟା ମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ମିଲିରାଣୀ ଧର ଯୋଗ ଦେଇଥିଲେ। ଜଣେ ଶତାୟୁ ବୃଦ୍ଧା ଦଇମତି ସାହୁଙ୍କୁ ଏଥିରେ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃ ଭାରତୀର ସଭାପତି ମିଲିରାଣୀ ଦେହୁରୀ ଓ ପରିଚାଳନା ସମିତି ସଦସ୍ୟା କୌଶଲ୍ୟା ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୀତାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କବିତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ୭ ଜଣ ଭଉଣୀଙ୍କୁ ସପ୍ତଶକ୍ତି ରୂପରେ ସୁସଜ୍ଜିତ କରାଯାଇଥିଲା।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଝାରସୁଗୁଡ଼ା, ୯।୧୨(ସମିସ): ଲଖନପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୂର୍ଯ୍ୟାଂଶୁରୂତ୍, ବିଡିଓ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୩୭ଟି ଅଭିଯୋଗ ମଧ୍ୟରୁ ୧୦ଟି ସାମୂହିକ ଓ ୨୭ଟି ବ୍ୟକ୍ତିଗତ ଥିଲା। ଶିବିରରେ ଲଖନପୁର ବ୍ଲକ୍ ପିକୋଲ ଗାଁରେ ରାସ୍ତାରେ ଘର ତିଆରି, ଉବୁଡା ଅଞ୍ଚଳରେ କମ୍ପାନୀମାନଙ୍କ କରାଯାଉଥିବା ବିସ୍ଫୋରଣ, ବନ୍ଧବାହାଲ ପଞ୍ଚାୟତର ଇସି ମାନଙ୍କ ପ୍ରାପ୍ୟ, ଖଣିଜ କମ୍ପାନୀ ଦ୍ୱାରା ସରଣ୍ଡାମାଲ ପଞ୍ଚାୟତର ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ଅଣଦେଖା, ସରଣ୍ଡାମାଲ ଜଳ ବିଭାଜିକା ବିଭାଗ ଦ୍ୱାରା ଦୁର୍ନୀତି, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ, ସମରବଗାରେ ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ, ରେମଣ୍ଡା ଗାଁରେ ନିୟୋଜିତ ପଶୁପାଳନ ନିରୀକ୍ଷକଙ୍କ ବଦଳି ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଏଥିସହ ଚିକିତ୍ସା ସହାୟତା ବାବଦକୁ ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସମୁଦାୟ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## କଳା ପରିଷଦ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ଦେବଗଡ଼, ୯।୧୨(ସମିସ): ପୌରପରିଷଦ ପକ୍ଷରୁ ସହରର ଘରୋଇ ବସଷ୍ଟାଣ୍ଡ ନିକଟରେ ନିର୍ମାଣାଧୀନ କଳାପରିଷଦ ହଲ କାର୍ଯ୍ୟ ଦଶନ୍ଧି ଧରି ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ହଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଆଜି ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ଭୁବନେଶ୍ୱରରେ କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି କଳାପରିଷଦ ହଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସହାୟତା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦେବଗଡ଼ ଜିଲ୍ଲାରେ କଳାର ବିକାଶ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ କଳାପରିଷଦ ହଲ ନିର୍ମାଣ କରାଯାଇଥିଲା। କିନ୍ତୁ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହାର



ଅବସ୍ଥା ଦୟନୀୟ ହୋଇପଡିଥିଲା। କଳାର ବିକାଶ ପାଇଁ ପୌରକାର୍ଯ୍ୟାଳୟ ପକ୍ଷରୁ ପୁରୁଣା କଳାପରିଷଦ କୋଠାକୁ ଭାଙ୍ଗି ୨୦୧୧-୧୨ ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କୋଠା ନିର୍ମାଣ ସହିତ ଉନ୍ନତମାନର ଅଡିଟୋରିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହାପରେ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ କିଛି ବର୍ଷ ପରେ କାର୍ଯ୍ୟ ବନ୍ଦ ହୋଇଥିଲା। ୨୦୧୭-୧୮ରେ ପୁଣିଥରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛି ଦିନ ପରେ କିନ୍ତୁ ପୁଣି ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ତେଣୁ କଳାକାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ମାଣାଧୀନ କଳାପରିଷଦ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହୋଇଛି। ଏଥିପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ମୁତାବକ ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାରୁ ଅବଶିଷ୍ଟ ଅର୍ଥ ଯୋଗାଇ ଦେବାକୁ ମନ୍ତ୍ରୀଙ୍କୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ରିଆମାଳ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ରିଆମାଳ, ୯।୧୨(ସମିସ): ନାଉଲିପଡା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନାଉଲିପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ରଣା, ଶିକ୍ଷୟିତ୍ରୀ ମମତା, ସିଆରସିସି ବସନ୍ତ ସୁନା ଓ ପୂର୍ବତନ ସିଆରସିସି ଦେବେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସିଆରସିସି ସଞ୍ଜୟ ସିଂ ପରିଚାଳନା କରିଥିଲେ। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସିଆରସିସି ଉତ୍ତମ ପ୍ରଧାନ, ସୁଶାନ୍ତ ସାହୁ, ରିପନ ଭୋଇ, ଠଣସୁନ୍ଦର ସାହୁ, ସମ୍ବରା ମୁଣ୍ଡା, ପ୍ରଦୀପ ବେହେରାଙ୍କ ସହ ସୌଭାଗ୍ୟ ସାହୁ, ଅଲେଖ ମହାପାତ୍ର, ଧ୍ରୁବଚରଣ ସାମଲ, ମୁରଲୀଧର ସାହୁ ଓ ପ୍ରହ୍ଲାଦ ସାହୁ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାଙ୍କର୍ସ ବୈଠକ


ଦେବଗଡ଼, ୯।୧୨(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ତ୍ରୟମାସିକ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଶନଶକ୍ତି ଜରିଆରେ ଲୋକଙ୍କର ସୁବିଧା ନିମନ୍ତେ ଛତୁ ଚାଷ, ମାଛ ଚାଷ, କୁକୁଡା ଚାଷ, ପୋଖରୀ ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ପେନସନ, କାମଧେନୁ ଯୋଜନାରେ ଲୋକଙ୍କୁ ଋଣ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବ୍ୟାଙ୍କର୍ସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ଅନିଲ ମିଶ୍ର, ସନ୍ତୋଷ ଲେଙ୍କା, ରବୀନ୍ଦ୍ର ମହାନ୍ତି, ଧୀରେନ୍ଦ୍ର ଦାସ, ଇ ସୁଶାନ୍ତ ଦାସ, ଅନ୍ତର୍ଯ୍ୟାମୀ ସାହୁ, ସ୍ୱାଧୀନତା ସାହାଣୀ, ସଞ୍ଜୟ ପାତ୍ର, ଅଶୋକ ଇନ୍ଦୁଆର୍, ଶିଶିର ଷଡଙ୍ଗୀ, ଶ୍ରୀନିବାସ ଜାନୀ ଓ ବିଭିନ୍ନ ବ୍ୟାଙ୍କର୍ସ ଅଧିକାରୀ ଯୋଗ ଦେଇଥିଲେ।

## ଡିଏଭିରେ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ



ଝାରସୁଗୁଡ଼ା, ୯।୧୨(ସମିସ): ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସରରେ କିଶୋର ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ମାନସପଟରେ ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳାଗତ ସଂସ୍କାରକୁ ଅଧିକ କ୍ରିୟାଶୀଳ ଓ ସଫଳତାମୁଖୀ କରିବା ଉଦ୍ଦେଶ୍ୟରେ କିଶୋର ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ସଭାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାରର ପ୍ରାନ୍ତ ଯୋଗ ସଂଯୋଜକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଯୋଗ ପ୍ରଫେସର ଡ.ବିଶ୍ୱରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା, ଏକାଗ୍ରତା, ଧୀଶକ୍ତି ବୃଦ୍ଧି, ଶୃଙ୍ଖଳିତ ଜୀବନଧାରଣ, ସଂସ୍କାରିତ ଆଚରଣ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ ତଥା ଯୋଗାସନ ଓ ପ୍ରାଣାୟମ ଅଭ୍ୟାସର ଆବଶ୍ୟକତା ସନ୍ଦର୍ଭରେ ଅବଗତ କରାଇଥିଲେ। ମୋବାଇଲ ଫୋନଠାରୁ ଦୂରେଇ ରହି ସୃଜନୀ ଶକ୍ତିର ବିକାଶ ଘଟାଇବା ସହିତ ନିଜ ଜ୍ଞାନ ଓ ସ୍ମରଣ ଶକ୍ତିର ବୃଦ୍ଧି ପାଇଁ ଚେଷ୍ଟିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା କାର୍ଯ୍ୟକ୍ରମର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଝାରସୁଗୁଡ଼ା ଗାୟତ୍ରୀ ପରିବାରର ସଭ୍ୟ ତଥା ସଂଯୋଜକ ରୋହିତେଶ୍ୱର ପ୍ରଧାନ ଓ ସେବାନିବୃତ୍ତ ଅଧ୍ୟାପକ ଅଲେଖ ପ୍ରଧାନ ସଂସ୍କାର କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିଥିଲେ।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ରଥକୁ ଭବ୍ୟ ସ୍ୱାଗତ



କୋଲାବିରା, ୯।୧୨(ସମିସ): ସୁଦୂର ପଣ୍ଡିଚେରୀରୁ ବାହାରି ଭାତଲଇଡା ଯୋଗାଶ୍ରମକୁ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ନେଇ ଆସିଥିବା ଶ୍ରୀରଥକୁ କୋଲାବିରା ଠାରେ ଭବ୍ୟ ସ୍ୱାଗତ କରାଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ଏହିରଥ ମାତୃଜ୍ୟୋତି ଝାରସୁଗୁଡ଼ା କେନ୍ଦ୍ରରୁ ବାହାରି କୋଲାବିରା ଅତିକ୍ରମ କରିବା ସମୟରେ ମୁଖ୍ୟ ରାସ୍ତା ଜଗନ୍ନାଥ ମନ୍ଦିର ନିକଟରେ ରଥକୁ ଅଟକା ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ସହ ଦେହାଂଶରେ ପୁଷ୍ପବୃଷ୍ଟି କରି ସ୍ୱାଗତ ଜଣା ହୋଇଥିଲା। ପରେ ରଥ କୋଲାବିରା ମୁଖ୍ୟ ସଡକ ଦେଇ ଭାତଲଇଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଶ୍ରୀଅରବିନ୍ଦ ଯୋଗାଶ୍ରମକୁ ପ୍ରସ୍ଥାନ କରିଥିଲା। ଏହି ସମୟରେ ଗାଁର ବାବଲୁ ମିଶ୍ର, ତନୟା ମିଶ୍ର, ପ୍ରତିମା ଧୁରୁଆ, ପଙ୍କଜିନୀ ସମର୍ଥା, ଦୀଲିପ ସିଂ, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଡଲି ମିଶ୍ର, କୀର୍ତ୍ତିଚନ୍ଦ୍ର ବହିଦାର, ବିଜୟ ପୂଝାରୀ, ବିରଞ୍ଚି ପଟେଲ, ସାଧ୍ୱୀ ପଦ୍ମିନୀ ହୋତା, ଦିଲିପ ପୁରୋହିତ ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

କୋଲାବିରା: ଭାତଲଇଡା ସ୍ଥିତ ଶ୍ରୀ ଅରବିନ୍ଦ ଯୋଗାଶ୍ରମ ଠାରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁସ୍ମାରକୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭବ୍ୟ ଶୋଭାଯାତ୍ରାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ଭାତଲାଇଡା ଗାଁ ପରିକ୍ରମା ପରେ ଯୋଗାଶ୍ରମରେ ପହଞ୍ଚିଥିଲେ। ମାତୃଜ୍ୟୋତି, ଝାରସୁଗୁଡ଼ା କେନ୍ଦ୍ରରୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ବିରାଟ ଶୋଭାଯାତ୍ରାରେ ବାହାରି ଥିଲେ। ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ପାଇ ଭାତଲଇଡା ଆଗମନ କରିଥିଲେ। ଯୋଗାଶ୍ରମ ପରିସରରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଦର୍ଶନ କରିଥିଲେ। ପରେ ସାଧକ ଅନାଦି ଚରଣ ସ୍ୱାଇଁଙ୍କ କରକମଳରେ ପବିତ୍ର ଦେହାଂଶ ସ୍ଥାପନା କରାଯାଇ ଶ୍ରୀତନୁସ୍ମାରକୀ ପ୍ରତିଷ୍ଠା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ମାତୃସନ୍ତାନ, ଭାଇ ଭଉଣୀମାନେ ଅଂଶଗ୍ରହଣ କରିଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ପାଇଁ ସଚେତନତା ବୈଠକ

ଝାରସୁଗୁଡ଼ା, ୯।୧୨(ସମିସ)

ଜିଲ୍ଲାରେ ଲିଙ୍ଗଭିତ୍ତିକ ହିଂସା ହ୍ରାସ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ, ପିଲାମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଏବଂ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଆଦି ସମ୍ବେଦନଶୀଳ ଆଇନଗତ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବାଳିକାମାନଙ୍କ ଅଧିକାର ଓ ସୁରକ୍ଷା ସମ୍ବନ୍ଧିତ ଆଇନ୍, ପକ୍ସୋ ଆଇନ୍, ବାଲ୍ୟ ବିବାହ ଆଇନ୍ ଏବଂ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ସମ୍ବନ୍ଧିତ ଆଇନ୍



ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଲିଙ୍ଗ ଭିତ୍ତିକ ହିଂସା ସମ୍ବନ୍ଧିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ପୋଷ୍ଟରକୁ ମଧ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ 'ସାହେଡା'ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଦେବଗଡ଼: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାରେ ଭାରପ୍ରାପ୍ତ ସିଡିଏମଓ ଡ.ଧର୍ନୁଜୟ ମହାନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡ.ମନୋରଞ୍ଜନ ସାମଲ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର, ଡ.ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଲିଙ୍ଗଭିତ୍ତିକ ହିଂସା ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସଖୀ ସେଣ୍ଟରର କର୍ମଚାରୀ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୦.୭୮
- ୟୁରୋ ୧୦୪.୭୫ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୫୬୦ (ନୂଆଦିଲ୍ଲୀ)
- ରୁପା : ୧,୮୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୬୬୬.୦୦
- ନିଫ୍ଟି ୨୫,୮୩୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନବୀନ ସରକାରରେ ସ୍କୁଲ୍‌ରେ ଡ୍ରପ୍‌ଆଉଟ୍ ହାର କମ୍

**ସିଏଜି ରିପୋର୍ଟ**

**ଜାତୀୟ ହାର ତୁଳନାରେ ଓଡ଼ିଶାର ଡ୍ରପ୍ ଆଉଟ୍ ହାର ନଗଣ୍ୟ**

**ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଉନ୍ନତ ସ୍ଥିତିରେ ଓଡ଼ିଶା**

ଭୁବନେଶ୍ୱର,୯।୧୨(ସମିସ): ବିଭିନ୍ନ କାରଣରୁ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବର୍ଷ ଅନୁଯାୟୀ ବଢ଼ିବାରେ ଲାଗିଛି। ତେବେ ଏ କ୍ଷେତ୍ରରେ ଦେଶ ତୁଳନାରେ ରାଜ୍ୟର ସ୍ଥିତି ବେଶ ଭଲ ରହିଛି। ବିଶେଷ କରି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠ ଛାଡୁଥିବା ବା ଡ୍ରପ୍ ଆଉଟ୍ ପିଲାଙ୍କ ସ୍ଥିତି ଦେଖିଲେ ଓଡ଼ିଶାରେ ଏହି ହାର ଜାତୀୟ ହାରଠାରୁ ବହୁତ କମ୍ ରହିଛି। ଏହାର ଶ୍ରେୟ ପୂର୍ବରୁ ନବୀନ୍ ସରକାରଙ୍କୁ ଯାଉଛି। ଯଦି ଆମେ ଗତ ୫ବର୍ଷର ତଥ୍ୟକୁ ଦେଖିବା ତେବେ ଏହି ସମୟ ମଧ୍ୟରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ପାଖାପାଖି ୮ ପ୍ରତିଶତ ରହିଛି। ୨୦୧୮-୧୯ ଆର୍ଥିକବର୍ଷରେ ଓଡ଼ିଶାରେ ପ୍ରଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ମାତ୍ର ୩.୪ ପ୍ରତିଶତ ରହିଥିବାବେଳେ ୨୦୧୮-୧୯ ଆର୍ଥିକବର୍ଷରେ ଏହି ହାର ଶୂନ୍ ରହିଥିବା ରାଜ୍ୟରେ ବିଦ୍ୟାଳୟ ଓ ଶିକ୍ଷା ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) ଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।




ଭୁବନେଶ୍ୱରସ୍ଥିତ ଏଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅତୂଲ ପ୍ରକାଶ ଏହି ରିପୋର୍ଟ ଉନ୍ମୋଚନ କରି କହିଛନ୍ତି ଯେ, ୟୁଡି ଆଇଏସ୍‌ର+ ଅନୁଯାୟୀ, ଅଧାରୁ ପାଠପଢ଼ା ଛାଡୁଥିବା ହାର ହେଉଛି ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ବର୍ଷରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ନାମ ଲେଖାଇଥିବା ଗୋଷ୍ଠୀର ଛାତ୍ରଛାତ୍ରୀଙ୍କ ଅନୁପାତ, ଯେଉଁମାନେ ପରବର୍ତ୍ତୀ ବିଦ୍ୟାଳୟବର୍ଷରେ ଆଉ କୌଣସି ଗ୍ରେଡ୍‌ରେ ନାମ ଲେଖାଇନାହାଁନ୍ତି। ଶିକ୍ଷାର ବିଭିନ୍ନ ସ୍ତର ପାଇଁ ସର୍ବଭାରତୀୟ ସ୍ତର ତୁଳନାରେ ରାଜ୍ୟ ସ୍ତରରେ ଅଧାରୁ ପାଠ ଛାଡ଼ି ଥିବା ହାର। ପ୍ରାଥମିକ ସ୍ତରରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦୧୮-୧୯ରେ ୪.୫ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୩.୪ ପ୍ରତିଶତ ରହିଛି। ସେହିପରି ୨୦୧୮-୧୯ ଆର୍ଥିକବର୍ଷରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ସର୍ବଭାରତୀୟ ସ୍ତରରେ ଏହା ୭.୮ ପ୍ରତିଶତ ରହିଥିବାବେଳେ ରାଜ୍ୟରେ ଏହା ଦେଶରେ ସବୁଠାରୁ ଭଲ ଶୂନ୍ ପ୍ରତିଶତ ରହିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଉପ ମହାଲେଖାକାର ଭୀମଲେଶ କୁମାର ,ଉପ ମହାଲେଖାକାର ସଞ୍ଜୟ କୁମାର, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା ଏବଂ ବିଚିତ୍ରା ନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭିଡା ଇଭୋଟର ଭିଏକ୍ସ ୨ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫'

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ହିରୋମୋଟୋ କର୍ପ ଏକ ନୂତନ 'ଇଭୋଟର' ବଜାରକୁ ଛାଡିଛି। ଏହାର ନାମ ' ଭିଡା ଇଭୋଟର ଭିଏକ୍ସ୨'। 'ଭିଡା ଇଭୋଟର ଭିଏକ୍ସ୨' ଇତିମଧ୍ୟରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ଏହି ଇଭିକୁ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫' ପୁରସ୍କାର ମିଳିଛି। ଭିଡା ଇଭୋଟର ଭିଏକ୍ସ୨ର ଏହି ସଫଳତା ହାସଲ କରି ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ପ୍ରଦର୍ଶନ ଦୃଷ୍ଟିରୁ ଏହି ଗାଡ଼ି ଯେମିତି ଶକ୍ତିଶାଳୀ ଲୁକ୍‌ରୁ ସେମିତି ଆକର୍ଷଣୀୟ। ଏହି ସ୍କୁଟରକୁ ଗ୍ରାହକଙ୍କ ଆଉ ଭଲ ରେସପନ୍ସ ମିଳିଛି। ଏହି ପୁରସ୍କାର ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି, ଆମେ କେବଳ ଏକ ଟ୍ରଫି ଜିତିନାହୁଁ, ଆମେ ବଜାର ମାନ୍ୟକରଣ ମଧ୍ୟ ଜିତିଛୁ। ଏବେ ଗାଡ଼ି ବିକ୍ରି କ୍ଷେତ୍ରରେ ଏହି ସଫଳତା ହାସଲ କରିବୁ ଏବେ ସମୟ ଆସିଛି ଏହି ପୁରସ୍କାରର ଲାଭ ସର୍ବାଧିକ ବଜାରରେ ଏବଂ ରିଟେଲ ବଜାରରେ ପହଞ୍ଚାଇବା।




**୨୨୮ କୋଟିର ବ୍ୟାଙ୍କିଙ୍ଗ ଦୁର୍ନୀତି ଅଭିଯୋଗ**

# ଅନୀଲଙ୍କ ଅମ୍ବାନୀଙ୍କ ପୁଅ ନାମରେ ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ ,୯।୧୨(ଏଜେନ୍ସି): ଶିଳ୍ପପତି ଅନିଲ ଅମ୍ବାନୀଙ୍କ ପରେ ଏବେ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ବିରୋଧରେ ୨୨୮ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଦୁର୍ନୀତି ମାମଲାରେ ସାମ୍ନାକୁ ଆସିଛି। ସିବିଆଇ ରିଲାଏନ୍ସ ହାଉସିଂ ଫାଇନାନ୍ସ ଲିମିଟେଡ (ଆର୍‌ଏଚ୍‌ଏଫ୍‌ଏଲ୍) ସମ୍ପର୍କିତ ଏକ ମାମଲାରେ ଅପରାଧିକ ମାମଲା ରୁଜୁ କରିଛି। ଅନିଲ ଅମ୍ବାନୀଙ୍କ ପୁଅଙ୍କ ନାମରେ ଏତଲା ହେବା ଏହା ପ୍ରଥମ ଘଟଣା। ଅଭିଯୋଗରେ ଆରୋପ ଲଗାଯାଇଛି ଯେ କମ୍ପାନୀ ଦ୍ୱାରା କରାଯାଇଥିବା ଅନିୟମିତତା କାରଣରୁ ବ୍ୟାଙ୍କକୁ ୨୨୮.୦୬ କୋଟି ଟଙ୍କାର କ୍ଷତି ହୋଇଛି।

ସିବିଆଇ ଅନୁସାରେ ଏହି ମାମଲା ଆର୍‌ଏଚ୍‌ଏଫ୍‌ଏଲ୍ , ଏହାର ପୂର୍ବତନ ସିଇଓ ତଥା ପୂର୍ଣ୍ଣକାଳ ନିର୍ଦ୍ଦେଶକ ରବିନ୍ଦ୍ର ସୁଧାଲକର, ଜୟ ଅନମୋଲ ଅମ୍ବାନୀ ଓ ଅନ୍ୟ ଅଜ୍ଞାତ ଲୋକଙ୍କ ବିରୋଧରେ ରୁଜୁ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ଏମାନଙ୍କ ବିରୋଧରେ ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ରହିଛି। ଋଣ ଦିଆଯିବା ଓ ଅସୁଲି ସମ୍ପର୍କିତ ଅନିୟମିତତା ଯୋଗୁ ବ୍ୟାଙ୍କକୁ ବଡ଼ ଧରଣର ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗରେ କୁହାଯାଇଛି। ସିବିଆଇରେ ହୋଇଥିବା ଲିଖିତ ଅଭିଯୋଗରେ କୁହାଯାଇଛି ଯେ ଜୟ ଅନମୋଲ ଅମ୍ବାନୀ ଓ ରବିନ୍ଦ୍ର ସୁଧାଲକରଙ୍କ ସହିତ ଅନ୍ୟ ଲୋକେ ନେଇଥିବା ଭୁଲ ନିଷ୍ପତ୍ତି ଯୋଗୁ ଭୁଲ ଲୋକଙ୍କୁ ଲାଭାନ୍ୱିତ କରାଯାଇଛି ଏବଂ ଏଥିଯୋଗୁ ବ୍ୟାଙ୍କର କ୍ଷତି ହୋଇଛି। ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ କମ୍ପାନୀର ଅନ୍ତରୀଣ ନିୟମକୁ ଟାଳି ଋଣ ଦେବା ଓ ପୈଠ କରିବାରେ ଗଡବଡ଼ କରାଯାଇଛି। ତେବେ ଅନିଲ ଅମ୍ବାନୀ ସମୂହ ପକ୍ଷରୁ ଏପର୍ଯ୍ୟନ୍ତ ମାମଲାରେ ବିସ୍ତୃତ ସାର୍ବଜନିକ ବୟାନ ଜାରି କରାଯାଇନାହିଁ। ତେବେ ଆଶା କରାଯାଉଛି ସମୂହ ଖୁବ୍ ଶୀଘ୍ର ନିଜର ଅଧିକାରୀକ ପ୍ରତିକ୍ରିୟା ଜାରି କରିପାରେ।

# ଲାଇସେନ୍ସିଂ ସହଭାଗିତା ବଢ଼ାଇଲା ବ୍ଲାପଙ୍କ୍‌ଟ କାର ଇନଫୋଟେନମେଣ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): କାର ଇନଫୋଟେନମେଣ୍ଟ ଓ ଅଡିଓ ଆସେସୋରିଜ କ୍ଷେତ୍ରରେ ବିଶ୍ୱସ୍ତରରେ ଭରସାଯୋଗ୍ୟ ନାମ ବ୍ଲାପଙ୍କ୍‌ଟ ବିପିଆଇଏନ୍ ପ୍ରାଇଭେଟ ଲିମିଟେଡ ସହିତ ତାହାର ଦୀର୍ଘକାଳୀନ ଲାଇସେନ୍ସିଂ ସହଭାଗିତାକୁ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହି ରଣକୌଶଳାତ୍ମକ ନବୀକରଣ ନବସୃଜନ, ବିଶ୍ୱାସ ଏବଂ ଭାରତୀୟ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବିଶ୍ୱ ଶ୍ରେଣୀର ଅଟୋମୋଟିଭ ସମାଧାନଗୁଡିକ ଯୋଗାଇଦେବାକୁ ସହଭାଗୀ ଲକ୍ଷ୍ୟ ଉପରେ ନିର୍ମିତ ୨୭ବର୍ଷର ସହଯୋଗୀତାକୁ ଜାରି ରଖିବା ବିଷୟ ଆଧାରିତ ହୋଇଛି। ଏହି ନବୀକୃତ ରାଜିନାମା ଭାରତର ଦ୍ରୁତ ପରିବର୍ତ୍ତନଶୀଳ ଅଟୋମୋଟିଭ ପରିବ୍ୟବସ୍ଥା ପ୍ରତି ବ୍ଲାପଙ୍କ୍‌ଟର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀକରଣ କରୁଛି ଏବଂ ଏକ ପ୍ରମୁଖ ଅଭିବୃଦ୍ଧି ସହଭାଗୀ ଭାବରେ ବିପିଆଇଏନ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି। ଉଭୟ କାର ଅଡିଓ ଏବଂ କାର ଆସେସୋରିଜକୁ ପରିସରଭୁକ୍ତ କରୁଥିବା ଏହି ସହଭାଗୀତା ଉତ୍ପାଦର ଉପଲବ୍ଧତାରେ ବୃଦ୍ଧି ଘଟାଇବା ଏବଂ ଉଚ୍ଚ ପ୍ରଦର୍ଶନକାରୀ ଇନଫୋଟେନମେଣ୍ଟ ବ୍ୟବସ୍ଥାଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଓଇଏମ୍‌ସମୂହ ଏବଂ ପରବର୍ତ୍ତୀବଜାର ସହିତ ଗଭୀର ସହଯୋଗିତାକୁ ଆଗେଇନେବାର ଲକ୍ଷ୍ୟ ରଖୁଛି।

# ଶସ୍ତା ଚାଉଳ ନେଇ ଭାରତ ଉପରେ ଟ୍ରମ୍ପ କ୍ଷୁବ୍ଧ

**ଚାଉଳ ଆମଦାନୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଧମକ**

ୱାଶିଂଟନ୍, ୯।୧୨(ଏଜେନ୍ସି): ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଭାରତରୁ ଆସୁଥିବା ଚାଉଳ ଏବଂ କାନାଡାରୁ ଆସୁଥିବା ସାର ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ବିଚାର କରୁଛି। ସେ କହିଛନ୍ତି ଯେ ଅନ୍ୟ ଦେଶରୁ ଆସୁଥିବା ଶସ୍ତା ସାମଗ୍ରୀ ଆମେରିକୀୟ ଚାଷୀଙ୍କ କ୍ଷତି କରୁଛି। ସୋମବାର ହ୍ୱାଇଟ୍ ହାଉସରେ କୃଷକମାନଙ୍କ ପାଇଁ ନୂତନ ଆର୍ଥିକ ସହାୟତା ଘୋଷଣା କରିବା ସମୟରେ ଟ୍ରମ୍ପ ଏହି ବିବୃତ୍ତି ଦେଇଥିଲେ। ଟ୍ରମ୍ପ କହିଛନ୍ତି ଯେ ଭାରତ, ଭିଏତନାମ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ଆମେରିକାକୁ ବହୁତ ଶସ୍ତା ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଏଠାକାର ଚାଷୀଙ୍କ ଆୟ ହ୍ରାସ ପାଉଛି। ସେ ଏହାକୁ "ଡମ୍ପିଂ" ବୋଲି କହିଥିଲେ ଏବଂ କହିଥିଲେ ଯେ ଏହା ହେବା ଉଚିତ୍ ନୁହେଁ। ଟ୍ରମ୍ପ ତାଙ୍କ ଅର୍ଥମନ୍ତ୍ରୀ ସ୍କଟ ବେସାଣ୍ଟଙ୍କୁ ପଚାରିଥିଲେ ଯେ ଭାରତ ଚାଉଳ ଉପରେ କୌଣସି ଛାଡ଼ ପାଇଛି କି? ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି।

ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ ଆବଶ୍ୟକ ହେଲେ, ଆମେରିକା କାନାଡାରୁ ଆସୁଥିବା ସାର ଉପରେ କଠୋର ଶୁଳ୍କ ଲାଗୁ କରିପାରିବ। ସେ କହିଛନ୍ତି ଯେ କାନାଡାରୁ ବହୁତ ସାର ଆସୁଛି। ଯଦି ଏହା ଅତ୍ୟଧିକ ଶସ୍ତା ହୋଇଯାଏ, ତେବେ ଆମେ ଏହା ଉପରେ କଠୋର ଶୁଳ୍କ ଲାଗୁ କରିବୁ। କାନାଡା ଆମେରିକାକୁ ସର୍ବାଧିକ ପରିମାଣର ପୋଟାସ୍ ସାର ଯୋଗାଇଥାଏ। ଏପର୍ଯ୍ୟନ୍ତ, ଏହା ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ସୁରକ୍ଷିତ ରହିଛି। ଆମେରିକାରେ ମୁଦ୍ରାସ୍ଫୀତି ଏବଂ ମୂଲ୍ୟବୃଦ୍ଧି ଯୋଗୁଁ ଟ୍ରମ୍ପ ବର୍ଦ୍ଧିତ ଚାପର ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ମଧ୍ୟ ବର୍ଦ୍ଧିତ ମୂଲ୍ୟର ସମ୍ମୁଖୀନ ହେଉଛନ୍ତି। ସାର ଉପରେ ଏକ ନୂତନ ଶୁଳ୍କ ସେମାନଙ୍କ ସମସ୍ୟାକୁ ଆହୁରି ଖରାପ କରିପାରେ। ଆମେରିକା ସେମାନଙ୍କ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ତାଲିକାରେ ପୋଟାସ୍ ଏବଂ ଫସଫେଟ୍ ଯୋଡିଛି, କିନ୍ତୁ ଚାଷୀମାନେ ଏବେ ବି ଏହାକୁ ନେଇ ଚିନ୍ତିତ। ଟ୍ରମ୍ପ ମେକ୍ସିକୋ ଉପରେ ଅତିରିକ୍ତ ୫% ଶୁଳ୍କ ଲାଗୁ କରିବାକୁ ଧମକ ମଧ୍ୟ ଦେଇଥିଲେ, ଏହା ଆମେରିକାକୁ ଚୁକ୍ତି ଅନୁଯାୟୀ ପାଣି ଯୋଗାଇ ନ ଥିବା ଅଭିଯୋଗ କରିଥିଲେ। ଏହି ଚୁକ୍ତିନାମା ପ୍ରାୟ ୮୦ ବର୍ଷ ପୁରୁଣା, କିନ୍ତୁ ଆମେରିକା ଦୀର୍ଘ ସମୟ ଧରି ମେକ୍ସିକୋକୁ ଏହାର ଅନୁପାଳନ କରୁ ନ ଥିବା ଅଭିଯୋଗ କରିଆସୁଛି।



# ଟଙ୍କା ମୂଲ୍ୟରେ ୧୭ ପଇସା ବୃଦ୍ଧି

ମୁମ୍ବାଇ ୯ ।୧୨(ଏଜେନ୍ସି): ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ କେବଳ ବିଦେଶୀ ନିବେଶକଙ୍କ ପ୍ରତ୍ୟାହାର ପାଇଁ ନୁହେଁ ବରଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ହୋଇଛି। ଏଥିପାଇଁ ଟଙ୍କା ଏତେ କ୍ଷତିର ସମ୍ମୁଖୀନ ହେଉଛି। ଏକ ସମୟରେ ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୮୩ ଟଙ୍କା ସ୍ତରରେ ରହିଥିଲା। ଯାହା ଟ୍ରମ୍ପ୍‌ଙ୍କ ଟାରିଫ୍ ପାଇଁ ୯୦ ଟଙ୍କା ଉପରକୁ ଚାଲିଯାଇଛି। ମଙ୍ଗଳବାର ସକାଳେ ଟ୍ରମ୍ପ୍ ଭାରତକୁ ଟାରିଫ୍ ଧମକ ଦେଇଛନ୍ତି। ଏଥର ଟ୍ରମ୍ପଙ୍କ ଟାର୍ଗେଟ୍ ପାଲଟିଛି ଭାରତର ବାସମତୀ ଚାଉଳ ଏଣୁ ପ୍ରାରମ୍ଭିକ ଅଧିବେଶନରେ ଡଲାର ତୁଳନାରେ ଟଙ୍କା କ୍ଷତିରେ ପଡିଥିଲା। ହେଲେ ବଜାର ବନ୍ଦ ହେବା ବେଳକୁ ଅଚାନକ ଏପରି କିଛି ହୋଇଛି ଯାହାକୁ ବିଶ୍ୱାସ ବି କରି ହେଉନି।

ମଙ୍ଗଳବାର ସକାଳେ କାରବାର ଆରମ୍ଭ କାଳରେ ଟଙ୍କା ୧୦ ପଇସା ହ୍ରାସର ସମ୍ମୁଖୀନ ହୋଇଥିଲା, ହେଲେ କାରବାର ବନ୍ଦ ବେଳକୁ ଏଥିରେ ୧୭ ପଇସା ଅଭିବୃଦ୍ଧି ଦେଖା ଯାଇଛି। ଫଳରେ ଟ୍ରମ୍ପଙ୍କ ଟାରିଫକୁ ଜବାବ ମିଳିଯାଇଛି। ଏଣୁ ଟଙ୍କା ତୁଳନାରେ ଡଲାର ମୂଲ୍ୟ ୯୦ ଟଙ୍କାରୁ ତଳକୁ ଖସି ମଜଭୁତ ହୋଇଛି। ବିଶେଷଜ୍ଞଙ୍କ ଅନୁସାରେ ମଙ୍ଗଳବାର ଫେଡେରାଲ ରିଜର୍ଭର ବୈଠକ ଆରମ୍ଭ ହୋଇଛି। ଏଥିରେ ୨୫ ବେସିସ ପଏଣ୍ଟ ପଲିସି ରେଟ କଟ୍ ହୋଇପାରେ। ଯାହାର ସମର୍ଥନ ମୁଦ୍ରା ବିନିମୟ ବଜାରରେ ଟଙ୍କାକୁ ମିଳିଛି। ମଙ୍ଗଳବାର ଆମେରିକା ଡଲାର ଓ ଅଶୋଧିତ ତୈଳ ନିଜର ହାଇଲେବୁଲରୁ ତଳକୁ ଖସିଛନ୍ତି। ଏଣୁ ଟଙ୍କା କାରବାର ଆରମ୍ଭରେ ସମ୍ମୁଖୀନ ହୋଇଥିବା ହ୍ରାସରୁ ଉପରକୁ ଉଠି ୧୭ ପଇସା ବୃଦ୍ଧି ହାସଲ କରିଛି। ଏଣୁ ଡଲାରର ଚୂଡ଼ାନ୍ତ ମୂଲ୍ୟ ୮୯.୮୮ ପଇସାରେ ବନ୍ଦ ହୋଇଛି।

# ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'

ନୂଆଦିଲ୍ଲୀ, ୯।୧୨ : ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର›ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି।



# ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ମାଇକ୍ରୋସଫ୍ଟ ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକ ପରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏହି ସଚନା ଦେଇଛନ୍ତି। ନାଡେଲା କହିଛନ୍ତି ଯେ ଏହା ଏସିଆରେ କମ୍ପାନୀର ବର୍ତ୍ତମାନ ମାନ ପର୍ଯ୍ୟନ୍ତ ଯାଏ ସବୁଠୁ ବଡ଼ ନିବେଶ ହେବ। ସତ୍ୟ ନାଡେଲାଙ୍କ ଏହି ଘୋଷଣା ଭାରତର ଏଆଇ ସ୍ୱପ୍ନକୁ ନୂଆ ଗତି ଦେବ।

ମାଇକ୍ରୋସଫ୍ଟ ପକ୍ଷରୁ ଏକ ବିବୃତିରେ କହିଛି ଯେ, ଆଜି ଆମେ ଏସିଆରେ ଆମ ସର୍ବବୃହତ ନିବେଶ ନେଇ ଘୋଷଣା କରୁଛୁ। ୨୦୨୬-୨୦୨୯ ମଧ୍ୟରେ ୪ ବର୍ଷରେ ୧୭.୫ ବିଲିୟନ ଡଲାର ନିବେଶ କରାଯିବ। ଦେଶର କ୍ଲାଉଡ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଏବଂ ବର୍ତ୍ତମାନର ପରିଚାଳନାକୁ ଅଧିକ ମଜଭୁତ କରାଯିବ। ଏହି ବୈଠକରେ ଦୁହେଁ ଦେଶର ଏଆଇ ରୋଡମ୍ୟାପ୍ ଓ ବିକାଶ ପରି ମୁଖ୍ୟ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ମାଇକ୍ରୋସଫ୍ଟ କହିଛି ଯେ କମ୍ପାନୀ ନିବେଶର ଭାରତର ତିନି ପ୍ରମୁଖ ସ୍ତମ୍ଭ ବୃଦ୍ଧି, ଦକ୍ଷତା, ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ଦେଉଛି। ବର୍ଷ ଆରମ୍ଭରେ ଭାରତ ଗସ୍ତ ସମୟରେ ନାଡେଲା କହିଥିଲେ ଯେ କମ୍ପାନୀ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତରେ କ୍ଲାଉଡ୍ ଏବଂ ଏଆଇ ଭିତ୍ତିଭୂମି ଏବଂ ଦକ୍ଷତା କ୍ଷେତ୍ରରେ ୩ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା ରଖିଛି। ଏଥରେ ନୂତନ ଡାଟାସେଣ୍ଟର ପ୍ରତିଷ୍ଠା ନେଇ ମଧ୍ୟ ଘୋଷଣା କରିଥିଲେ।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି

ଭୁବନେଶ୍ୱର, ୯।୧୨(ସମିସ): ବେଦାନ୍ତ ଆଲୁମିନିୟମ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଅନିମେଶ ପ୍ରଧାନ (ଆଇଏଏସ୍) ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦% ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜ ପାଇଁ ସବୁଠାରୁ ଶକ୍ତିଶାଳୀ ମୂଳଦୁଆ। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଛାତ୍ରଛାତ୍ରୀମାନେ କଳାହାଣ୍ଡି କ୍ଷେତ୍ରର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଯାତ୍ରାର ଅଂଶବିଶେଷ ହୋଇଥିବାରୁ ଆମେ ଗର୍ବିତ।




**ଲୋକୋ ପାଇଲଟଙ୍କ ଚେତାବନୀ**

# ରେଳବାଇରେ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ

**ବିମାନ ପାଇଲଟଙ୍କ ଭଳି ରେଳବାଇରେ ଲାଗୁ ହେଉ ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ**



ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ନିକଟରେ ଇଣ୍ଡିଗୋ ଏୟାର ଲାଇନ୍ସରେ ଉପୁଜିଥିବା ସଙ୍କଟ କେବଳ ଏଭିଏସନ ନୁହେଁ ଇଣ୍ଡିଆନ ରେଲୱେର ଲୋକୋ ପାଇଲଟଙ୍କୁ ମଧ୍ୟ ସେମାନେ ଦୀର୍ଘ ସମୟରୁ ଭୋଗିଆସୁଥିବା ସମସ୍ୟା ଦୋହରାଇବାକୁ ସୁଯୋଗ ଦେଇଛି। ଏୟାରଲାଇନ ପାଇଲଟଙ୍କ ନିମନ୍ତେ ଲାଗୁ କରାଯାଇଥିବା ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମକୁ ରେଳବାଇରେ ମଧ୍ୟ ଲାଗୁ କରାଯାଉ ବୋଲି ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଆସୋସିଏସନ କହିଛି ଯେ ଲୋକୋ ପାଇଲଟଙ୍କ ଉପରେ ବଢୁଥିବା ଡ୍ୟୁଟି ଚାପ ଦେଶରେ ରେଳ ଦୁର୍ଘଟଣାର ବିପଦ ବଢାଉଛି।

ସଂଘ କହିଛି ଯେ ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରେଳବାଇରେ ମଧ୍ୟ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ। ଭାରତୀୟ ରେଳରେ ପେଣ୍ଡିଂ ଲୋକୋ ପାଇଲଟଙ୍କ ନିଯୁକ୍ତି ଓ ଶ୍ରମ ସଂସ୍କାରରେ ବିଳମ୍ବ କାରଣରୁ ଦୀର୍ଘ ସମୟ ହେଲା ଲୋକୋ ପାଇଲଟ ଅସନ୍ତୁଷ୍ଟ ଅଛନ୍ତି। ଏଣୁ ସେମାନେ ଇଣ୍ଡିଗୋ ଏୟାରଲାଇନ୍ସ ସଂକଟରୁ ଶିକ୍ଷା ନେବା ପାଇଁ ରେଳବାଇ ପ୍ରଶାସନଙ୍କୁ ଚେତାଇ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆକାଶରେ ହେଉ କି ରେଳ ଧାରଣା ରେ ଥକିଯାଇଥିବା କ୍ରୁ ଯାତ୍ରୀ ସୁରକ୍ଷାକୁ ବିପଦରେ ପକାଇ ପାରନ୍ତି। ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ରେଳବାଇକୁ ଦେଇଥିବା ଦାବି ପତ୍ରରେ କହିଛି ଯେ ଦୀର୍ଘ ସମୟରୁ ଲମ୍ବିତ କ୍ରୁ ପ୍ରବନ୍ଧନରେ ସଂସ୍କାର, ଅଣ ବୈଜ୍ଞାନିକ ରୋଷ୍ଟର ଓ ଥକାଇ ଦେଉଥିବା ଡ୍ୟୁଟି ନା କେବଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ବରଂ ସୁରକ୍ଷା ମାନକଗୁଡିକୁ ମଧ୍ୟ ଦୁର୍ବଳ କରୁଛି।

ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ପି.ଏନ.ସୋମନ ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେ ରେଳବାଇକୁ ଏଭିଏସନ ସଙ୍କଟରୁ ଶିକ୍ଷା ନେବା ଦରକାର। ସେ କହିଛନ୍ତି ଯେ ଏଭିଏସନ କ୍ଷେତ୍ର ତୁଳନାରେ ଟେକ୍ନୋଲୋଜି ଦୃଷ୍ଟିରୁ ରେଳବାଇ ବହୁତ ପଛରେ, ହେଲେ ରେଳବାଇ ଦୈନିକ ଲକ୍ଷଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦେଉଛି। ଏଥିରେ ଲୋକୋ ପାଇଲଟଙ୍କ ସତର୍କତା ଅତ୍ୟନ୍ତ ଜରୁରି। ଭାରତୀୟରେଳରେ ସ୍ୱୀକୃତି ଲୋକୋ ପାଇଲଟଙ୍କ ସଂଖ୍ୟା ୧.୪୭ ଲକ୍ଷ। ହେଲେ ବର୍ତ୍ତମାନ ୧.୧୫ ଲକ୍ଷ ଲୋକୋ ପାଇଲଟ ଏହି କାମ ତୁଲାଉଛନ୍ତି। ଅର୍ଥାତ ୩୦ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ତେବେ ରେଳବାଇ ନିକଟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ତେବେ ଏହା ପୂରଣ ହେବାକୁ ବେଶ୍ ସମୟ ଲାଗିବ ବୋଲି କୁହାଯାଉଛି।





## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧିପାଇବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଖର୍ଚ୍ଚ ବଢ଼ିପାରେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରନ୍ତୁ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାନ ଧର୍ମ କରିବେ।

## ଆଜିର ଐତିହ୍ୟ

- ୧୮୭୮-ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଜନ୍ମ।
- ୧୮୯୮- ପ୍ୟାରିସ୍ ସନ୍ଧି ପରେ ସ୍ପେନ୍-ଆମେରିକା ଯୁଦ୍ଧ ସମାପ୍ତ ହୋଇଥିଲା।
- ୧୯୦୨- ତାସ୍‌ମାନିଆରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୫୦-ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଘୋଷିତ।
- ୧୯୯୨-ଦେଶର ପ୍ରଥମ ହୋବରକ୍ରାଫ୍ଟ ସେବା ଗୁଜରାଟରେ ଆରମ୍ଭ ହେଲା।
- ୨୦୦୧-ଭାରତୀୟ ଅଭିନେତା ଅଶୋକ କୁମାରଙ୍କ ନିଧନ।

# ମାନବାଧିକାର ଦିବସ



ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଭାବେ ପାଳନ ହୋଇ ଆସୁଛି। ପ୍ରତ୍ୟେକ ମଣିଷ କିଛି ଅଧିକାର ନେଇ ଏସଂସାରରେ ଜନ୍ମଲାଭ କରିଥାଏ। ତାହାହିଁ ପ୍ରକୃତରେ ତାର ଜନ୍ମଗତ ବା ମାନବିକ ଅଧିକାର। ବ୍ୟକ୍ତିର ଜୀବନ, ସ୍ୱାଧୀନତା, ସମାନତା ଏବଂ ସମ୍ମାନର ଅଧିକାର ମାନବାଧିକାର ଅଧୀନରେ ଆସେ, କିନ୍ତୁ ଅଧିକାଂଶ ଲୋକ ଏହି ଅଧିକାର ବିଷୟରେ ଭଲ ଭାବରେ ଜାଣନ୍ତି ନାହିଁ। ସେମାନଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଇବା ପାଇଁ ମାନବାଧିକାର ଦିବସ ପାଳନ ହୋଇଥାଏ। ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ର ସଂଘର ସାଧାରଣ ଅଧିବେଶନରେ 'ସାର୍ବଜନୀନ ମାନବାଧିକାର ଘୋଷଣାନାମା'କୁ ସ୍ଥାନିତ କରିବା ସହ ସ୍ୱୀକୃତି ଦିଆଗଲା। ଉକ୍ତ ଘୋଷଣାନାମାର ଫଳସ୍ୱରୂପ ବିଶ୍ୱବାସୀ ବାକ୍ ସ୍ୱାଧୀନତା, ଭୟମୁକ୍ତ ଜୀବନ ସହ ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ ମୂଲ୍ୟବାନ୍ ମାନବ ସପକ୍ଷବାଦୀ ଅଧିକାର ଉପଭୋଗ କରିବାକୁ ସକ୍ଷମ ହେଲେ। ସେହି ସ୍ମୃତିରେ ପ୍ରତିବର୍ଷ ମାନବାଧିକାର ଦିବସ ପାଳନ କରାଯାଉଛି। ମାନବ ଅଧିକାର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱର ସମସ୍ତ ଲୋକ ନିଜକୁ ନିରାପଦ ଅନୁଭବ କରିବେ ଏବଂ ଭେଦଭାବ ବିନା ମୁକ୍ତ ଜୀବନ ବିତାଇପାରିବେ। ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ୍ ପରିବ୍ୟାପ୍ତ ହୋଇଛି। ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ପରିବେଶ ଭଳି କ୍ଷେତ୍ରରେ ମାନବାଧିକାର ଉପରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ମଧ୍ୟ ମାନବାଧିକାର ଉଲ୍ଲଂଘନ କମୁନାହିଁ। ଜାଣତରେ ହେଉ ବା ଅଜାଣତରେ ମାନବାଧିକାରର ଉଲ୍ଲଂଘନ ହେଉଛି। କୋଟି କୋଟି ଶିଶୁ ଅବହେଳାର ଶିକାର ହେଉଛନ୍ତି। ଆଜି ବି ମାନବ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ସାମାଜିକ ଏବଂ ଅର୍ଥନୈତିକ ଅସମାନତାର ଶିକାର ହେଉଛି। ତେଣୁ ଏନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଅନେକ କ୍ଷେତ୍ରରେ ଏଥିପାଇଁ ଲୋକଙ୍କୁ ନ୍ୟାୟ ମିଳିପାରୁଥିବାବେଳେ ଅନେକଙ୍କୁ ଏଥିରେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି।

ଭାରତରେ ମାନବାଧିକାର ଆଇନ ୨୮ ଡିସେମ୍ବର, ୧୯୯୩ ମସିହାରେ ପାରିତ ହୋଇଥିଲା। ଏହାପରେ ଭାରତ ସରକାର ୧୨ ଅକ୍ଟୋବର, ୧୯୯୩ ମସିହାରେ ମାନବାଧିକାର ଆୟୋଗ ଗଠନ କରିଥିଲେ। ଏହି ଆୟୋଗ ଏବେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ କ୍ଷେତ୍ରରେ କାମ କରୁଛି। ଯେମିତିକି ଶ୍ରମ, ଏଚ୍‌ଆଇଭି, ବାଲ୍ୟ ବିବାହ, ମହିଳା ଅଧିକାର ଭଳି ସମସ୍ୟା ବେଳେ ମାନବାଧିକାର ଆୟୋଗ ଲୋକଙ୍କ ପାଖରେ ଠିଆ ହେଉଛି। ଏହି ଦିବସ ଅବସରରେ ବିଭିନ୍ନ ପ୍ରକାର କର୍ମଶାଳା, ବୈଠକ ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଇ ମାନବାଧିକାର ଉପରେ ଚର୍ଚ୍ଚା କରାଯାଏ।

# ଯଶଙ୍କୁ ଟକ୍କର ଦେବେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ରିଲିଜ୍ ହେବା ପରେ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଛି। ପାର୍ଟ ୧ର ସଫଳତା ପରେ ଦର୍ଶକେ ଏବେ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ଦ୍ୱିତୀୟ ପାର୍ଟର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। ଏହାର ଦ୍ୱିତୀୟ ପାର୍ଟ ପ୍ରଥମ ପାର୍ଟ ରିଲିଜ୍‌ର ତିନି ମାସ ପରେ ଆସିବ। 'ଧୁରନ୍ଧର' ପାର୍ଟ ୨ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ୍ୟ ସେହିଦିନ ରିଲିଜ୍ ହେବ। ଯଶ୍ ଏତେଦିନ ପରେ 'ଟକ୍ସିକ୍' ମାଧ୍ୟମରେ ପରଦାକୁ ଫେରୁଥିବାରୁ ଏହି ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ସବୁଠୁ ବଡ଼ କଥା ହେଲା, ଉଭୟ ଫିଲ୍ମରେ ଦମ୍‌ଦାର ଆକ୍ସନ୍ ସିନ୍ ରହିଛି। ଯଦି ଦୁଇଟି ଯାକ ଫିଲ୍ମ ଏକାଦିନରେ ରିଲିଜ୍ ହେଉଛି ତେବେ ସିଧାସିଧି ରଣବୀର ଓ ଯଶ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ବକ୍ସ ଅଫିସ୍‌ରେ ବାଜି କିଏ ମାରିବ ତାହା ଦେଖିବାକୁ ବାକି ରହିଲା। ଅପରପକ୍ଷରେ 'ଧୁରନ୍ଧର'ରେ ରଣବୀରଙ୍କ ସହ ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍. ମାଧବନ୍ ପ୍ରମୁଖ ନଜର ଆସିଛନ୍ତି। ଏହା ଓପନିଂ ଡେରେ ୨୭ କୋଟି ଆୟ କରିଛି। ରଣବୀରଙ୍କ କ୍ୟାରିୟରର ଏହା ସବୁଠୁ ବଡ଼ ଓପନିଂ ବୋଲି କୁହାଯାଉଛି।





# ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର

ବିବାହବେଳେ ବରବଧୂଙ୍କୁ ପରିବାର ଲୋକେ ଓ ବନ୍ଧୁବାନ୍ଧବ ଉପହାର ପ୍ରଦାନ କରିଥାନ୍ତି। ରାଜସ୍ଥାନର କୁଚାମନ ସହରରେ ଏକ ବିବାହ ସମୟରେ ଅଜବ ଘଟଣା ଦେଖିବାକୁ ମିଳିଛି। ଏଠାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ହେଲ୍‌ମେଟ୍ ପ୍ରଦାନ କରାଯାଇଛି। ସଡ଼କ ଦୁର୍ଘଟଣା ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଲୋକଙ୍କୁ ହେଲ୍‌ମେଟ୍ ପିନ୍ଧିବାକୁ ସଚେତନ କରିବା ଉଦ୍ଦେଶ୍ୟରେ କନ୍ୟା ପିତା ଏଭଳି ଏକ ପ୍ରୟାସ କରିଛନ୍ତି। ସେ ୨୮୬ ଜଣ ବରଯାତ୍ରୀଙ୍କୁ 'ଜାନ୍‌ଝୁୱାରି' ପରମ୍ପରା ଅନୁସାରେ ଗୋଟିଏ ଲେଖାଁଏ ହେଲ୍‌ମେଟ୍ ପ୍ରଦାନ କରିଛନ୍ତି। ରାଜସ୍ଥାନରେ 'ଜାନଝୁୱାରି' ପରମ୍ପରା ଅନୁସାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ଉପହାର ଦେବାର ପରମ୍ପରା ରହିଛି। ତେବେ ପଟୱାରି କି କୋଠି ଅଞ୍ଚଳରର ମନୋଜ ବରୱାଲଙ୍କ ଝିଅ ସୋନୁ ଏବଂ ଯଶ୍ ବେଦୱାଲଙ୍କ ବିବାହ ସମୟରେ କନିଆ ଘର ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ବରପକ୍ଷ ସହମତି ଜଣାଇଥିଲେ। ବର ଓ କନିଆଙ୍କ ବରଣମାଳା ପରେ କନ୍ୟାପିତା ମନୋଜ କୁମାର ମଞ୍ଚରେ ପ୍ରଥମେ ନିଜ ଜ୍ୱାଇଁଙ୍କୁ ହେଲମେଟ୍ ଦେଇଥିଲେ। ଏହାପରେ ସମସ୍ତ ବରଯାତ୍ରୀ ମଞ୍ଚ ଉପରେ ଜଣକ ପରେ ଜଣେ ହେଲମେଟ୍ ଉପହାର ସ୍ୱରୂପ ନେଇଥିଲେ। ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ୁଥିବାବେଳେ ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚାଳନା କଲେ ଜୀବନ ରକ୍ଷା କରାଯାଇପାରିବ। ଏହି କଥାକୁ ହୃଦୟଙ୍ଗମ ଏପରି ଏକ ଭବ୍ୟ ଆୟୋଜନ କରିଥିବା କନିଆଙ୍କ ଜେଜେବାପା ରାମକରଣ କୁମାୱତ୍ କୁହନ୍ତି। କେବଳ ସେତିକି ନୁହେଁ, ସମସ୍ତ ଅତିଥିଙ୍କୁ ରାମକରଣ 'ସଡ଼କ ସୁରକ୍ଷା ଶପଥ' ମଧ୍ୟ କରାଇଥିଲେ। ରାମକରଣ କହିଥିଲେ ଯେ, 'ଯଦି ଏହି ହେଲ୍‌ମେଟ୍ କାହାର ଜୀବନ ବଞ୍ଚାଇ ପାରିବ ତେବେ ଆମର ପ୍ରୟାସ ସଫଳ ହେବ।' ହେଲ୍‌ମେଟ୍ ବାଣ୍ଟିବାରେ ସାହାଯ୍ୟ କରିଥିବା ସନ୍ଥ ବିଳାସୀ ଦାସ ବାଘୀ ମହାତ୍ମା ଭାଗବାନ ଦାସ ମହାରାଜ ଏହାକୁ ସୁରକ୍ଷା ଦିଗରେ ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି। ତେବେ ଏହି ହେଲ୍‌ମେଟ୍ ବଣ୍ଟନ କେବଳ ଏକ ଉପହାର ନୁହେଁ, ଏହା ସମାଜ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି ସେ କହିଛନ୍ତି। ସେହିପରି କନିଆର ଭଉଣୀ ହେମଲତା କୁମାୱତ କହିଛନ୍ତି, ଆମେ ଭିନ୍ନ ଉପାୟରେ ଉପହାର ଦେବାକୁ ଭାବିଥିଲୁ। ତେବେ କନିଆ ଘର ପକ୍ଷରୁ ନିଆଯାଇଥିବା ଏଭଳି ନିଆରା ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

# ବଢ଼ୁଛି 'ଫନ୍ ଜବ୍'ର ଚାହିଦା



**ଗୋଟେ ସମୟ ଥିଲା ଲୋକଙ୍କ ପାଖରେ ଚାକିରିର ଅଧିକ ବିକଳ୍ପ ନଥିଲା। ମୁଖ୍ୟତଃ ଇଞ୍ଜିନିୟର, ଡାକ୍ତର, ଶିକ୍ଷକ ଆଦି କ୍ୟାରିୟର ବିକଳ୍ପ ବାଛିବାକୁ ପଡୁଥିଲା। ବର୍ତ୍ତମାନ ସମୟ ବଦଳିବା ସହିତ କ୍ୟାରିୟର ବିକଳ୍ପ ମଧ୍ୟ ବଦଳିଛି। ଏବେ ଫନ୍ ଜବ୍ ବା ମଜାଦାର ଚାକିରିର ଚାହିଦା ବଢ଼ିବାରେ ଲାଗିଛି।**

**ପ୍ରଫେସନାଲ ଟ୍ରାଭେଲ ବ୍ଲଗର୍:** ଏବର ସମୟର ଏହା ହେଉଛି ଏକ ମଜାଦାର ଚାକିରି। ବିଭିନ୍ନ ସ୍ଥାନ ବୁଲିବା ସହ ସେସମ୍ପର୍କରେ ଭିଡିଓ ତଥା ଲେଖା ମାଧ୍ୟମରେ ଲୋକଙ୍କୁ ଜଣାଇବାକୁ ହୋଇଥାଏ। ଏଥିରେ ଫ୍ରି ଟିପ୍ସ, ଲଗଜୁରି ହୋଟେଲରେ ରହିବା, ବିଭିନ୍ନ ସଂସ୍କୃତି ସମ୍ବନ୍ଧରେ ଜାଣିବାର ସୁଯୋଗ ଜୁଟେ। ଟ୍ରାଭେଲ ବ୍ଲଗର୍‌ଙ୍କ ମୁଖ୍ୟ କାମ ହେଉଛି ଯାତ୍ରା କରିବା, କଣ୍ଟେଣ୍ଟ ପ୍ରସ୍ତୁତ କରିବା (ଫଟୋ/ଭିଡିଓ) ଏବଂ ଏହାକୁ ବ୍ଲଗ୍ ତଥା ସୋସିଆଲ ମିଡିଆରେ ପୋଷ୍ଟ କରିବା।

**ଭିଡିଓ ଗେମ୍ ଟେଷ୍ଟର:** ଗେମ୍ ଖେଳିବାକୁ ପସନ୍ଦ ଥିଲେ, ଏହା ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ। ଭିଡିଓ ଗେମ୍ ଟେଷ୍ଟରର କାମ କୌଣସି ଗେମ୍ ଲଞ୍ଚ ପୂର୍ବରୁ ସେହି ନୂଆ ଗେମ୍ ଖେଳିବା। ଏଥିରେ ଥିବା ଟେକ୍ନିକାଲ ତ୍ରୁଟି ଖୋଜିବା। ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଗେମ୍ ଖେଳି ଏକଥା ସୁନିଶ୍ଚିତ କରିବାକୁ ହୋଇଥାଏ ଯେ, ବ୍ୟବହାରକାରୀଙ୍କ ପାଇଁ ଯେମିତି ଏହା ଉପଯୋଗୀ ହେବ। ଏହି ପ୍ରକାରେ ଭିଡିଓ ଗେମ୍ ଟେଷ୍ଟର୍‌ଙ୍କୁ ଗେମ୍‌ର ପ୍ରତ୍ୟେକ ଲେଭ୍‌ଲକୁ ଖେଳି ଭଲ ଆୟ କରିଥାନ୍ତି।

**ଆଡଭେଞ୍ଚର ଟୁର୍ ଗାଇଡ୍:** ପାହାଡ଼, ନଦୀ, ଜଙ୍ଗଲରେ ଦୁଃସାହସିକ କାର୍ଯ୍ୟ କରିବାକୁ ପସନ୍ଦ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଏକ ସୁନ୍ଦର କ୍ୟାରିୟର। ଏହି କାମରେ ଟ୍ରେକିଂ, ରାଫଟିଂ, ପର୍ବତାରୋହଣ, ଜଙ୍ଗଲ ସଫାରି ଭଳି କାର୍ଯ୍ୟକଳାପ ପାଇଁ ଗ୍ରୁପ୍‌କୁ ଗାଇଡ୍ କରିବା ହୋଇଥାଏ। ତେବେ ଆଡଭେଞ୍ଚର ଟୁର୍ ଗାଇଡ୍‌ଙ୍କୁ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରି ରୋମାଞ୍ଚକ ଅନୁଭବ ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ।

**ପ୍ରଫେସନାଲ ପେଟ୍ ସିଟର:** ପ୍ରାଣୀଙ୍କ ପ୍ରତି ଭଲପାଇବା ତଥା ପ୍ରାଣୀ ପ୍ରେମୀଙ୍କ ପାଇଁ ମଧ୍ୟ ଏହା ଏକ ସୁନ୍ଦର କ୍ୟାରିୟର ବିକଳ୍ପ। ବର୍ତ୍ତମାନ ପୋଷା ପ୍ରାଣୀଙ୍କ ଦେଖାଶୁଣା କରିବା (ପେଟ୍ ସିଟିଂ) ଏବଂ ବୁଲାଇବାକୁ ନେବା(ଡଗ୍ ୱାକିଂ) ଲୋକଙ୍କର ଚାହିଦା ବେଶି। ଏହି କାମରେ ପୋଷା ବିଲେଇ କୁକୁର ଭଳି ପ୍ରାଣୀଙ୍କ ସହିତ ଖେଳିବା, ବୁଲାଇବାକୁ ନେବା ଏବଂ ଦେଖାଶୁଣା କରିବା କାମ ସାମିଲ ଅଛି। ଏହାକୁ ଏକ ଆରାମଦାୟକ ଏବଂ ସନ୍ତୁଷ୍ଟି ପ୍ରଦାନ କରୁଥିବା ଚାକିରି ବୋଲି କୁହାଯାଉଛି।

# ସମ୍ଭାବନା




## ସହଜ ନୁହେଁ ଷ୍ଟ୍ରିମ୍ ଚୟନ



**ଦଶମ ପରେ ପ୍ରତ୍ୟେକ ଛାତ୍ରଛାତ୍ରୀ କେଉଁ ଷ୍ଟ୍ରିମ୍ ବା ବିଭାଗରେ ପଢ଼ିବେ, ତାହାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି। ବିଜ୍ଞାନ, କଳା କିମ୍ବା ବାଣିଜ୍ୟ କେବଳ ପାଠପଢ଼ାର ନୁହେଁ, ବରଂ କ୍ୟାରିୟରର ଦିଗ ନିରୁପଣ କରେ। ତେଣୁ ଷ୍ଟ୍ରିମ୍‌ର ଚୟନ ତରବରିଆ ଭାବେ କରିବା ଅନୁଚିତ।**

ଠିକ୍ ଷ୍ଟ୍ରିମ ବାଛିବା ଦ୍ୱାରା ପଢ଼ା ପ୍ରତି ରୁଚି ବଢ଼େ ଏବଂ କ୍ୟାରିୟରର ଦିଗ ସ୍ପଷ୍ଟ ହୁଏ। ସାଙ୍ଗସାଥୀ ତଥା ପରିବାର ଚାପରେ ଷ୍ଟ୍ରିମ୍ ବାଛିବା ମଧ୍ୟ ଭଲ ନୁହେଁ। ପଢ଼ା ପାଇଁ ଯେଉଁ ଷ୍ଟ୍ରିମ୍ ପସନ୍ଦ, ସେହି ବିଷୟ ବାଛନ୍ତୁ। ଏହା ଦ୍ୱାରା ଭଲ ମାର୍କ ମଧ୍ୟ ଆସିଥାଏ। ତେଣୁ ପସନ୍ଦ ଏବଂ ପ୍ରଦର୍ଶନ ଉଭୟ ଷ୍ଟ୍ରିମ୍ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଷ୍ଟ୍ରିମ୍ ଚୟନ ସବୁବେଳେ କ୍ୟାରିୟର ଲକ୍ଷ୍ୟ ଉପରେ ଆଧାରିତ ହେବା ଦରକାର। ଇଞ୍ଜିନିୟରିଂ କିମ୍ବା ମେଡିକାଲ ପାଇଁ ସାଇନ୍ସ, ମ୍ୟାନେଜମେଣ୍ଟ ଏବଂ ବ୍ୟାଙ୍କିଂ ପାଇଁ କମର୍ସ ଏବଂ ସାମ୍ବାଦିକତା ତଥା ଓକିଲାତି ପାଇଁ ଆର୍ଟସ ହେଉଛି ଉତ୍ତମ ବିକଳ୍ପ। ସେହିପରି ଗଣିତ ଓ ବିଜ୍ଞାନରେ ରୁଚି ଥିଲେ ସାଇନ୍ସ, ବିଜନେସ୍ ଏବଂ ଫାଇନାନ୍ସରେ ଆଗ୍ରହ ଥିଲେ କମର୍ସ ଏବଂ କ୍ରିଏଟିଭ୍ କ୍ଷେତ୍ର ପସନ୍ଦ ଥିଲେ ଆର୍ଟସ ବାଛିବା ଭଲ। ଯଦି ଷ୍ଟ୍ରିମ୍ ବାଛିବାରେ ସମସ୍ୟା ହେଉଛି କ୍ୟାରିୟର କାଉନସିଲରଙ୍କ ସାହାଯ୍ୟ ନେବା ଉତ୍ତମ ବିଚାର। ସେମାନେ ଜଣଙ୍କ ରୁଚି, ଲକ୍ଷ୍ୟ ଏବଂ କ୍ଷମତା ଆଧାରରେ ମାର୍ଗଦର୍ଶନ କରାଇଥାନ୍ତି। ପଢ଼ାକୁ ନେଇ ଶିକ୍ଷକ ଓ ପରିବାର ସଦସ୍ୟଙ୍କ ସହିତ ଖୋଲାଖୋଲି ଆଲୋଚନା କରନ୍ତୁ। ଆଜିର ସମୟରେ ଅନେକ ଅନଲାଇନ୍ ପ୍ଲାଟଫର୍ମ ମଧ୍ୟ ଉପଲବ୍ଧ ଅଛି। ଏହା ମାଧ୍ୟମରେ କ୍ୟାରିୟର ଆପ୍ଟିଚ୍ୟୁଡ୍ ଟେଷ୍ଟ ଚୟନ କରିପାରିବେ। ଅନ୍ୟପଟେ ଷ୍ଟ୍ରିମ୍ ବାଛିବା ବେଳେ ଚାପ କିମ୍ବା ଟ୍ରେଣ୍ଡକୁ ଦେଖିବା ଅନୁଚିତ। ସବୁବେଳେ ନିଜ ରୁଚି ଏବଂ କ୍ୟାରିୟର ଲକ୍ଷ୍ୟ ଆଧାରରେ ଷ୍ଟ୍ରିମ୍ ବାଛିଲେ ଭବିଷ୍ୟତ ଉଜ୍ଜ୍ୱଳ ହୁଏ।

# ହ୍ୱାଟ୍ସଆପର ନୂଆ ଅପଡେଟ୍



**ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଉପଯୋଗୀ ଫିଚର୍ ଆଣିଛି। ଏବେ କଲ୍ ରିସିଭ୍ ନ କରିପାରିଲେ ସିଧା କଲ୍ ସ୍କ୍ରିନ୍‌ରୁ ଭଏସ୍ ମେସେଜ ତଥା ଭିଡିଓ ମେସେଜ ପଠାଇ ହେବ। ଅବଶ୍ୟ ଏହି ସୁବିଧା ଏବେ ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ଅଛି। ଯାହାକୁ ଶୀଘ୍ର ଅନ୍ୟ ଡିଭାଇସ୍ ପାଇଁ ଉପଲବ୍ଧ କରାଯିବ।**

ଭଏସ୍ କଲ୍ ନ ଉଠାଇଲେ ହ୍ୱାଟ୍ସଆପ୍ ଏବେ ରେକର୍ଡ ଭଏସ୍ ମେସେଜର ବିକଳ୍ପ ଦେଖାଇବ। ଏହିଠାରୁ ଏକ ଛୋଟ ଅଡିଓ ରେକର୍ଡ କରି ହେବ। ଯାହାକି ମିସଡ୍ କଲ୍ ନୋଟିଫିକେସନ ସହିତ ଚାଟ୍‌ରେ ପଠାଇବା ସମ୍ଭବ। କୌଣସି ଜରୁରି କଥା ପାଇଁ ଏହି ଫିଚର୍ ଉପଯୋଗୀ ହେବା କୁହାଯାଉଛି। ସେହିପରି ଭିଡିଓ କଲ୍ ପାଇଁ ହ୍ୱାଟ୍ସଆପ୍ ଏହି ସୁବିଧାକୁ ସାମିଲ କରିଛି। କେହି ଭିଡିଓ କଲ୍ ନ ଉଠାଇଲେ, ତୁରନ୍ତ ଛୋଟ ଭିଡିଓ ମେସେଜ ରେକର୍ଡ କରି ପଠାଇପାରିବେ। ଏହା ମାଧ୍ୟମରେ କେବଳ ମିସ୍ କଲ୍ ଦେଖିବା ପରିବର୍ତ୍ତେ ରିସିଭରଙ୍କୁ ଏକ ଭିଜୁଆଲ ମେସେଜ ମିଳିଥାଏ ଯେ, ଜଣେ କଲ୍ କାହିଁକି କରିଛି। ଅନ୍ୟପଟେ ହ୍ୱାଟ୍ସଆପ୍ କଲ୍ ଟ୍ୟାବ୍ ଡିଜାଇନକୁ ମଧ୍ୟ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏହାବାଦ୍ ଏଥିରେ କଲ୍ ସିଡ୍ୟୁଲିଂ ଫିଚର୍ ମଧ୍ୟ ଯୋଡ଼ିଛି।

# କେମିତି ବଢ଼ିବ ଆତ୍ମବିଶ୍ୱାସ

ପ୍ରତ୍ୟେକଙ୍କଠାରେ ଆତ୍ମବିଶ୍ୱାସ ରହିବା ଖୁବ୍ ଜରୁରି। ନିଜ ଭିତରେ ଆତ୍ମବିଶ୍ୱାସ ରହିଲେ, ସମସ୍ତ କାମ ସହଜରେ ହେବା ସହ ସଫଳତା ମିଳିଥାଏ।



- ନିଜକୁ ସହଜ ଲାଗୁଥିବା ସ୍ଥାନରେ ନ ରହି ସମସ୍ୟାପୂର୍ଣ୍ଣ ସ୍ଥାନ ସହ ନିଜକୁ ସାମିଲ କରନ୍ତୁ।
- ଅନ୍ୟଠୁ ମିଳୁଥିବା ପ୍ରୋତ୍ସାହନ ଓ ସକାରାତ୍ମକ ଶକ୍ତି ହିଁ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ।
- ନିଜର ଉପଲବ୍ଧିକୁ ସ୍ୱୀକାର କରନ୍ତୁ ଏବଂ ନିଜ ଭୁଲରୁ ଶିକ୍ଷା ଲାଭ କରିବା ଉଚିତ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ଭାଗରେ ବାଣ୍ଟନ୍ତୁ। ଏଭଳି ଭାବେ ଛୋଟ ପର୍ଯ୍ୟାୟକୁ ପୂରା କରିବା ଦ୍ୱାରା କ୍ଷମତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଅନ୍ୟ ସହିତ ଆଖିରେ ଆଖି ମିଶାଇ କଥା କହିଲେ ଆତ୍ମବିଶ୍ୱାସ ପ୍ରତିଫଳିତ ହୁଏ।




## ବାରବାଟୀ ଟି-୨୦ରେ ହାର୍ଦ୍ଦିକଙ୍କ ଅର୍ଦ୍ଧଶତକ

# ଦକ୍ଷିଣ ଆଫ୍ରିକାର ପରାଜୟ

କଟକ, ୯।୧୨(ସମିସ):

ହାର୍ଦ୍ଦିକ ପାଣ୍ଡ୍ୟା (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଅପରାଜିତ ଅର୍ଦ୍ଧଶତକ ଓ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍‌ର ନାଲିମାଟି ପିଚ୍‌ରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ନେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ବାରବାଟୀରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ଧାରାରୁ ମୁକୁଳିଛି। ଏଠାରେ ପୂର୍ବରୁ ଉଭୟ ଦଳ ପରସ୍ପର ସହ ୨ଟି ମ୍ୟାଚ୍ ଖେଳିଥିଲାବେଳେ ଉଭୟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ତୃତୀୟ ମୁକାବିଲାରେ ଭାରତ ବିଜୟୀ ହୋଇ ଏହି ଧାରାରେ ବ୍ରେକ୍ ଲଗାଇଛି। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ମୋହଲିର ମୁଲାନପୁରଠାରେ ଡିସେମ୍ବର ୧୧ ତାରିଖ ବା ଗୁରୁବାର ଖେଳାଯିବ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାର୍କରାମ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଓଭରରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆହତ ସମସ୍ୟାରୁ ଫେରିବା ପରେ ଉପଅଧିନାୟକ ଗିଲ ସମ୍ମୁଖୀନ ହୋଇଥିବା ଦ୍ୱିତୀୟ ବଲ୍‌ରେ ୪ ରନ୍ କରି ଆଉଟ ହୋଇଥିଲେ। ଚତୁର୍ଥ ଓଭରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧ ବଲ୍‌ରୁ ୧୨ ଓ ୭ମ ଓଭରରେ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୧୭ ରନ୍ କରି ପାଭିଲିୟନ ଫେରିଥିଲେ। ଦଳ କ୍ରମାଗତ ୱିକେଟ ହରାଇବା ଫଳରେ ରନ୍ ହାର କମିଯାଇଥିଲା। ନଂ-୪ରେ ଖେଳୁଥିବା ତିଲକ ବର୍ମା ୩୨ ବଲ୍‌ରୁ ୨୬, ନଂ-୫ ବ୍ୟାଟର ଅକ୍ଷର ପଟେଲ ୨୧ ବଲ୍‌ରୁ ୨୩, ଶିବମ ଦୁବେ ୯ ବଲ୍‌ରୁ ୧୧ ରନ୍ କରି ଆଉଟ ହୋଇଥିଲେ। ୪୮ ରନ୍‌ରେ ୩ଟି ୱିକେଟ ହରାଇଥିବା ଭାରତ ଏମାନଙ୍କ ପ୍ରଦର୍ଶନ ଯୋଗୁ ୧୦୦ ରନ୍ ଅତିକ୍ରମ କରିଥିଲା। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚତୁର ବ୍ୟାଟିଂ ଯୋଗୁ ଦଳ ଦେଢ଼ଶ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ପାଣ୍ଡ୍ୟା ୨୮ ଟି ବଲ୍ ଖେଳି ୬ ଚୌକା ଓ ୪ଛକା ସହାୟତାରେ ୫୯ ରନ୍ କରି ଅପରାଜିତ ରହିଥିଲେ। ତାଙ୍କ ସହ ଜିତେଶ ଶର୍ମା ମଧ୍ୟ ୫ଟି ବଲ୍‌ରୁ ୧୦ ରନ୍‌ରେ ସାଥ୍ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନ୍‌ସେନ ୪ ଓଭରରେ ୨୩ ରନ୍ କୌଣସି ୱିକେଟ ପାଇ ନ ଥିଲେ। ଲୁନ୍‌ଗି ଏନ୍‌ଗିଡି ୩୧ ରନ୍‌ରେ ୩ଟି, ଲୁଥୋ ସିପମ୍ଲା ୩୮ ରନ୍‌ରେ ୨ଟି ୱିକେଟ ନେଇଥିଲେ।

### ଗିଲ୍ ୨ଟି, ସୂର୍ଯ୍ୟ ୧୧ଟି ବଲ୍ ଖେଳିଲେ

ଆଘାତ ସମସ୍ୟା ପରେ ଫିଟ୍ ହୋଇଥିବା ଉପଅଧିନାୟକ ଶୁବମନ ଗିଲ୍ କୌଣସି ମ୍ୟାଚ୍ ନ ଖେଳି ଭାରତୀୟ ଦଳରେ ସାମିଲ ହୋଇଥିଲେ। କିନ୍ତୁ ସେ ମାତ୍ର ୨ଟି ବଲ୍ ଖେଳିବାକୁ ସମର୍ଥ ହୋଇ ୪ ରନ୍ କରିଥିଲେ। ସେହିପରି ନଂ-୩ରେ ଖେଳିବାକୁ ଆସିଥିବା ସୂର୍ଯ୍ୟକୁମାର ଯାଦବ ୧୧ଟି ବଲ୍ ଖେଳି ୧ ଚୌକା ଓ ୧ ଛକା ସହ ୧୨ ରନ୍ କରିପାରିଥିଲେ।

### ସ୍କୋର ବୋର୍ଡ

ଭାରତ ଇନିଂସ:୧୭୫/୬, ୨୦ ଓଭର (ଅଭିଷେକ ଶର୍ମା-କ୍ୟା.ୟାନ୍‌ସେନ୍, ବୋ.ସିପମ୍ଲା-୧୭, ଶୁବମନ ଗିଲ୍-କ୍ୟା.ୟାନ୍‌ସେନ୍, ବୋ.ଏନ୍‌ଗିଡି-୪, ସୂର୍ଯ୍ୟକୁମାର ଯାଦବ-କ୍ୟା.ମାରକ୍ରମ, ବୋ.ଏନ୍‌ଗିଡି-୧୨, ତିଲକ ବର୍ମା-ୟାନ୍‌ସେନ୍, ବୋ.ଏନ୍‌ଗିଡି-୨୬, ଅକ୍ଷର ପଟେଲ-କ୍ୟା.ଫେରେଇରା, ବୋ.ସିପମ୍ଲା-୨୩, ହାର୍ଦ୍ଦିକ ପାଣ୍ଡ୍ୟା- ଅପରାଜିତ-୫୯, ଶିବମ ଦୁବେ-ବୋ. ଫେରେଇରା-୧୧, ଜିତେଶ ଶର୍ମା- ଅପରାଜିତ-୧୦, ଅତିରିକ୍ତ-୧୩।

ୱିକେଟ ପତନ: ୧/୫, ୨/୧୭, ୩/୪୮, ୪/୭୮, ୫/୧୦୪, ୬/୧୩୭।

ବୋଲିଂ ବିଶ୍ଳେଷଣ (ଦକ୍ଷିଣ ଆଫ୍ରିକା)- ଲୁନ୍‌ଗି ଏନ୍‌ଗିଡି: ୪-୦-୩୧-୩, ମାର୍କୋ ୟାନ୍‌ସେନ୍: ୪-୦-୨୩-୦, ଲୁଥୋ ସିପମ୍ଲା: ୪-୦-୩୮-୨, ଆନରିଚ୍ ନୋର୍ଜେ: ୪-୦-୪୧-୦, କେଶବ ମହାରାଜ: ୨-୦-୨୫-୦, ଡୋନୋଭାନ ଫେରେଇରା: ୨-୦-୧୩-୧।

**ଦକ୍ଷିଣ ଆଫ୍ରିକା: ୭୪/୧୦, ୧୨.୩ ଓଭର।**

### ସୁଯୋଗ ପାଇଲେନି ସଞ୍ଜୁ, ସୁନ୍ଦର

କଟକ, ୯।୧୨(ସମିସ): ବାରବାଟୀରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ରେ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ଭାରତର ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ହର୍ଷିତ ରାଣା। ଭାରତ ୨ଜଣ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ, ୨ଜଣ ପେସ୍ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ, ଜଣେ ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଜଣେ ସ୍ପେଶାଲିଷ୍ଟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ଆହତ ହେବା ପରେ ଫିଟ୍ ହୋଇଥିବା ପାଣ୍ଡ୍ୟା ଓ ଉପଅଧିନାୟକ ଶୁବମନ ଗିଲଙ୍କୁ ମଧ୍ୟ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିଛି। ଗିଲ୍‌ଙ୍କୁ ସାମିଲ କରାଯିବା ପରେ ୱିକେଟ ରକ୍ଷକ ଭାବେ ସଞ୍ଜୁଙ୍କ ପରିବର୍ତ୍ତେ ଦଳ ଜିତେଶ ଶର୍ମାଙ୍କୁ ଖେଳାଇଥିଲା। ଦକ୍ଷିଣ ଆଫ୍ରିକା ୪ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। ମାର୍କୋ ଜାନ୍‌ସେନ, ଲୁଥୋ ସିପାମ୍‌ଲା, ଲୁଙ୍ଗି ଏନ୍‌ଗିଡି ଓ ଆନରିଚ୍ ନୋର୍ଜେ ଫାଷ୍ଟ ବୋଲର ଭାବେ ଓ କେଶବ ମହାରାଜ ଏକମାତ୍ର ସ୍ପିନର, ଆଇଡେନ୍ ମାରକ୍ରମ କାମଚଳା ସ୍ପିନର ଭାବେ ଖେଳିଥିଲେ।

### ବାରବାଟୀ ଇତିହାସରେ ଯୋଡ଼ି ହେଲା ନାଲିମାଟି ପିଚ୍

ଐତିହାସିକ ବାରବାଟୀ ଷ୍ଟାଡିୟମର ୪୩ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଟି-୨୦ ମୁକାବିଲା ଏହି ଆଇକନିକ ଭେନ୍ୟୁରେ ଥିଲା୨୬ତମ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ଏଠାରେ ୩ଟି ଯାକ ଫର୍ମାଟରେ ଖେଳାଯାଇଥିବା ୨୫ଟି ଯାକ ମୁକାବିଲା ବ୍ଲାକ ସଏଲ୍ ଅର୍ଥାତ୍ 'କଳାମାଟି ପିଚ୍'ରେ ଖେଳାଯାଇଥିଲା। କିନ୍ତୁ ବାରବାଟୀ ଇତିହାସରେ ପ୍ରଥମଥର ଲାଗି ଏଥର ନାଲିମାଟି ପିଚ୍ ପ୍ରସ୍ତୁତ କରାଯାଇଥିଲା। ଷ୍ଟାଡିୟମ ଇତିହାସର ଏହି ପ୍ରଥମ ନାଲିମାଟିର ଏହି ପିଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

### ସୂର୍ଯ୍ୟଙ୍କ ବାମହାତ ପ୍ଲାନ ଫେଲ୍

୨୦୨୩ରୁ କ୍ରମାଗତ ୨୦ଟି ଦିନିକିଆରେ ଟସ୍ ହାରିବା ପରେ ଶେଷରେ ଭାରତ ଏହି ଧାରା ଭାଙ୍ଗିବାରେ ସଫଳ ହୋଇଥିଲା। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶାଖାପାଟଣାରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ଲୋକେଶ ରାହୁଲ ଟସ୍ ଜିତି ଏହି ପରାଜୟଧାରେ ରୋକ୍ ଲଗାଇଥିଲେ। ସବୁଠୁ ରୋଚକ କଥା ଥିଲା ରାହୁଲ ଚିରାଚରିତ ଡାହାଣହାତ ପରିବର୍ତ୍ତେ ବାମହାତରେ ଟସ୍ ପକାଇ ବିଜୟୀ ହୋଇଥିଲେ। ରାହୁଲଙ୍କ ଏହି 'ବାମହାତ ପ୍ଲାନ'କୁ ବାରବାଟୀରେ ପ୍ରୟୋଗ କରିବେ ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୋମବାର ସାମ୍ବାଦିକ ସମ୍ମିଳନୀରେ ମଜାରେ ମଜାରେ ସୂଚନା ଦେଇଥିଲେ। ମଙ୍ଗଳବାର ମ୍ୟାଚରେ ସୂର୍ଯ୍ୟ ରାହୁଲଙ୍କୁ କପି କରି ବାମହାତରେ ମଧ୍ୟ ଟସ୍ ପକାଇଥିଲେ। କିନ୍ତୁ ଭାଗ୍ୟ ସୂର୍ଯ୍ୟଙ୍କ ସାଥ୍ ଦେଇ ନ ଥିଲା। ଭାରତ ଟସ୍ ହାରିଥିଲା। ସୂର୍ଯ୍ୟଙ୍କ ଏହି ବାମହାତ ଫର୍ମୁଲା ଫେଲ୍ ମାରିବାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଛି।








### 'ମିସ୍ ୟୁ ହିଟ୍‌ମ୍ୟାନ'

କଟକ, ୯।୧୨ (ତୁଷାର ସେନାପତି): ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ବିନା ବାରବାଟୀରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଉଭୟ କୋହଲି ଓ ରୋହିତ ମଧ୍ୟ ନିକଟରେ ଶେଷ ହୋଇଥିବା ଦିନିକିଆ ସିରିଜରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। କିନ୍ତୁ ଟି-୨୦ ଫର୍ମାଟରୁ ଅବସର ନେଇସାରିଥିବାରୁ ଓଡ଼ିଶା କ୍ରିକେଟ୍‌ପ୍ରେମୀ ଏଥର ଦୁଇ କିମ୍ବଦନ୍ତୀ ଖେଳାଳିଙ୍କ ଖେଳ ଦେଖିବାରୁ ବଞ୍ଚିତ ହୋଇଥିଲେ। ଯାହା କ୍ରିକେଟ୍‌ପ୍ରେମୀଙ୍କୁ ବେଶ୍ ନିରାଶ କରିଥିଲା। ପ୍ରଶଂସକମାନେ ରୋହିତ୍ ଓ କୋହଲିଙ୍କ ଚିତ୍ର ଥିବା ପ୍ଲାକାର୍ଡ ଧରି ଉଭୟଙ୍କୁ ମିସ୍ କରୁଥିବା ନେଇ ସେମାନଙ୍କ ଅବେଶୋଷକୁ ପ୍ରକାଶ କରିଥିଲେ। ରାଉରକେଲା ଓ ଭୁବନେଶ୍ୱରରୁ ଆସିଥିବା କିଛି ପ୍ରଶଂସକ ରୋହିତଙ୍କ ଅନୁପସ୍ଥିତିକୁ ନେଇ 'ମିସ୍ ୟୁ ହିଟ୍‌ମ୍ୟାନ ୪୫' ଲେଖାଥିବା ପ୍ଲାକାର୍ଡ ଧରି ଷ୍ଟାଡିୟମକୁ ଆସିଥିଲେ। ୨୦୦୭ ଓ ୨୦୨୪ ଟି-୨୦ ବିଶ୍ୱକପ୍, ୨୦୧୩ ଓ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ରୋହିତ ୨୦୨୭ରେ ମଧ୍ୟ ଭାରତ ପାଇଁ ଦିନିକିଆ ବିଶ୍ୱକପ୍ ଜିତନ୍ତୁ ବୋଲି ସେମାନେ ବାର୍ତ୍ତା ଦେଇଥିଲେ।





## କାର୍ଲସେନ୍‌ଙ୍କୁ ହରାଇଲେ ଅର୍ଜୁନ

ଚେନ୍ନଇ, ୯।୧୨(ଏଜେନ୍ସି): ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ର ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବା ଲିଗ୍ ପର୍ଯ୍ୟାୟରେ ସୁପର ଗ୍ରାଣ୍ଡମାଷ୍ଟର ମ୍ୟାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଭାରତର ଅର୍ଜୁନ ଏରିଗାଏସୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମିଫାଇନାଲରେ ସେ ଭିନ୍‌ସେଣ୍ଟ କେମାର ଓ କାର୍ଲସେନ୍ ପ୍ରତିପକ୍ଷ ଫାବିଆନୋ କାରୁଆନୋଙ୍କୁ ଭେଟିବେ। ଦୀର୍ଘ ଏକ ବର୍ଷ ଧରି ଏହି ଟୁର୍ ଚାଲିଥାଏ। ସମସ୍ତ ଟୁର୍‌ର ପଏଣ୍ଟକୁ ନେଇ ୨୦୨୫ ଫ୍ରିଷ୍ଟାଇଲ ଚେସ୍ ଚାମ୍ପିଅନ୍ ଚୟନ କରାଯିବ। ଟୁର ଲିଗ୍‌ରେ ପ୍ରଥମ ସ୍ଥାନରେ ଥିବା କାର୍ଲସେନ୍ ଏଠାରେ ଚତୁର୍ଥ ସ୍ଥାନ ହାସଲ କଲେ ମଧ୍ୟ ଟାଇଟଲ ହାସଲ କରିବେ। ପୁରସ୍କାର ବାବଦରେ ଟ୍ରଫି ସହ ଏକ ଲକ୍ଷ ଡଲାର ବୋନସ ମଧ୍ୟ ପାଇବେ। ଅନ୍ୟ ଦୁଇଟି ସେମିରେ ଜାଭୋଖିର ସିନ୍ଦାରୋଭଙ୍କ ସହ ପାରହାମ ମଘସୁଦ୍‌ଲୁ, ଲେନୋଭୋ ଆରୋନିଆନଙ୍କ ସହ ହାନ୍ସ ନିଏମାନ ମୁକାବିଲା କରିବେ।



● ଆଇପିଏଲ୍ ମେଗା ଅକ୍ସନ

## ୨ କୋଟି ବେସ୍ ପ୍ରାଇସ୍‌ରେ ୪୦ ଖେଳାଳି

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)- ୨୦୨୬ର ମେଗା ଅକ୍ସନ ଲାଗି ଖେଳାଳି ପଞ୍ଜୀକରଣ ଶେଷ ହୋଇଛି। ଆବୁଧାବିରେ ଡିସେମ୍ବର ୧୬ ତାରିଖ ଦିନ ଏହି ଅକ୍ସନ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଡିସେମ୍ବର ୫ ତାରିଖ ସୁଦ୍ଧା ରିଟେନ କରିଥିବା ଖେଳାଳିଙ୍କ ନାମ ଜଣାଇବାକୁ କୁହାଯାଇଥିଲା। ଏହା ପରେ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଅକ୍ସନ ଲାଗି ୪୦ ଜଣ ଖେଳାଳି ରହିଛନ୍ତି। ଡେଭିଡ ମିଲର, ୱାନିନ୍ଦୁ ହାସରଙ୍ଗା, ରାଚିନ ରବୀନ୍ଦ୍ର, ଜୋସ୍ ଇଂଲିଶ, ଆନରିଚ୍ ନୋର୍ଜେ, ମୁସ୍ତାଫିଜୁର ରହମନଙ୍କ ପରି ଲୋକପ୍ରିୟ ଖେଳାଳି ରହିଛନ୍ତି। ଭାରତୀୟ ଖେଳାଳିଭାବେ ଭେଙ୍କଟେଶ ଆୟର ଓ ରବି ବିଷ୍ଣୋଇ ଏହି ତାଲିକାରେ ରହିଛନ୍ତି। ସୁପରଷ୍ଟାର ଗ୍ଲେନ୍ ମ୍ୟାକ୍ସୱେଲ, ଫାଫ ଡୁ ପ୍ଲେସିସ୍ ଓ ମୋଇନ ଅଲି ପାକିସ୍ତାନ ପ୍ରିମିୟର ଲିଗ୍ ଖେଳିବାକୁ ଘୋଷଣା କରିଥିବାରୁ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଅବସର ନେଇଥିବାରୁ ଆନ୍ଦ୍ରେ ରସେଲ ଓ ରବିଚନ୍ଦ୍ରନ ଅଶ୍ୱିନ ଏହି ଅକ୍ସନ ଲାଗି ଅଯୋଗ୍ୟ ଘୋଷିତ ହୋଇଛନ୍ତି।

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୧୨(ସମିସ)

କଟକର ଜବାହାରଲାଲ ନେହରୁ ଷ୍ଟାଡିୟମ୍‌ରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି ତୃତୀୟ ଅନ୍ତର୍ଜାତୀୟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍। ଏହି ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ। ଏଥର ପ୍ରତିଯୋଗିତାରେ ୧୪୭ ପୁରୁଷ ଓ ୧୩୭ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୫ଟି କାଟାଗୋରୀରେ ମ୍ୟାଚ ଖେଳାଯିବ। ଆଜି ପ୍ରଥମ ଦିନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ୍ ଖେଳାଯାଇଛି। ଏକ ଲକ୍ଷ ୧୦ ହଜାର ପୁରସ୍କାର ବିଶିଷ୍ଟ ଏହି ପ୍ରତିଯୋଗିତାର ସୁପରିଚାଳନା ଲାଗି ୱାର୍ଲ୍ଡ ବ୍ୟାଡମିଣ୍ଟନ ଫେଡେରେସନ ଦ୍ୱାରା ୪୬ ଜଣିଆ ମ୍ୟାଚ୍ ଅଫିସିଆଲଙ୍କୁ ମନୋନୀତ କରାଯାଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ବ୍ୟାଡ୍‌ମିଣ୍ଟନ ଏସିଆ ମ୍ୟାନେଜର ବେଣୁଗୋପାଳ ରାମଲିଙ୍ଗମ୍ ଓ ରାଜ୍ୟ ସଂଘ ସମ୍ପାଦକ ନିଲୀନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS